READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524


ଶରତ ଆଗମନରେ ହସୁଛି କାଶତଣ୍ଡୀ ....

ବର୍ଷ-୨ | ସଂଖ୍ୟା-୩୯ | ୦୮ - ୧୪ ଅକ୍ଟୋବର, ୨୦୧୮ | ଭୁବନେଶ୍ୱର | Monday Weekly | VOL-2 | ISSUE-39 | 08th - 14th OCTOBER, 2018 | BHUBANESWAR | ₹ 5/- (8 Pages)

### ମହାନଦୀରେ ପାଣି କମୁଛି, ଚାବି ମୋଡୁଛି ଛତିଶଗଡ

# ଆନ୍ଦୋଳନ ହାତେଇବାରେ ବିଜେଡି ବିଫଳ !

**ଭୁବନେଶ୍ୱର :** ମହାନଦୀକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଲାଗିଥିବା ବିବାଦର ସମାଧାନ ହୋଇନି। ହେଲେ ସମ୍ପ୍ରତି ଉପରମୁଣ୍ଡରେ ମହାନଦୀର ଚାବି ମୋଡି ଦେଇଛି ଛତିଶଗଡ଼। ଯାହାଫଳରେ ଓଡ଼ିଶା ରାଜନୀତିରେ ପୁଣି ମହାନଦୀକୁ ନେଇ ଉଷ୍ମତା ଦେଖାଦେଲାଣି। ଅଣ ମୌସୁମୀ ସମୟରେ ମହାନଦୀ ପାଣି ଅଟକାଇବା ଓ ମୌସୁମୀ ସମୟରେ ବ୍ୟାରେଜ୍ ଖୋଲିବାର ଧମକ ଦେବା ଛତିଶଗଡର ଅଭ୍ୟାସରେ ପରିଣତ ହୋଇଗଲାଣି । ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ବିଜେଡି, ଏକ୍ଷେତ୍ରରେ ଯେତିକି ତତ୍ପର ଓ ପଦକ୍ଷେପ ନେବା କଥା ତାହା ଦେଖାଯାଉନାହିଁ । ବରଂ ଏହାକୁ ରାଜନୈତିକ ପ୍ରସଂଗ କରି ଫାଇଦା ନେବାକୁ ଚାହୁଁଥିବା ଜଣାପଡୁଛି। ଏହି ଆଳରେ ବିଜେଡିର 'ବ' ଟିମ୍ କୁହାଯାଉଥିବା ମହାନଦୀ ବଂଚାଅ



ଆନ୍ଦୋଳନ ଗୋଷ୍ଠି କଂଗ୍ରେସରେ ମିଶିବା ପରେ ବିଜେଡି ପାଇଁ ଆହୁରି ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି । ବି'ଟିମ୍ କଂଗ୍ରେସ ହାତକୁ ଚାଲିଗଲା ବୋଲି ବିଚଳିତ ନୁହଁ, ବରଂ ଟିମ୍‌ର ଅଭିନବ ଆନ୍ଦୋଳନ ଓ ଏଥିରୁ ମିଳୁଥିବା ଜନସମର୍ଥନ ଚାଲିଯିବା ଏବଂ ନିଜର ତ୍ରୁଟିକୁ ନେଇ ଶାସକ ଦଳକୁ ତିରସ୍କାର ହେବାର ଭୟ ଘାରିଛି।

ଛତିଶଗଡ ସରକାର ମହାନଦୀ ଛାତିଉପରେ ବ୍ୟାରେଜ୍ ନିର୍ମାଣ କରିବା ଘଟଣା ଯେବେଠୁ ପଦାକୁ ଆସିଲା, ସେବେଠୁ ଓଡିଶା ରାଜନୈତିରେ ଏକ ଉଷ୍ମତା ଦେଖିବାକୁ ମିଳିଛି । ଛତିଶଗଡ ମୁଖ୍ୟମନ୍ତ୍ରୀ ରମଣ ସିଂ ସରକାର ତଥା ବିଜେପି ଦଳକୁ ଏକଘରିକିଆ ଆକ୍ରମଣ କରିବା ପାଇଁ ଉଭୟ ବିଜେଡି ଓ କଂଗ୍ରେସ କରିବାକୁ ସୁଯୋଗ ପାଇଥିଲେ । ଏହି ସୁଯୋଗରେ ବିଜେଡି ମହାନଦୀ ପ୍ରସଂଗକୁ ଆଧାର କରି ବିଜେପି ବିରୋଧରେ କଳଶ ଯାତ୍ରା ଓ ମହାନଦୀ ମହାସଂଗ୍ରାମ ଭଳି ଅଭିନବ ଆନ୍ଦୋଳନ ରଚନା କଲା ଏବଂ ରାଜ୍ୟବାସୀଙ୍କ ନିକଟତର ହେବାକୁ ପ୍ରୟାସ କରିଥିଲା । କଂଗ୍ରେସ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରକୁ ଏଥିରେ ଦାୟି କରାଇଲା । ତେବେ ଏହି ଆରୋପ ଓ ଆକ୍ଷେପରୁ ନିଜକୁ ବଂଚାଇବା ପାଇଁ ବିଜେପି ମଧ୍ୟ ସମ ପ୍ରୟାସ କରିଥିଲା । ଏହି ରାଜନୈତିକ ବାଦ-ବିବାଦ ତଥା କାଦୁଅ ଫିଙ୍ଗା-ଫୋପଡାରେ ମହାନଦୀ ପାଣି ଅଧିକ ଗୋଳିଆ ହେଲା ସିନା ପ୍ରସଙ୍ଗର ସ୍ପଷ୍ଟ ଚିତ୍ର ଲୋକଙ୍କ ପାଖରେ ପହଁଚିଲା ନାହିଁ କିମ୍ବା ମହାନଦୀକୁ ନେଇ ଓଡିଶାବାସୀ ଉଚିତ ନ୍ୟାୟ ପାଇପାରିବେ ବୋଲି ନିଶ୍ଚିତ ହୋଇପାରିଲେ ନାହିଁ । ଖାଲି ରାଜନୈତିକ ଦଳମାନେ ନୁହଁନ୍ତି, ରାଜ୍ୟର ଅନେକ ଗଣସଂଗଠନ ଓ ସ୍ୱେଚ୍ଛାସେବୀ ସଂସ୍ଥା ମଧ୍ୟ ମହାନଦୀ ପ୍ରସଂଗରେ ସ୍ୱର ଉଠାଇଲେ । ଠିକ୍ ଏହି ସମୟରେ ମହାନଦୀ ପ୍ରସଂଗକୁ ନେଇ ଗ୍ରୀନ୍ ଟ୍ରିବୁନାଲ୍‌ରେ ଏକ ଜନସ୍ୱାର୍ଥ ମାମଲା ଦାଏର୍ କରି ଲୋକଲୋଚନକୁ ଆସିଲା 'ଆଗାମୀ ଓଡିଶା' ଦ୍ୱାରା ପରିଚାଳିତ 'ମହାନଦୀ ବଂଚାଅ ଆନ୍ଦୋଳନ' । ଏହାର ଆବାହକ ସୁଦର୍ଶନ ଦାସ ଆଇନ ବଳରେ ଛତିଶଗଡ ସରକାରକୁ କାଠଗଡାରେ ଠିଆକରି ଯବାବ ମାଗିଲେ । କେବଳ ସେତିକି ନୁହଁ, ରାଜ୍ୟର ୧୩ଟି ରାଜନୈତିକ ଦଳକୁ ଗୋଟିଏ ମଂଚରେ ଏକତ୍ରିତ କରାଇ ସ୍ପଷ୍ଟିକରଣ ଚାହିଁବା ସହିତ ଦଳ ମତ ନିର୍ବିଶେଷରେ ମହାନଦୀ ➤ ପୃ-୬

# ଓଡ଼ିଶାକୁ ପର୍ଯ୍ୟଟକଙ୍କ ଆଗମନ ବଢ଼ୁଛି : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର :** ଉତ୍କୃଷ୍ଟ କଳାର ରାଜ୍ୟ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟ ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟଠାରୁ ଆରମ୍ଭ କରି ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରରେ ଯେଉଁ ବିପୁଳ ସମ୍ଭାର ରହିଛି ତାହା ସମସ୍ତଙ୍କୁ ଏକ ସ୍ୱତନ୍ତ୍ର ଅନୁଭବ ଆଣିଦେଇଥାଏ। ଯେଉଁଥିପାଇଁ ପର୍ଯ୍ୟଟକମାନେ ଓଡ଼ିଶାକୁ ଆସିବାକୁ ଭଲ ପାଆନ୍ତି। ସମ୍ପ୍ରତି ଆମ ରାଜ୍ୟକୁ କ୍ରମାଗତ ଭାବେ ପର୍ଯ୍ୟଟକଙ୍କ ଆଗମନ ବଢ଼ିଛି। ଯେଉଁଥିପାଇଁ ବାର୍ଷିକ ପ୍ରାୟ ୯ ପ୍ରତିଶତ ଅଭିବୃଦ୍ଧି ତୁଳନାରେ ଓଡ଼ିଶାର ହାର ଅଧିକ ରହିଛି। ଏଥନିକ୍ ଟୁରିଜିମ୍, ବୁଦ୍ଧିଷ୍ଟ ଟୁରିଜିମ୍ ଏବଂ ଇକୋ ଟୁରିଜିମ୍ ଭଳି ନୂଆ ପର୍ଯ୍ୟଟନ ଉତ୍ପାଦ ରାଜ୍ୟକୁ ଏକ ନୂତନ ସ୍ତରକୁ ନେବା ସହ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଫିକି ସହଯୋଗରେ ଦ୍ୱିତୀୟ ଥର ପାଇଁ ଆୟୋଜିତ ଓଡ଼ିଶା ଟ୍ରାଭେଲ୍ ବଜାରକୁ ଉଦ୍‌ଘାଟନ କରି ➤ ପୃ-୬




### ଭାରତ-ଋଷ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼

# ପ୍ରତିଷ୍ଠା ହେବ ୬ ପରମାଣୁ ଶକ୍ତି ପ୍ରକଳ୍ପ

**ନୂଆଦିଲ୍ଲୀ :** ଆମେରିକାର କଡା କଟକଣାକୁ ଡରିଯାଇନି ଭାରତ। ରାଜନୈତିକ ଓ ଯୋଜନାବଦ୍ଧ ସହଯୋଗିତା, ସାମରିକ ଓ ନିରାପତ୍ତା, ଅର୍ଥନୈତିକ, ଶକ୍ତି, ଶିଳ୍ପ, ବିଜ୍ଞାନ ଓ ପ୍ରଯୁକ୍ତି ତଥା ସଂସ୍କୃତିକ ମାନବିକ ସହଯୋଗିତାର ନୈତିକ ସ୍ତମ୍ଭ ଉପରେ ଆଧାରିତ ସ୍ୱରକୁ ଦୁଇଦେଶ ଏକାଠି କରିଛନ୍ତି। ରୁଷିଆଠାରୁ ଏସ୍-୪୦୦ କ୍ଷେପଣାସ୍ତ୍ର ସିଷ୍ଟମ କିଣିବାକୁ ଚୁକ୍ତି ସ୍ୱାକ୍ଷର କରିଛି। ଏଥିସହ ମହାକାଶ, ଆଣବିକ ଶକ୍ତି ଓ ରେଳବାଇ ଆଦି କ୍ଷେତ୍ରରେ ସହଯୋଗ ଲାଗି ଏହି ୨ ଦେଶ ମଧ୍ୟରେ ୮ଟି ଚୁକ୍ତିନାମା କରାଯାଇଛି। ଏସ୍-୪୦୦ ପାଇଁ ଭାରତ ରୁଷ୍‌କୁ ୫୪୩ କୋଟି ଡଲାର ବା ୪୦ ହଜାର କୋଟି ଟଙ୍କା ପୈଠ କରିବ। ଭାରତ ଗସ୍ତରେ ଆସିଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ



ଉଭୟ ଦେଶ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଭାରତୀୟ ଉପମହାଦେଶରେ ସାମରିକ ଭାରସାମ୍ୟ ରକ୍ଷା କରିବା ଉଦ୍ଦେଶ୍ୟରେ ଭାରତ ଏହି କ୍ଷେପଣାସ୍ତ୍ର କିଣୁଛି ବୋଲି ବିଶେଷଜ୍ଞ ମହଲ ମତ ଦେଉଛନ୍ତି। ପୂର୍ବରୁ ଭାରତ ସରକାର ରୁଷିଆର ପୂର୍ବସୂରୀ ସୋଭିଏଟ୍ ରୁଷ ସହିତ ବହୁ ବଡ଼ ବଡ଼ ସାମରିକ ଚୁକ୍ତି ସ୍ୱାକ୍ଷର କରିଥିଲେ। କିନ୍ତୁ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେଲା ପରେ ଭାରତ ସରକାର ଆମେରିକା ସହିତ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ସାମରିକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଗତ କେଇ ବର୍ଷ ମଧ୍ୟରେ ଆମେରିକା ଓ ଭାରତ ମଧ୍ୟରେ ପ୍ରତିରକ୍ଷା ସହଯୋଗ ବୃଦ୍ଧି ପାଇଛି। ଏଭଳି ସମୟରେ ରୁଷିଆ ସହିତ ଏସ୍-୪୦୦ କ୍ଷେପଣାସ୍ତ୍ର କ୍ରୟ ଚୁକ୍ତି ନକରିବାକୁ ଆମେରିକା ଭାରତକୁ ଚେତାବନୀ ଦେଇଥିଲା। କିନ୍ତୁ ଭାରତ ତାହା ମାନି ନାହିଁ। ➤ ପୃ-୬

### ପୋଲାଭରମ୍ ଚୂଡାନ୍ତ ଶୁଣାଣି ନେଇ ଦିନ ଧାର୍ଯ୍ୟ

# ନଭେମ୍ବର ୧୫ରେ

**ଭୁବନେଶ୍ୱର :** ବିବାଦୀୟ ଇନ୍ଦ୍ରସାଗର ପୋଲାଭରମ୍ ପ୍ରକଳ୍ପ ନେଇ ସୁପ୍ରିମ୍‌କୋର୍ଟ ସେପ୍ଟେମ୍ବର ୧୫ରେ ଚୂଡ଼ାନ୍ତ ଶୁଣାଣି ପାଇଁ ଦିନଧାର୍ଯ୍ୟ କରିଛନ୍ତି। କେନ୍ଦ୍ର ସରକାରଙ୍କଠାରୁ ପୋଲାଭରମ୍ ପ୍ରକଳ୍ପର ଫେରନ୍ତା ପାଣିର ପ୍ରଭାବ ସମ୍ପର୍କରେ ଉତ୍ତର ପାଇବା ପରେ ଆଉ ଗବେଷଣାର ଆବଶ୍ୟକତା ନାହିଁ ବୋଲି କୋର୍ଟ କହିଛନ୍ତି। ୨୦୧୮ ଫେବୃଆରୀରେ ସୁପ୍ରିମ୍‌କୋର୍ଟ ତାଙ୍କ ରାୟରେ ଆନ୍ଧ୍ରପ୍ରଦେଶ ସରକାରଙ୍କୁ ପ୍ରକଳ୍ପ ବନ୍ଦ ପାଇଁ ନିର୍ଦ୍ଦେଶ



ଦେଇପାରିବେ ନାହିଁ ବୋଲି କହିଥିଲେ। ଏହାସହ ପରିବେଶ ସଂରକ୍ଷଣ ଆଇନ ୧୯୮୬ ଏବଂ ଗୋଦାବରୀ ଜଳ ବିବାଦ ଟ୍ରିବ୍ୟୁନାଲ୍‌ଙ୍କ ୧୯୮୦ ମସିହାର ନିର୍ଦ୍ଦେଶ ➤ ପୃ-୬

# ଡେନିସ୍ ଓ ନାଦିଆଙ୍କୁ ମିଳିବ ନୋବେଲ ଶାନ୍ତି ପୁରସ୍କାର

**ଓସ୍ଲୋ :** ଚଳିତ ବର୍ଷ ବିଶ୍ୱର ସର୍ବୋଚ୍ଚ ଶାନ୍ତି ପୁରସ୍କାର ପାଇବେ



କଙ୍ଗୋର ଡେନିସ୍ ମୁକବେଗେ ଏବଂ ଇରାକର ନାଦିଆ ମୁରାଦ। ଯୁଦ୍ଧ ସମୟରେ ଯୌନହିଂସାକୁ ଅସ୍ତ୍ର ଭାବେ ଉପଯୋଗ କରିବାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଏମାନଙ୍କ ଅବଦାନ ଅବିସ୍ମରଣୀୟ। ଏଥିପାଇଁ ➤ ପୃ-୬

## ବକ୍ରବାଣୀ



ମୁଖିଆ ବେଳକୁ ଲମ୍ବା ଧାଡି ହୁଏ
ଭୋଟ ଲଢ଼ିବାକୁ କଛା ଖୋଲି ଯାଏ
ଅଠର ବରଷେ ଶହେ ଛୁଇଁଲେନି
ଚାରି ଦଶ ଚାରି ଗାର ଡେଇଁଲେନି
ତୁମେ ସରକାର କେମିତି ଗଢ଼ିବ
ଟିକଟ ବାଣ୍ଟୁ ବାଣ୍ଟୁ ତ ହୋସ ଉଡିବ
ଏବେ ଜାଲ ବିଛେଇ ବସି ଗଲକି
ଘୋଡା ନଚେଇ ବାକୁ ମନ କଲକି
ଘୋଡା ବି ଆସିବେ ସତରେ ନାଚିବେ
ଦିଇ ଭାଇ ମିଶି ମିଠେଇ ବାଣ୍ଟିବେ।

—— ଟୁଟୁ

### ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ଉପକୃତ ହେବେ ୨୫ଲକ୍ଷ ଗରିବ ହିତାଧିକାରୀ

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କାର୍ଯ୍ୟକ୍ରମ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ରାଜ୍ୟର ୪ ଜିଲ୍ଲାର ହିତାଧିକାରୀଙ୍କ ସହ ସିଧାସଳଖ କଥାବାର୍ତ୍ତା ହୋଇଥିଲେ। ଏହି ଯୋଜନା ମାଧ୍ୟମରେ ହିତାଧିକାରୀଙ୍କୁ ରାସନକାର୍ଡ ବିତରଣ କରାଯାଇ ଏକ ଟଙ୍କାରେ ଚାଉଳ ବିତରଣ କରାଯିବ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନରୁ ବଞ୍ଚିତ ୨୫ ଲକ୍ଷ ଗରିବ ହିତାଧିକାରୀ ଏଥିରେ ଉପକୃତ ହେବେ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧୮ ଲକ୍ଷ ୩୨ ହଜାର ହିତାଧିକାରୀଙ୍କୁ ସାମିଲ କରାଯିବ। ଅବଶିଷ୍ଟ ୩ ଲକ୍ଷ ୮୬ ହଜାର ହିତାଧିକାରୀଙ୍କୁ ଆସନ୍ତା ମାସ




୧୦ ତାରିଖ ସୁଦ୍ଧା ଏଥିରେ ସାମିଲ କରାଯିବାର ପ୍ରସ୍ତାବ ରହିଛି। ରାଜ୍ୟର ୬ ଲକ୍ଷ ୭୦ ହଜାର ପରିବାର ଏହି ଯୋଜନା ମାଧ୍ୟମରେ ଉପକୃତ ହେବେ। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ଏହି ଯୋଜନାର ଶୁଭାରମ୍ଭ କରି ଖୁସିବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗରିବ ଲୋକଙ୍କ ସେବା ପାଇଁ କେବେହେଲେ ଟଙ୍କାର ଅଭାବ ରହିବ ନାହିଁ। ରାଜ୍ୟର ଜଣେ ବି ଗରିବ ଲୋକକୁ ଖାଦ୍ୟ ସୁରକ୍ଷାରେ ବଞ୍ଚିତ ହେବାକୁ ଦିଆଯିବ ନାହିଁ। ୨୦୦୮ରୁ ରାଜ୍ୟ ସରକାର ୨ ଟଙ୍କାରେ ଓ ୨୦୧୩ରେ ୧ ଟଙ୍କାରେ ଗରିବଙ୍କୁ ➤ ପୃ-୬



ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। କୌଣସି ବଡ କମ୍ପାନୀରେ ଆପଣଙ୍କୁ ଚାକିରର ପ୍ରସ୍ତାବ ମିଳିପାରେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ।

**ବୃଷ** ସମାଜ ସେବାରେ ସମୟ ଅତିବାହିତ ହେବ। ବନ୍ଧୁକ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ପରିବାରରେ ଶାନ୍ତି ବଜାୟ ରହିବ। ନୂତନ କାର୍ଯ୍ୟରେ ଯୋଗ ଦେଇପାରନ୍ତି।

**ମିଥୁନ** ଭାଇଙ୍କ ସହଯୋଗରେ ଆୟର ନୂତନ ସ୍ରୋତ ପ୍ରସ୍ତୁତ ହେବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ।

**କର୍କଟ** ଆର୍ଥିକ ପରିସ୍ଥିତି ସୁଧାର ଆସିବ। ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ପୂଜାପାଠରେ ମନ ଅଧିକ ଲାଗି ରହିବ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ଦୁର୍ଘଟଣା ଘଟିପାରେ। ନୂତନ କର୍ମକ୍ଷେତ୍ରରେ ଯୋଗଦେବେ।

**ସିଂହ** କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ। ବ୍ୟବସାୟୀମାନେ ଲାଭବାନ୍ ହେବେ।

**କନ୍ୟା** ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଲାଗି ରହିଥିବା ବିବାଦର ସମାଧନ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଶୁଭଫଳ ପାଇବେ।

**ତୁଳା** ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ।

**ବିଛା** ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। ରାଜନୈତିକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ଧନୁ** ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ନୂତନବନ୍ଧୁଙ୍କ ଠାରୁ ଆର୍ଥିକ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ।

**ମକର** କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ରହିପାରନ୍ତି। ବ୍ୟବସାୟୀମାନେ ବ୍ୟବସାୟରେ ଲାଭବାନ୍ ହେବେ।

**କୁମ୍ଭ** ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ଶରୀର ପ୍ରତି ସତର୍କ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବନ୍ଧୁମିଳନ ଘଟିପାରେ। ଦୂର ସ୍ଥାନ ଭ୍ରମଣର ଯୋଗ ରହିଛି।

**ମୀନ** ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ହାସଲ କରିବେ। ଯାନବାହନ ଠାରୁ ଦୂରେଇ ରୁହନ୍ତୁ। ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେବ। ରାଜନୈତିକ ବ୍ୟକ୍ତିମାନେ ଚିନ୍ତିତ ରହିବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

## ରେପୋ ରେଟ୍ ଅପରିବର୍ତ୍ତିତ

**ନୂଆଦିଲ୍ଲୀ :** ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଚତୁର୍ଥ ମୁଦ୍ରା ନୀତି ଘୋଷଣା କରାଯାଇଛି। ସବୁ ଆକଳନକୁ ପଛରେ ପକାଇ ରିଜର୍ଭ ବ୍ୟାଙ୍କ ରେପୋ ରେଟ୍( ସ୍ୱଳ୍ପ ମିଆଦୀ ଋଣ ସୁଧ ହାର)କୁ ଅପରିବର୍ତ୍ତିତ ରଖିଥିବା ବେଳେ ଏହା ପୁଞ୍ଜି ବଜାରକୁ ଚକିତ କରିଛି। ସାଂପ୍ରତିକ ଆର୍ଥିକ ସ୍ଥିତିରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଅତି କମ୍‌ରେ ରେପୋ ରେଟ୍‌ରେ ୨୫ ପଏଣ୍ଟ ବୃଦ୍ଧି କରିବେ ବୋଲି ବିଶିଷ୍ଟ ଅର୍ଥନୀତିଜ୍ଞ ମାନଙ୍କ ଠାରୁ ଆରମ୍ଭ କରି ବଜାର ବିଶେଷଜ୍ଞମାନେ ଆକଳନ କରିଥିଲେ। ହେଲେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଉର୍ଜିତ ପଟେଲଙ୍କ ଅଧ୍ୟକ୍ଷତାରେ ଗଠିତ ଛଅ ଜଣିଆ ମନିଟାରୀ ପଲିସି କମିଟି(ଏମ୍‌ପିସି) ଏଥିରୁ ବିରତ ରହିବା ସହ 'କ୍ୟାଲିବରେଟେଡ୍ ଟାଇଟ୍‌ନିଂ ଷ୍ଟାନ୍ସ' ଆଧାରରେ ରେପୋ ରେଟ୍‌ରେ କୌଣସି ବୃଦ୍ଧି ନକରି ଏହାକୁ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛନ୍ତି। ଏହା ପୂର୍ବରୁ ରେପୋ ରେଟ୍‌ରେ ଦୁଇ ଦୁଇଥର ବୃଦ୍ଧି କରାଯାଇଛି। ଚଳିତ ଆର୍ଥିକ ବର୍ଷର ପ୍ରାରମ୍ଭରେ ୫ ଏପ୍ରିଲରେ ରେପୋ ରେଟ୍ ୬ ପ୍ରତିଶତ ରହିଥିଲା ବେଳେ ପରବର୍ତ୍ତୀ ସମୀକ୍ଷା ବୈଠକରେ ଅର୍ଥାତ୍ ୬ ଜୁନ୍‌ରେ ଏଥିରେ ୨୫ ବେସିସ୍ ପଏଣ୍ଟ ବୃଦ୍ଧି କରାଯାଇଥିଲା। ଏହାପରେ ମଧ୍ୟ ଅଗଷ୍ଟ ପହିଲାରେ ଅନୁଷ୍ଠିତ ବୈଠକରେ ରେପୋ ରେଟ୍‌ରେ ୨୫ ପଏଣ୍ଟ ବୃଦ୍ଧି କରାଯାଇ ଏହାକୁ ୬.୫ ପ୍ରତିଶତ ରଖାଯାଇଥିଲା। ତେଣୁ ଚଳିତ ସମୀକ୍ଷା ବୈଠକରେ ଏଥିରେ ଆଉ ବୃଦ୍ଧି ନକରିବାକୁ ଏମପି କମିଟିର ଅଧିକାଂଶ ସଦସ୍ୟ ଅସମ୍ମତ ହୋଇଥିବା ଜଣାପଡିଛି। ୬ ଜଣିଆ ବିଶିଷ୍ଟ ଏମ ପି କମିଟି ସଦସ୍ୟଙ୍କ ମଧ୍ୟରୁ କେବଳ ଏକମାତ୍ର ସଦସ୍ୟ ଭାବେ ଚେତନ ଘାଟେ ରୋପୋ ରେଟ୍‌ରେ ବୃଦ୍ଧି ଆଣିବାକୁ ଭୋଟ୍ ଦେଇଥିଲା ବେଳେ ସର୍ବାଧିକ କମିଟି ସଦସ୍ୟ ରୋପୋ ରେଟ୍‌କୁ ଅପରିବର୍ତ୍ତିତ ରଖିବାକୁ ଭୋଟ୍ ଦେଇଥିଲେ। ଫଳରେ ରେପୋ ରେଟ୍‌ରେ କୌଣସି ବୃଦ୍ଧି କରାଯାଇନଥିବା ଜଣାପଡିଛି।

## ଇରାନରୁ ତୈଳ ଆମଦାନୀ ଜାରି ରଖିବ ଭାରତ



**ନୂଆଦିଲ୍ଲୀ :** ଭାରତ ଇରାନରୁ ତୈଳ ଆମଦାନୀ ଜାରି ରଖିବ ବୋଲି ସ୍ପଷ୍ଟ ସଂକେତ ଦେଇଛି। ରାଷ୍ଟ୍ରାୟତ୍ତ ତୈଳ ବିଶୋଧନାଗାରଗୁଡ଼ିକ ୧.୨ ନିୟୁତ ଟନ୍ ଅଶୋଧିତ ତୈଳ ଏହି ପାରସ୍ୟ ଉପସାଗରୀୟ ରାଷ୍ଟ୍ରରୁ ଆମଦାନୀ କରିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ଶିଳ୍ପସଂସ୍ଥାର ଉଚ୍ଚ ମହଲ ସୂତ୍ରରୁ ଜଣାପଡ଼ିଛି ଯେ, ଭାରତୀୟ ତୈଳ ନିଗମ ଓ ମାଙ୍ଗାଲୋର ରିଫାଇନାରୀ ଓ ପେଟ୍ରୋ କେମିକାଲ୍ସ ଲିମିଟେଡ୍ ଇରାନରୁ ନଭେମ୍ବରରେ ତୈଳ ଆମଦାନୀ କରିବେ। ଉଲ୍ଲେଖଯୋଗ୍ୟ ଯେ, ସେବେଠାରୁ ଇରାନର ତୈଳ ରପ୍ତାନି ଉପରେ ଆମେରିକାର କଟକଣା ଲାଗୁ ହେବ। ଏହି ସୂତ୍ରରେ କୁହାଯାଇଛି, ଭାରତୀୟ ତୈଳ ନିଗମ ଇରାନରୁ ପ୍ରତି ମାସରେ ତୈଳ ଆମଦାନୀ ଜାରି ରଖିଛି। ୨୦୧୮ ଆର୍ଥିକ ବର୍ଷରେ ୯୦ ଲକ୍ଷ ଟନ୍ ତୈଳ ଆମଦାନୀ କରିବାକୁ ଏହାର ଯୋଜନା ଥିଲା। ଇରାନର ତୈଳ ରପ୍ତାନି ଉପରେ ଆମେରିକାର କଟକଣା ନଭେମ୍ବର ୪ରୁ ଲାଗୁ ହେଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ମେ' ମାସରେ ଇରାନ ସହ ୨୦୧୫ର ଆଣବିକ ଚୁକ୍ତିରୁ ଓହରିଯିବା ପରେ ପରିସ୍ଥିତି ଜଟିଳ ହୋଇଛି। ଅଗଷ୍ଟ ୬ରୁ କେତେକ କଟକଣା ଲାଗୁ ହୋଇଛି। ତେବେ ତୈଳ ଓ ବ୍ୟାଙ୍କିଙ୍ଗ୍ ସେକ୍ଟରରେ ନଭେମ୍ବର ୪ରୁ ଏହି କଟକଣା ଲାଗୁ ହେବ। ଇତିମଧ୍ୟରେ ନୈଆରା ଏନର୍ଜି (ପୂର୍ବତନ ଏସାର୍ ଅଏଲ୍) ମଧ୍ୟ ଇରାନରୁ ତୈଳ ଆମଦାନୀ ବନ୍ଦ କରିଦେଇଛନ୍ତି। ପ୍ରଥମ ପର୍ଯ୍ୟାୟ କଟକଣା ସମୟରେ ଯେତେବେଳେ ୟୁରୋପୀୟ ସଂଘ ଆମେରିକା ସହ ସାମିଲ ହେଲା, ଭାରତ ସେତେବେଳେ ଇରାନକୁ ତୈଳ ବାବଦ ଅର୍ଥ ତୁର୍କୀ ବ୍ୟାଙ୍କ୍ ଜରିଆରେ ପ୍ରଦାନ କଲା। କିନ୍ତୁ ୨୦୧୩ ଫେବୃଆରୀ ଆରମ୍ଭରୁ ଆମଦାନୀ କରୁଥିବା ବିଲ୍‌ର ଅର୍ଦ୍ଧେକ ଟଙ୍କାରେ ପରିଶୋଧ କରିଥିଲା ବେଳେ ବାକି ଦେୟ କଟକଣା ଉଠିବା ପରେ ପ୍ରଦାନ କରିଥିଲା। ଇରାକ ଓ ସାଉଦୀ ଆରବ ପରେ ଇରାନ ହେଉଛି ଭାରତର ୩ୟ ବୃହତ୍ତମ ତୈଳ ଯୋଗାଣକାରୀ ରାଷ୍ଟ୍ର।

## ପୁଣି ଏକ ଚନ୍ଦ୍ର ଠାବ



**ୱାଶିଂଟନ୍ :** ଆମ ସୌରଜଗତ ବାହାରେ ଜ୍ୟୋତିର୍ବିଦ୍‌ମାନେ ନେପଚୁନ୍ ଆକାରର ଆଉ ଏକ ନକ୍ଷତ୍ର ଠାବ କରିଛନ୍ତି। ଏହାକୁ ସେମାନେ 'ଏକ୍ସୋମୁନ୍' ବୋଲି କହୁଛନ୍ତି। ପୃଥିବୀପୃଷ୍ଠରୁ ପ୍ରାୟ ୮ ହଜାର ଆଲୋକବର୍ଷ ଦୂରତାରେ ଏହି ଉଜ୍ଜ୍ୱଳ ଜ୍ୟୋତିଷ୍କ ଅବସ୍ଥାନ କରିଛି। ଆମ ସୌରଜଗତରେ ପ୍ରାୟ ୨୫୦ ଉପଗ୍ରହ ଘୁରି ବୁଲୁଛନ୍ତି। ଜ୍ୟୋତିର୍ବିଦମାନେ ସୌରଜଗତ ବାହାରେ ଏକ୍ସୋପ୍ଲାନେଟ୍ ଠାବ କରିଛନ୍ତି। କଲମ୍ବିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଡେଭିଡ୍ କିପିଙ୍ଗ ହୁବଲ ଦୂରବୀକ୍ଷଣ ଯନ୍ତ୍ର ସହାୟତାରେ ଏକ୍ସୋମୁନ୍ ଠାବ କରିଛନ୍ତି। ଗତ ଦଶବର୍ଷ ଧରି ତାଙ୍କ ଆଖି ମହାକାଶକୁ ଖନ୍ଦାଳୁଛି। ଏକ୍ସୋପ୍ଲାନେଟ୍ କେପଲେର-୧୬୨୫ବିକୁ ପ୍ରଦକ୍ଷିଣ କରୁଥିବା ଚନ୍ଦ୍ରର ଆକାର ଆମ ସୌରଜଗତର ନେପଚୁନ୍ ଗ୍ରହ ସହ ସମାନ।

## ୬ ଫୁଟିଆ ଘରେ ୪୦ ବର୍ଷ

**ଲଣ୍ଡନ୍ :** ଦୀର୍ଘ ୪୦ ବର୍ଷ ହେବ ମାତ୍ର ଛଅଫୁଟ୍ ଉଚ୍ଚତା ବିଶିଷ୍ଟ ଏକ ଘରେ ରହି ଆସୁଥିବା ଜନୈକ ବ୍ୟକ୍ତିଙ୍କୁ ଶେଷରେ ବ୍ରିଟେନ ଅଧିକାରୀଗଣ ହଟାଇବାରେ ସକ୍ଷମ ହୋଇଛନ୍ତି। ଯାହା ସୂଚନା ମିଳିଛି ୫୮ ବର୍ଷୀୟ ଏହି ବ୍ୟକ୍ତିଜଣକ କମ୍ବରିଆ ଅଞ୍ଚଳର ଚାର୍ଲସ୍‌ଲେରେ ରହୁଥିଲେ। ଆଧୁନିକ ଦାସତ୍ୱ ପ୍ରଥାର ଶିକାର ଏହି ବ୍ୟକ୍ତିଙ୍କୁ ଉକ୍ତ କୋଠରୀରୁ ଉଦ୍ଧାର କରାଯିବା ପରେ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୀଡିତଙ୍କୁ ଶୋଷଣ କରୁଥିବା ସନ୍ଦେହରେ ଜନୈକ ୭୯ ବର୍ଷୀୟ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ବଗିଚାର ଗୋଟିଏ କୋଣରେ ତିଆରି କରାଯାଇଥିବା ଛ' ଫୁଟିଆ ଘରେ ଗୋଟିଏ ଟିଭି, ବୈଦ୍ୟୁତିକ ହିଟର୍ ଓ ଛିଣ୍ଡା କାର୍ପେଟ୍‌ଟିଏ ପଡ଼ିଥିବା ଦେଖିବାକୁ ମିଳିଥିଲା।

## ଚଳିତବର୍ଷ କମିଯିବ କି କୃଷି ଉତ୍ପାଦନ

**ନୂଆଦିଲ୍ଲୀ :** ମୌସୁମୀ ପ୍ରବାହର ଅନିୟମିତତାକୁ ନେଇ ଚଳିତବର୍ଷ କୃଷି ଉତ୍ପାଦନ ପୂର୍ବ ବର୍ଷ ତୁଳନାରେ ୫୦ ପ୍ରତିଶତ ହ୍ରାସ ପାଇବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଚଳିତ ବର୍ଷ ଜୁନରୁ ସେପ୍ଟେମ୍ବର ମାସ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରବାହରେ ଅନିୟମିତତା ଦେଖାଯିବା ସହ ସମଗ୍ର ଦେଶରେ ହାରାହାରି ଭାବେ ୯ ପ୍ରତିଶତ କମ୍ ବର୍ଷା ହୋଇଥିବାରୁ ଚଳିତ ବର୍ଷ କୃଷି ଉତ୍ପାଦନ ଯଥେଷ୍ଟ ଭାବେ ପ୍ରଭାବିତ ହେବ ବୋଲି ଏକ ରିପୋର୍ଟରେ କୁହାଯାଇଛି। ଫଳରେ ଗତ ଆର୍ଥିକ ବର୍ଷରେ ଉତ୍ପାଦନ ହାର ୬.୩ ପ୍ରତିଶତ ତୁଳନାରେ ଚଳିତ ବର୍ଷ ଏହା ୩ରୁ ୩.୨ ପ୍ରତିଶତକୁ ଖସି ଆସିବ ବୋଲି କୁହାଯାଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ବିଶେଷ କରି ଉତ୍ତର ଭାରତରେ ସର୍ବାଧିକ ଭାବେ ବର୍ଷା ହ୍ରାସ ପାଇଥିବା ବେଳେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟମାନଙ୍କରେ ୨୪ ପ୍ରତିଶତ କମ୍ ବର୍ଷା ହୋଇଛି। ସେହିଭଳି ଦେଶର ଆଭ୍ୟନ୍ତରୀଣ ଭାଗରେ ମୌସୁମୀର ପ୍ରାଥମିକ ପ୍ରବାହ ଉତ୍ତମ ରହିଥିଲେ ହେଁ ପରବର୍ତ୍ତୀ ସମୟରେ ଏହା ଆଶାଜନକ ହୋଇପାରି ନଥିବା କୁହାଯାଇଛି। ଫଳରେ ଦେଶର ସାମଗ୍ରିକ କୃଷି ଉତ୍ପାଦନ କ୍ଷେତ୍ରରେ କଳା ବାଦଲ ସୃଷ୍ଟି ହେବା



ସହ ଉତ୍ପାଦନ ଯଥେଷ୍ଟ ଭାବେ ପ୍ରଭାବିତ ହେବ ବୋଲି ରେଟିଂ ଏଜେନ୍ସି ଆଇସିଆରଏ ପକ୍ଷରୁ କୁହାଯାଇଛି। ଏହି ଏଜେନ୍ସି ପକ୍ଷରୁ କରାଯାଇଥିବା ଆକଳନ ଅନୁଯାୟୀ ୨୦୧୮-୧୯ ଆର୍ଥିକ ବର୍ଷରେ କୃଷି, ଜଙ୍ଗଲଜାତ ଦ୍ରବ୍ୟ ଏବଂ ମତ୍ସ୍ୟ ଉତ୍ପାଦନରେ ମାତ୍ର ୩.୨ ପ୍ରତିଶତ ଅଭିବୃଦ୍ଧି ଘଟିବାର ସମ୍ଭାବନା ରହିଛି। କୃଷକମାନଙ୍କ ଆୟକୁ ଦ୍ୱିଗୁଣିତ କରିବା ସହ କୃଷିଜାତ ଶସ୍ୟର ଏମଏସପି ବୃଦ୍ଧି ଏବଂ କୃଷି ଋଣ ଛାଡ ଆଦି ପାଇଁ କେନ୍ଦ୍ର ସରକାର ବିଭିନ୍ନ ଉପାୟରେ ଯୋଜନା ପ୍ରଣୟନ କରିଥିଲେ ମଧ୍ୟ ପୂର୍ବ ବର୍ଷ ତୁଳନାରେ କୃଷି ଉତ୍ପାଦନ ହ୍ରାସ ପାଇବ ବୋଲି ରିପୋର୍ଟରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବିଭିନ୍ନ ଯୋଜନାର ପ୍ରଣୟନ ମାଧ୍ୟମରେ ୨୦୨୨ ସୁଦ୍ଧା କୃଷକମାନଙ୍କ ଆୟ ପରିମାଣକୁ ଦ୍ୱିଗୁଣିତ କରିବା ସହ ପ୍ରତିବର୍ଷ ୭ ରୁ ୮ ପ୍ରତିଶତ ଅଭିବୃଦ୍ଧିରେ କୃଷି ଉତ୍ପାଦନ ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିଲେ।

## ଜାନୁଆରୀରୁ ଗଡ଼ିବ ଦେଶର ପ୍ରଥମ ଇଞ୍ଜିନ୍ ବିହୀନ ରେଳ

**ନୂଆଦିଲ୍ଲୀ :** ୨୦୧୯ ଜାନୁଆରୀରୁ ଦେଶର ପ୍ରଥମ ଇଞ୍ଜିନ୍ ବିହୀନ ଟ୍ରେନ୍ 'ଟ୍ରେନ୍-୧୮' ଭାରତୀୟ ଟ୍ରାକ୍‌ରେ ଚଳାଚଳ ଆରମ୍ଭ କରିବ। ଦିଲ୍ଲୀ-ଭୋପାଳ ରୁଟ୍‌ରେ ଚଳାଚଳ କରୁଥିବା ଶତାବ୍ଦୀ ଏକ୍ସପ୍ରେସ ପ୍ରତି ବଦଳରେ ଏହି ଧରଣର ପ୍ରଥମ ଇଞ୍ଜିନ୍ ବିହୀନ ଟ୍ରେନ୍ ଚାଲିବାକୁ ଥିବା ବେଳେ ଭୋପାଳ ସ୍ଥିତ ହବିବ୍‌ଗଞ୍ଜ ଠାରେ ନିର୍ମିତ ଭାରତର ପ୍ରଥମ ବିଶ୍ୱସ୍ତରୀୟ ରେଳ ଷ୍ଟେସନର ମଧ୍ୟ ଉଦ୍‌ଘାଟନ କରାଯିବ। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ନୂତନ ଟର୍ମିନାଲ ହବ୍‌କୁ ଶତାବ୍ଦୀ ଭଳି ସେମିହାଇସ୍ପିଡ୍ ଟ୍ରେନରେ ଯାତ୍ରା କରିବାକୁ ଏବେ ଠାରୁ ଯାତ୍ରୀ ମହଲରେ ଉତ୍ସୁକତା ଦେଖାଯାଇଛି। ଚେନ୍ନାଇ ସ୍ଥିତ ଇଣ୍ଟିଗ୍ରାଲ କୋଚ୍ ଫାକ୍ଟ୍ରିରେ ନିର୍ମାଣ କରାଯାଇଥିବା ଟ୍ରେନ୍-୧୮ର ଚଳାଚଳକୁ ନେଇ ଆସନ୍ତା କିଛି ମାସ ମଧ୍ୟରେ ଆରଡିଏସଓ ଦ୍ୱାରା ଏହାର ସଂପୂର୍ଣ୍ଣ ପରୀକ୍ଷା ନିରୀକ୍ଷା କରାଯିବ। 'ସେଲ୍ଫ ପ୍ରୋପେଲ୍ଡ' ବ୍ୟବସ୍ଥାରେ କାର୍ଯ୍ୟ କରୁଥିବା ଏହି ଟ୍ରେନ୍‌ରେ ସମସ୍ତ ଚେୟାରକାର ବଗି ଶୀତତାପ ନିୟନ୍ତ୍ରିତ ହୋଇଥିବା ବେଳେ ଏହା ଘଣ୍ଟା ପ୍ରତି ୧୬୦ କିମି ବେଗରେ ଗତି କରିବ।



ଏହା ବ୍ୟତୀତ ଏହି ଟ୍ରେନ୍‌ରେ ପାଶ୍ଚାତ୍ତ ଢଙ୍ଗରେ ସିଟ୍ ପ୍ରସ୍ତୁତ କରାଯାଇଛି। ସେହିପରି ପ୍ରତ୍ୟେକ ସିଟ୍‌ରେ ରିଡିଙ୍ଗ ଲାଇଟ୍, ମୋବାଇଲ ଚାର୍ଜିଂ ପଏଣ୍ଟ, ଏଲଇଡି ଆଲୋକ ବ୍ୟବସ୍ଥା ସହ ଲଗାତର ୱିଣ୍ଡୋ,ମଡ୍ୟୁଲାର ବାୟୋ ଭ୍ୟାକୁମ୍ ଟଏଲେଟ୍, ସ୍ୱୟଂଚାଳିତ ଡୋର୍ ବ୍ୟବସ୍ଥା ଏବଂ ସ୍ନାକ୍ସ ମିନି ପ୍ୟାଣ୍ଟ୍ରି ବ୍ୟବସ୍ଥା ରହିଛି।

## ଆଧାର ପାଇଁ ଅଫ୍‌ଲାଇନ ଯାଞ୍ଚ

**ନୂଆଦିଲ୍ଲୀ :** ପ୍ରାଇଭେସୀ ଏବଂ ଡାଟା ସୁରକ୍ଷା ସମସ୍ୟାକୁ ଦୂର କରିବା ଦିଗରେ କେନ୍ଦ୍ର ସରକାର ବର୍ତ୍ତମାନ ଆଧାର କାର୍ଡର ଭେରିଫିକେସନ୍ ପାଇଁ ଅଫ୍‌ଲାଇନ୍ ଉପାୟକୁ ଜୋର୍ ଦେଉଛନ୍ତି। ଏଥିରେ ଅଥେଣ୍ଟିକେସନ୍ ବା ପ୍ରମାଣିକରଣ ପାଇଁ ଭାରତୀୟ ବିଶିଷ୍ଟ ଚିହ୍ନଟ ପ୍ରାଧିକରଣ (ୟୁଆଇଡିଏଆଇ) ସର୍ଭର୍‌ର କୌଣସି ଆବଶ୍ୟକତା ନାହିଁ। ଆଧାର ଭେରିଫିକେସନ୍ ନିମନ୍ତେ କ୍ୟୁଆର୍ କୋଡ୍ ଏବଂ ପେପର୍‌ଲେସ୍ କେୱାଇସିର ବ୍ୟବହାର କରାଯିବ, ଯେଉଁଥିରେ ବାୟୋମେଟ୍ରିକ୍ ଡିଟେଲ୍ ଶେୟାର କରିବା ଆବଶ୍ୟକ ହେବ ଏବଂ ଆଧାର ସର୍ଭର୍‌କୁ ବ୍ୟବହାର କରିବା ଦରକାର ହେବ। କେୱାଇସି ବା ନୋ ୟୋର୍ କଷ୍ଟମର୍ ପ୍ରକ୍ରିୟାରେ ଗ୍ରାହକଙ୍କୁ ନିଜ ଆଧାର ନମ୍ବର ଜାରି କରିବା ଆଦୌ ଦରକାର ପଡ଼ିବନାହିଁ। ଯାହାଦ୍ୱାରା ସେମାନଙ୍କ ଡାଟା ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ରହିବ ଏବଂ ଡାଟା ଚୋରି କିମ୍ବା ଟ୍ରାକ୍ ଭଳି ସମସ୍ୟାରୁ ମୁକ୍ତି ମିଳିବ। ଏହି ଅଫ୍‌ଲାଇନ୍ ପ୍ରକ୍ରିୟା ପ୍ରାଇଭେଟ୍ କମ୍ପାନୀଗୁଡ଼ିକର ବାୟୋମେଟ୍ରିକ୍ ବେସ୍‌ଡ ଆଧାର ଅଥେଣ୍ଟିକେସନ୍‌କୁ ନେଇ ସୁପ୍ରିମ୍‌କୋର୍ଟଙ୍କ ଆଦେଶର ସମ୍ପୂର୍ଣ୍ଣ ରୂପେ ପାଳନ କରିବ। ଏହି ଅଫ୍‌ଲାଇନ୍ କେୱାଇସିକୁ ସରକାରଙ୍କ ସମେତ ସମସ୍ତ ସେବା ପ୍ରଦାତା ବ୍ୟବହାର କରିପାରିବେ। ଏଥିସହିତ ଏହାକୁ ପାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ରାସନ୍ କାର୍ଡ, ଭୋଟର ପରିଚୟପତ୍ର ଆଦିର ଅତିରିକ୍ତ ବ୍ୟବହାର ମଧ୍ୟ କରାଯାଇପାରିବ। ତେବେ ଅଫ୍‌ଲାଇନ୍ ଆଧାର କେୱାଇସିର



ବିଶ୍ୱସନୀୟତା ଏହାକୁ ଲୋକପ୍ରିୟତା ପ୍ରଦାନ କରିବ ବୋଲି ଅନୁମାନ କରାଯାଉଛି, ଯାହାକି ଟେକ୍ ଆଧାରିତ କମ୍ପାନୀଗୁଡ଼ିକ ପାଇଁ ଏକ ଉନ୍ନତ ବିକଳ୍ପ ରୂପେ ସାବ୍ୟସ୍ତ ହେବ। ଯାହା ସୁପ୍ରିମ୍‌କୋର୍ଟଙ୍କ ଆଦେଶ ପରେ ଅଥେଣ୍ଟିଫିକେସନ୍ ପାଇଁ ୟୁଆଇଡିଏଆଇ ସର୍ଭର୍ ପର୍ଯ୍ୟନ୍ତ ପହଞ୍ଚିବାରୁ ବଞ୍ଚିତ ରହିବ। ଏହି କ୍ୟୁଆର୍ କୋଡ୍‌କୁ ୟୁଆଇଡିଏଆଇ ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ ଏବଂ ପ୍ରିଣ୍ଟ୍ କରିହେବ। ଅଧିକାରୀଙ୍କ ମୁତାବକ, ଇକେୱାଇସି ଏବଂ କ୍ୟୁଆର୍ କୋଡ୍ ପ୍ରଣାଳୀରୁ ପ୍ରାଇଭେସିକୁ ସୁରକ୍ଷା ମିଳିବ ଏବଂ ଗ୍ରାହକଙ୍କୁ ବ୍ୟକ୍ତିଗତ ସୂଚନାଗୁଡ଼ିକରେ କେବଳ ନାମ ଏବଂ ଠିକଣା ଦେବାକୁ ପଡ଼ିବ। ଏହାଦ୍ୱାରା ବିନା ଆଧାର ନମ୍ବରରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଏବଂ ସିମ୍ କାର୍ଡ କିଣିବା ସହଜ ସାବ୍ୟସ୍ତ ହେବ।

## ଆମେରିକା ପାଇଁ ବିପଦ ଲସ୍କର ଓ ଟିଟିପି

**ୱାଶିଂଟନ :** ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା ଏବଂ ତେହେରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି) ଆମେରିକା ପାଇଁ ଅତି ବିପଦ। ଟ୍ରମ୍ପ ପ୍ରଶାସନ ତା'ର ଆତଙ୍କବାଦ ନିରୋଧ ସମ୍ପର୍କିତ ନୂଆ ରଣନୀତିରେ ଏହି ୨ଟି ସଂଗଠନକୁ ଚିହ୍ନଟ କରିଛି। ଗତକାଲି ହ୍ୱାଇଟ୍ ହାଉସ୍ ପକ୍ଷରୁ ଆତଙ୍କବାଦ ନିରୋଧ ଜାତୀୟ ରଣନୀତି ଜାରି ହୋଇଛି। ଏଥିରେ କୁହାଯାଇଛି, ଆଇଏସ୍‌ଆଇଏସ୍, ଅଲ୍-କାଏଦା ଓ ଅନ୍ୟ କେତେକ ଇସ୍‌ଲାମୀୟ ମୌଳବାଦୀ ଆତଙ୍କୀ ଗୋଷ୍ଠୀ ସ୍ଥାନୀୟ ଅଞ୍ଚଳରେ ଅଧିକ ସକ୍ରିୟ ରହି ସେମାନଙ୍କ ପରିସର ବୃଦ୍ଧି କରିବା ଚକ୍କରରେ ଅଛନ୍ତି। ଏମାନେ ଦରିଆପାରିରେ ଥିବା ଆମେରିକାର ନାଗରିକ ଓ ଆମେରିକୀୟ ସ୍ୱାର୍ଥଜଡ଼ିତ ପ୍ରତିଷ୍ଠାନ ପାଇଁ ବିପଦ ହୋଇ ରହିଛନ୍ତି। ଏହି ନୂଆ ରଣନୀତିରେ ବୋକୋ ହାରାମ୍, ତେହେରିକ-ଇ-ତାଲିବାନ ପାକିସ୍ତାନ ଓ ଲସ୍କର-ଇତୋଏବାଙ୍କ ସମ୍ପର୍କରେ ଅନେକ ତଥ୍ୟ ପ୍ରଦାନ କରାଯାଇଛି। ସେମାନେ ସ୍ଥାନୀୟ ସରକାରଙ୍କୁ ଭ୍ରୁକ୍ଷେପ ନ କରି ଆକ୍ରମଣ କରିବା ମସୁଧାରେ ଅଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୧୪ ଜୁନ୍‌ରେ ଆମେରିକା ଲସ୍କର-ଇ-ତୋଏବାକୁ ଏକ ବିଦେଶୀ ଆତଙ୍କୀ ସଂଗଠନ ଭାବେ ଘୋଷଣା କରିଥିଲା। ଏହି ଆତଙ୍କୀ ସଂଗଠନଗୁଡ଼ିକ ସ୍ଥାନୀୟ ଲକ୍ଷ୍ୟ ହାସଲ କରିବା ପାଇଁ ସେମାନେ ନିଜ ମାଟିରେ କିମ୍ବା ଆମେରିକା ସ୍ୱାର୍ଥଜଡ଼ିତ କ୍ଷେତ୍ର ଉପରେ ହମ୍‌ଲା କରିବାକୁ ପ୍ରସ୍ତୁତ ଅଛନ୍ତି। ବିଶେଷକରି ଆଇଏସ୍‌ଆଇଏସ୍ ଅତି ମାରାତ୍ମକ ମୌଳବାଦୀ ଇସ୍‌ଲାମୀୟ ଆତଙ୍କୀ ସଂଗଠନ ଏବଂ ତାହା ଆମେରିକା ପାଇଁ ବିପଦ ବୋଲି ଏହି ରଣନୀତିରେ କୁହାଯାଇଛି।

## ଭିଭିଆଇପିଙ୍କ ବିମାନଯାତ୍ରା ବକେୟା ୧୧୪୬.୮୬ କୋଟି

**ନୂଆଦିଲ୍ଲୀ :** ଭିଭିଆଇପିଙ୍କ ବିମାନ ଯାତ୍ରା ଖର୍ଚ୍ଚ ବାବଦରେ କେନ୍ଦ୍ର ସରକାର ଏୟାର ଇଣ୍ଡିଆ କମ୍ପାନୀକୁ ୧୧୪୬.୮୬ କୋଟି ଟଙ୍କା ଦେବେ। ଜଣେ ଅବସରପ୍ରାପ୍ତ କମୋଡର ଲୋକେଶ ବାତ୍ରାଙ୍କ ଦ୍ୱାରା ମଗାଯାଇଥିବା ଆରଟିଆଇ ରିପୋର୍ଟ ସୂତ୍ରରୁ ଏହି ତଥ୍ୟ ଜଣାପଡିଥିବା ବେଳେ ଏତେ ପରିମାଣର ବ୍ୟୟବହୁଳ ଚାର୍ଟାର୍ଡ ବିମାନ ଯାତ୍ରା ଖର୍ଚ୍ଚକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ଆର୍ଥିକ ଦୃଷ୍ଟିରୁ ଦେବାଳିଆ ସ୍ଥିତିକୁ ଚାଲି ଆସିଥିବା ଏୟାର ଇଣ୍ଡିଆ କମ୍ପାନୀକୁ ଏହି ପରିମାଣର ଅର୍ଥ କେନ୍ଦ୍ର ସରକାରଙ୍କ ପକ୍ଷରୁ ପଇଠ କରାଯିବାକୁ ରହିଛି। ବିମାନ ଯାତ୍ରା ବାବଦରେ ପ୍ରତିରକ୍ଷା ମନ୍ତ୍ରଣାଳୟର ୨୧୧.୧୭ କୋଟି, କ୍ୟାବିନେଟ ସଚିବାଳୟ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ୫୪୩.୧୮ କୋଟି ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ୩୯୨.୩୩ କୋଟି ଟଙ୍କା ବକେୟା ରହିଥିବା ଜଣାପଡିଛି। ଏୟାର ଇଣ୍ଡିଆ କମ୍ପାନୀ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ଏହି ବକେୟା ରାଶିରେ ୧୦ ବର୍ଷର ପୁରୁଣା ବିଲ୍ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ବିଶେଷ କରି ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ବିମାନଯାତ୍ରା ସମ୍ପର୍କିତ ଖର୍ଚ୍ଚ ଏଥିରେ ସାମିଲ ରହିଥିବା କୁହାଯାଇଛି। ଗତ ମାର୍ଚ୍ଚ ମାସରେ ଅନ୍ୟ ଏକ ଆରଟିଆଇ ରିପୋର୍ଟରେ ଏହି ବକେୟା ପରିମାଣ ୩୨୫ କୋଟି ଟଙ୍କା ରହିଥିବା ଏୟାର ଇଣ୍ଡିଆ ପକ୍ଷରୁ ଦର୍ଶାଯାଇଥିବା ବେଳେ ବର୍ତ୍ତମାନ ଏହା



୧୧୪୬.୮୬ କୋଟି ଟଙ୍କାକୁ ବୃଦ୍ଧି ପାଇଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ,ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଭଳି ଭିଭିଆଇପିମାନଙ୍କ ପାଇଁ ଦେଶୀୟ କିମ୍ବା ଦରିଆପାରି ବିମାନ ଯାତ୍ରା ପାଇଁ ଏୟାର ଇଣ୍ଡିଆ ବିମାନ ଯୋଗାଇ ଦେଇଥିବା ବେଳେ ଭିଭିଆଇପିମାନଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ଆବଶ୍ୟକ ଶ୍ରେଣୀର କମର୍ସିଆଲ ଫ୍ଲାଇଟ ଯୋଗାଇ ଦେଇଥାଏ। ଏହି ସବୁ ଗସ୍ତର ବ୍ୟୟ ପ୍ରତିରକ୍ଷା ମନ୍ତ୍ରଣାଳୟ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମଓ) ଏବଂ କ୍ୟାବିନେଟ ସେକ୍ରେଟେରିଏଟ ପକ୍ଷରୁ ବହନ କରାଯାଇଥାଏ। ତେବେ ଏୟାର ଇଣ୍ଡିଆର ଏତେ ପରିମାଣର ଅର୍ଥ ସରକାରଙ୍କ ଉପରେ ପଡିରହିଥିବାରୁ ଏହାର ତୁରନ୍ତ ପରିଶୋଧ ପାଇଁ ସିଏଜିଙ୍କ ପକ୍ଷରୁ ୨୦୧୬ ମସିହାରେ କୁହାଯାଇଥିଲା। ମାତ୍ର ବର୍ତ୍ତମାନ ସୁଦ୍ଧା ଏହା ପରିଶୋଧ କରାଯାଇନଥିବା ଜଣାପଡିଛି। ସାଂପ୍ରତିକ ସ୍ଥିତିରେ ଏୟାର ଇଣ୍ଡିଆ ଭଳି ଏକ ରାଷ୍ଟ୍ରାୟତ୍ତ କମ୍ପାନୀର ପ୍ରାୟ ୫୦ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଋଣ ରହିଥିବା ବେଳେ ଏହାର ସରକାରୀ ଅଂଶଧନ ପ୍ରତ୍ୟାହାର ପାଇଁ ସରକାର ଚିନ୍ତା କରୁଛନ୍ତି। ଏଭଳି ସ୍ଥଳେ କମ୍ପାନୀର ୨୦୦୬ ମସିହାର ବିଲ୍ ପଇଠ କରାନଯିବା ଚିନ୍ତାଜନକ ବୋଲି କୁହାଯାଇଛି।

# ମାଓବାଦୀଙ୍କୁ ଦୃଢ଼ ହସ୍ତରେ ଦମନ କରାଯିବ

**ଭୁବନେଶ୍ୱର :** ଦିନକୁ ଦିନ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାର ସୀମାବର୍ତ୍ତୀ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ବଢ଼ିବାରେ ଲାଗିଛି। ଏପରିକି ଗତ କିଛିଦିନ ତଳେ ଆନ୍ଧ୍ରପ୍ରଦେଶ ସୀମାରେ ଦୁଇଜଣ ନେତାଙ୍କୁ ମାଓବାଦୀମାନେ ଗୁଳି କରି ହତ୍ୟା କରିଥିଲେ। ଏହାକୁ ପ୍ରତିହିତ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି ଉଭୟ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ପୁଲିସ। ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖି ମିଳିତ ଭାବେ ଅପରେଶନକୁ ଜୋରଦାର କରିବା ନିମନ୍ତେ ଡିଜିପିଙ୍କ କ୍ୟାମ୍ପ ଅଫିସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆନ୍ଧ୍ରପ୍ରଦେଶ ପୁଲିସ ଡିଜିପି ଆର ପି ଠାକୁରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ଓଡ଼ିଶାର ପୁଲିସ ମହାନିର୍ଦ୍ଦେଶକ ଆର ପି ଶର୍ମା, ଗୁଇନ୍ଦା ଅଧିକାରୀ ଆରେ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାୟ ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟଧରି ଚାଲିଥିବା ଏହି ବୈଠକରେ ମୁଖ୍ୟତଃ ବର୍ତ୍ତମାନ ସମୟରେ ଉଭୟ ରାଜ୍ୟର ସୀମାବର୍ତ୍ତୀ ଅଞ୍ଚଳରେ ମାଓବାଦୀମାନେ କେଉଁ କେଉଁ ସ୍ଥାନରେ କ୍ୟାମ୍ପ କରି ରହୁଛନ୍ତି ସେ



ନେଇ ଆଲୋଚନା ହୋଇଥିଲା। ଏଥିସହ ଉଭୟ ରାଜ୍ୟର ଗୁଇନ୍ଦା ଅଧିକାରୀମାନେ ନିଜ ନିଜର ତଥ୍ୟ ବୈଠକରେ ଉପସ୍ଥାପନ କରିଥିଲେ। ମିଳିତ ଭାବେ ଉଭୟ ରାଜ୍ୟର ପୁଲିସ ମାଓବାଦୀଙ୍କୁ ଦମନ କରିବା ପାଇଁ ଆଗାମୀ ଦିନରେ ଅପରେଶନ ଜୋରଦାର କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହ ପ୍ରଥମଥର ପାଇଁ ଉଭୟ ଡିଜିପିଙ୍କ ମଧ୍ୟରେ ଯେଉଁ ବୈଠକ ଅନୁଷ୍ଠିତ ହୋଇଥିଲା ତାହା ଆଗାମୀ ୩ ମାସ ପରେ ପୁଣିଥରେ ହେବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମାଓବାଦୀ ପ୍ରଭାବିତ ଅଞ୍ଚଳରେ କମ୍ବିଂକୁ ଜୋରଦାର କରାଯିବା ସହ ଆଗାମୀ ଦିନମାନଙ୍କରେ ଡ୍ରୋନ କ୍ୟାମେରା ସହାୟତାରେ ମାଓବାଦୀଙ୍କୁ ଠାବ୍ କରିବାକୁ ଚେଷ୍ଟା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିସହ ପ୍ରତ୍ୟେକ ମାସରେ ଥରେ ମାଓ ପ୍ରଭାବିତ ଜିଲ୍ଲା ଗୁଡ଼ିକର ଏସ୍‌ପି ଓ ବରିଷ୍ଠ ପୁଲିସ ଅଧିକାରୀମାନେ ନିଜ ନିଜ ଜିଲ୍ଲାରେ ବୈଠକ କରିବାକୁ ନିଷ୍ପତ୍ତି ଗ୍ରହଣ ନିଆଯାଇଛି। ବୈଠକ ଶେଷରେ ଡିଜିପି ଶର୍ମା ଗୁରୁପ୍ରିୟା ସେତୁର ସୁରକ୍ଷା ପାଇଁ ପୁଲିସ ବିଭାଗ ସବୁ ସମୟରେ ପ୍ରସ୍ତୁତ ଥିବା ନେଇ ସୂଚନା ଦେଇଛନ୍ତି। ସେତୁର ଉଭୟ ପାର୍ଶ୍ୱରେ ୨୪ ଘଣ୍ଟିଆ ବିଏସ୍‌ଏଫ୍ ଯବାନମାନେ ପ୍ରହରା ଦେଉଛନ୍ତି। ସିସିଟିଭିକୁ ମଧ୍ୟ ସବୁ ସମୟରେ ଯାଞ୍ଚ କରାଯାଉଥିବା ଡିଜିପି ଶର୍ମା କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶର ଅତିରିକ୍ତ ଡିଜିପି ଭେଙ୍କେଟଶ୍ୱର ରାଓ, ନଳିନୀ ପ୍ରଭାତ, ଭି ଶ୍ରୀନୀବାସଲୁ, ଭିନିଜ ବ୍ରିଜଲାଲ୍‌ଙ୍କ ସମେତ ଓଡ଼ିଶା ପୁଲିସର ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦୁର୍ନୀତିର ଗନ୍ତାଘର ସାଜିଛି କେନ୍ଦ୍ରାପଡା ଆରଡ଼ି ବିଭାଗ

**କେନ୍ଦ୍ରାପଡ଼ା,(ଅନନ୍ତ ଗୋପାଳ ସାହୁ) :** ଜିଲ୍ଲାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଦୁଇଟି ଡିଭିଜନରେ ବ୍ୟାପକ ହରିଲୁଟ୍‌ର ଗନ୍ତାଘର ସାଜିଛି। ପୂର୍ବରୁ ଏ ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲେହେଁ, ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଗ୍ରାମାଞ୍ଚଳର ରାସ୍ତାଘାଟ ଭିତିଭୂମିର ଉନ୍ନତ ପାଇଁ ରାଜ୍ୟ ବଜେଟ୍‌ର ସର୍ବାଧିକ ଅଂଶ ଏ ବିଭାଗକୁ ଯୋଗାଇ ଦିଆଯାଇଥାଏ। ଜିଲ୍ଲାରେ ୨ଟି ଡିଭିଜନ୍‌ରେ ନିଯୁକ୍ତି ହେତୁ ୨ ନିର୍ବାହୀ ଯନ୍ତ୍ରୀ ଅଧିନରେ ଉନ୍ନୟନ କାମ କରାଯାଇଥାଏ। କିନ୍ତୁ ଉନ୍ନୟନ କାମ ଦୂରର କଥା କେବଳ ଅନୁଗତ କିଛି ଠିକାଦାର ମାଧ୍ୟମରେ ଅତି ନିମ୍ନମାନର କାମ କରାଯାଇ ଏ ବାବଦ ଅର୍ଥକୁ ବାଂଟିକୁଂଟି ଆତ୍ମସାତ୍ କରିବା ଏ ବିଭାଗର ମୁଖ୍ୟ ଉଦ୍ଦେଶ୍ୟ ହୋଇଆସିଛି। ଡିଭିଜନ୍-୧ ଅଧିନରେ ସହର ମଧ୍ୟସ୍ଥ ବସପୁରଠାରୁ ଗଣ୍ଡାଖିଆ ଦେଇ ଯାଇଥିବା ମୁଖ୍ୟରାସ୍ତା ଦୁଇ ବର୍ଷ ହେବ ବିଶାଳ ଖାଲ ଖମାରେ ଅଗମ୍ୟ ହୋଇଛି। ଏହି ରାସ୍ତାରେ ଦୈନିକ ଦୃର୍ଘଟଣା ଘଟୁଛି। ପ୍ରତିବର୍ଷ ମରାମତି ନିମନ୍ତେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ବିଲ୍ ହେଉଛି। କିନ୍ତୁ ରାସ୍ତାଟି ମରଣାଯନ୍ତା ହୋଇ ରହିଛି। ଗ୍ରାମାଂଚଳ ରାସ୍ତା ଭାବେ ଗଣ୍ଡାଖିଆ, ଅରଡପଲ୍ଲୀ ରାସ୍ତା, ବଢିପାଳ, ବିଜୟନଗର, ମାର୍ଶାଘାଇ ବ୍ଲକର କରିଲୋପାଟଣା, ରଙ୍କାଳ, ବଳରାମପୁର, ଗ୍ରାମ୍ୟ ରାସ୍ତା ଅତି ଶୋଚନୀୟ ହୋଇପଡଛି। ତେବେ ମରାମତି ଆଳରେ ପ୍ରତିବର୍ଷ ମିଥ୍ୟାବିଲ୍ କରାଯାଇ କୋଟି କୋଟି ଟଙ୍କା ହରିଲୁଟ୍ ହୋଇଥିବା ସ୍ପଷ୍ଟ ହେଉଛି। ଗ୍ରାମ୍ୟ ଉନ୍ନୟନ ଡିଭିଜନ୍ ଦୁଇ ମୁଖ୍ୟସ୍ଥ ପଟ୍ଟାମୁଣ୍ଡାଇ, ଆଳି, ରାଜନଗର ଅଂଚଳ ଗ୍ରାମ୍ୟରାସ୍ତା ଉନ୍ନତୀକରଣ ପାଇଁ କାର୍ଯ୍ୟ କରୁଛି। ହେଲେ ନିମ୍ନମାନର ଅଧାପନ୍ତରିଆ କାମ ଏପରିକି ମିଥ୍ୟାବିଲ୍ କରାଯାଇ ଅର୍ଥ ହରିଲୁଟ୍ କରି ଚାଲିବା ଏ ବିଭାଗର ପରମ୍ପରା ପାଲଟିଯାଇଛି। ସଂସଦ ଆଦର୍ଶ ଗ୍ରାମ ସଂହିଗାଁର ଗ୍ରାମବାସୀ ଜିଲ୍ଲାପାଳଙ୍କଠାରେ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ଗଣଧାରଣା ଚେତାବନୀ ଦେଇଛନ୍ତି। ସେହିପରି ସାନ୍ତସାହି ଗଣ୍ଡାଖିଆ ରାସ୍ତା ଅଗ୍ରମ୍ୟ ପାଲଟିଥିବା ହେତୁ ଜନ ଆନ୍ଦୋଳନର ସୂଚନା ମିଳିଛି। ଏହି ବିଭାଗରେ ଦୁଇ ନିର୍ବାହୀ ଯନ୍ତ୍ରୀ କେବେ ସେମାନଙ୍କ କ୍ୱାର୍ଟରରେ ରହନ୍ତିନି। ଦୈନିକ କୌପିନ୍ ଗାଡିରେ ପିକନିକ୍ କଲାପରି ମନଇଛା ଘଂଟା ଅଧଘଂଟା ମୁହଁମାରି ପୁଣି ଭୁବନେଶ୍ୱର ଚାଲିଯାନ୍ତି। ଜିଲ୍ଲାପାଳ କେବେ ସେମାନଙ୍କ ଉତର ଦାୟିତ୍ୱ ପଚାରିନାହାଁନ୍ତି। ଶାସକ ଦଳର ବିଧାୟକମାନେ ମଧ୍ୟ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରନ୍ତି। ସହରସ୍ଥ ତୁଳସୀ ମହିଳା କଲେଜ୍ ପରିସରରେ ବଭାଗୀୟ ଦ୍ୱାରା ନିର୍ମାଣଧୀନ ଗୃହଟି ଏଷ୍ଟିମେଣ୍ଟ ଅନୁରୁପ କରାନଯାଇ ଅତି ନିମ୍ନମାନର କରାଯାଇଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଉକ୍ତ ବିଭାଗରେ ନିଯୁକ୍ତି କନିଷ୍ଠ ଯନ୍ତ୍ରୀମାନେ ମାସକୁ ଲକ୍ଷାଧିକ ଟଙ୍କାର ମିଥ୍ୟାବିଲ୍ କରାଇ ଭାଗବାଣ୍ଟ, ପକେଟ୍ ଖର୍ଚ୍ଚ ଉଠାଇଥିବା ତଥ୍ୟ ହସ୍ତଗତ ହୋଇଛି। ଯାହାକି ଆମ୍ଭ ଗଣମାଧ୍ୟମର ପରବର୍ତ୍ତି ସଂସ୍କରଣରେ ପ୍ରକାଶ ପାଇବ। କନିଷ୍ଠ ଯନ୍ତ୍ରୀମାନେ କୋଟି କୋଟି ଟଙ୍କାର ବେଆଇନ୍ ସଂପତି ମାଲିକ ହୋଇସାରିଲେଣି ବୋଲି ଯାଣିବାକୁ ମିଳିଛି। ସେହିପରି ନିର୍ବାହୀ ଯନ୍ତ୍ରୀ ମଧ୍ୟ ଅନୁରୂପ ଭାବେ କୋଟି କୋଟି ଟଙ୍କାହାତେଇ ଥିବାର ଯାଣିବାକୁ ମିଳିଛି। ତେବେ ଲୋକମାନଙ୍କ ଗମନାଗମନ ସୁବିଧା ନକରି କେବଳ ଲୁଟ୍‌ପାତ ଚଲାଇଥିବା ବିଭାଗୀୟ କର୍ମଚାରୀମାନଙ୍କ ବିରୁଦ୍ଧରେ ନିରପେକ୍ଷ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି।

# କଥାରେ ନୁହେଁ କାମରେ ବିଶ୍ୱାସ କରେ କଂଗ୍ରେସ

**ଭୁବନେଶ୍ୱର :** ରାଜ୍ୟବାସୀଙ୍କ ସହିତ ସମ୍ପର୍କ ଯୋଡ଼ିବା ଉଦ୍ଦେଶ୍ୟରେ ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଆରମ୍ଭ କରାଯାଇଥିବା ଜାଗରଣ ଯାତ୍ରାର ଦ୍ୱିତୀୟ ଦିବସରେ ଦଳର ନେତୃବୃନ୍ଦ ବାଲେଶ୍ୱର ଜିଲ୍ଲାର ୩୦ଟି ପଞ୍ଚାୟତ ଗସ୍ତ କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଯାଇଥିବା ଏହି ଟିମ୍‌କୁ ବାଲେଶ୍ୱର ସର୍କିଟ ହାଉସ୍‌ରୁ ଏକ ବିରାଟ ମୋଟର ସାଇକେଲ ରାଲିରେ ଦଳର କର୍ମୀ, ସମର୍ଥକ ଓ ଶୁଭେଚ୍ଛୁମାନେ ପାଛୋଟି ନେଇଥିଲେ। ଏକ ସୁସଜ୍ଜିତ ଗାଡ଼ିରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କ ସହିତ ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜିବୀ ବିଶ୍ୱାଳ, ଏଆଇସିସି ସମ୍ପାଦକ ରୁଦ୍ର ରାଜୁ, ଦଳର ବରିଷ୍ଠ ନେତା ଶ୍ରୀକାନ୍ତ ଜେନା ଏବଂ ଅନ୍ୟମାନେ ଯାତ୍ରା କରିଥିଲେ। କଂଗ୍ରେସ ନେତୃବୃନ୍ଦ ଶୁକ୍ରବାର ନଗ୍ରାମ, ବୁଆଁଳ, ଓଡ଼ଙ୍ଗୀ, ଓଲାଣ୍ଡ, ସାରଗାଁ, ସିନ୍ଧିଆ, ପାରିଖି, ଗୋପୀନାଥପୁର, ହଳଦିପଡିଆ, କୁରଳିହା, ରାଇସୁଆଁ, ଛାଣୁଆ, ବାହାବଳପୁର, ସାର୍ଥା, ରୁପ୍‌ସା, କାଶିପଡା, ଶ୍ରୀରାମପୁର ଏବଂ ରସଲପୁର ପ୍ରଭୃତି ପଞ୍ଚାୟତକୁ ପୂର୍ବାହ୍ନରେ ଗସ୍ତକରି ବିଭିନ୍ନ ସ୍ଥାନରେ ଲୋକଙ୍କ ସହିତ ମତ ବିନିମୟ କରିଥିଲେ। ଏହାପରେ ସଦର ପବ୍ଲିକ ସ୍କୁଲଠାରେ ଆୟୋଜିତ ସାଧାରଣ ସଭାରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ କଂଗ୍ରେସ ଲୋକଙ୍କ ଦ୍ୱାରଦେଶରେ ପହଞ୍ଚି ସମ୍ପର୍କ ଯୋଡ଼ିବାକୁ ଏହି ଜାଗରଣ ଯାତ୍ରା ଆରମ୍ଭ କରିଛି। ରାଜ୍ୟର ବିଜେଡି ସରକାର ବାଲେଶ୍ୱରରେ ପ୍ରକଳ୍ପକୁ ଭୁବନେଶ୍ୱରରେ ବସି ଉଦଘାଟନ କରୁଛନ୍ତି। କେନ୍ଦ୍ରର ବିଜେପି ସରକାର ଲୋକଙ୍କ ଟିକସ ଅର୍ଥରେ ଗଣମାଧ୍ୟମରେ ବିଜ୍ଞାପନ ଦେଇ ସରକାରଙ୍କ ଗୁଣ ଗାନ କରୁଛନ୍ତି। ବିଜେଡି ଓ ବିଜେପିର ଦୂରଦୃଷ୍ଟିହୀନ ରାଜନୀତି ଯୋଗୁ ରାଜ୍ୟ କିଭଳି ପଛୁଆ ହୋଇ ରହିଯାଇଛି, ତାହା ଶ୍ରୀ



ପଟ୍ଟନାୟକ ପ୍ରକାଶ କରିଥିଲେ। ସେ କହିଥିଲେ, କଂଗ୍ରେସ କଥାରେ ନୁହେଁ କାମରେ ବିଶ୍ୱାସ କରେ। ସେଥିପାଇଁ କେନ୍ଦ୍ର ଓ ରାଜ୍ୟରେ ପୂର୍ବରୁ ଥିବା କଂଗ୍ରେସ ସରକାର ସମୟରେ ଲୋକଙ୍କ ହିତପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। କିନ୍ତୁ ଲୋକଙ୍କ ଟିକସ ଅର୍ଥରେ ସେ ସବୁର ପ୍ରଚାର ବର୍ତମାନ ଭଳି କରାଯାଇନଥିଲା। ଲୋକଙ୍କ ପାଖରେ ପହଞ୍ଚି ସେସବୁ ସେମାନଙ୍କୁ ଜଣାଇବାକୁ କଂଗ୍ରେସ ନିର୍ବାଚନ ପୂର୍ବରୁ ରାଜ୍ୟବ୍ୟାପୀ ଏଭଳି ଅଭିଯାନ ଚଳାଇବ ବୋଲି ସେ ପ୍ରକାଶ କରିଥିଲେ। ସଭା ପରେ କଂଗ୍ରେସ ନେତୃବୃନ୍ଦ ବସ୍ତା, ଦୁଧହଂସ, ରାଉତପଡା, ଗଡପଦା, ମଥାନି, ବାସୁଛକୋରି, ବାହାର୍ଦା, କୁଡିଆ, ସଦାନନ୍ଦପୁର, ବ୍ରାହ୍ମଣ୍ଡା, ଦରଡା, ସାହାଡା ଇରଡା ଆଦି ଗ୍ରାମପଂଚାୟତକୁ ଯାଇ ଗ୍ରାମବାସୀଙ୍କୁ ଭେଟିଥିଲେ। ରାଜ୍ୟରେ ବିଜେଡିର ୧୮ ବର୍ଷର କୁଶାସନରେ ଅତିଷ୍ଠ ହୋଇଯାଇଥିବା ଜନସାଧାରଣ କଂଗ୍ରେସ ନେତୃବୃନ୍ଦଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ବଖାଣିଥିଲେ। ପରେ ସଂଧ୍ୟାରେ ଦଳୀୟ ନେତୃବୃନ୍ଦ ମୁକୁଳିସିଠାରୁ ବାଲେଶ୍ୱର ଫେରିଥିଲେ।

## ନିଶା ନିବାରଣ ପାଇଁ ବହୁ ଯୋଜନା

# ହେଲେ ବିଧାୟକଙ୍କ ମନଉଣା

**କେନ୍ଦ୍ରାପଡ଼ା :** ନିଶା ମୁକ୍ତ ଓଡିଶା ଗଠନ ପାଇଁ ନିଶା ନିବାରଣ ଆଇନ୍ ୧୯୫୬ର କାର୍ଯ୍ୟକାରିତା ନିମନ୍ତେ ଓଡିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଓଡିଶାର ସମସ୍ତ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଥିବା ଅବସରରେରେ ପବିତ୍ର ଗାନ୍ଧୀ ଜୟନ୍ତୀରେ କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇଙ୍କୁ ପ୍ରଦାନ କରାଯିବାର ଥିଲା । ଏଥିପାଇଁ ସଂଗଠନର ଜିଲ୍ଲା ସମ୍ପାଦକ ଆଦିକନ୍ଦ ରାଉଳ ବିଧାୟକଙ୍କ ଠାରୁ ପୂର୍ବରୁ ସମୟ ନିର୍ଘଣ୍ଟ ନେଇଥିଲେ । ତେବେ ସଂଗଠନର ସମର୍ଥକମାନେ ନିର୍ବାଚନ ମଣ୍ଡଳୀର ସମସ୍ତ ପଞ୍ଚାୟତ ଅଞ୍ଚଳରୁ ସଂଗ୍ରହ କରିଥିବା ହଜାର ହଜାର ଦସ୍ତଖତ ସମ୍ବଳିତ ଦରଖାସ୍ତ ଗତ ୪ତାରିଖ ସକାଳେ ଗରାପୁରସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପାଖରୁ ଏକ ଶୋଭାଯାତ୍ରାରେ ଯାଇ ବିଧାୟକଙ୍କ ଦ୍ୱାରା ନିର୍ଦ୍ଧାରିତ ସ୍ଥାନ ସାନମାଣିତିଆ ଠାରେ ସକାଳ ୯ଟାରୁ ଅପେକ୍ଷା କରିଥିଲେ। ବିଧାୟକ ଶ୍ରୀତରାଇ ସାଢେ ଦଶଟା ବେଳେ ସେଠାରେ ପହଁଚି ସାଢେ ୧୨ଟା ପର୍ଯ୍ୟନ୍ତ ଜନସମ୍ପର୍କ ଯାତ୍ରାରେ ଉପସ୍ଥିତ ଥିଲେ । ସଂଗଠନର କର୍ମୀମାନେ ବିଧାୟକଙ୍କୁ ସାକ୍ଷାତ ଆଲୋଚନା ମାଧ୍ୟମରେ ଦାବିପତ୍ର ଦେବାକୁ ବାରମ୍ବାର ଚେଷ୍ଟା କରିଥିଲେ ମଧ୍ୟ ବିଧାୟକ ସେମାନଙ୍କ ଠାରୁ ଦାବିପତ୍ର ନେବାକୁ ଚାହିଁନଥିଲେ । ଫଳରେ ନିଶା ନିବାରଣ କର୍ମୀମାନେ ସେଠାରେ ୪ଘଣ୍ଟା ଅପେକ୍ଷା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସେଠାରେ ଗାନ୍ଧୀଜୟନ୍ତୀରେ ନିଶା ନିବାରଣ କାର୍ଯ୍ୟ ପ୍ରତି ବିଧାୟକଙ୍କ ଏଭଳି ଅବଜ୍ଞା ଓ ଅସୌଜନ୍ୟ ବ୍ୟବହାର ସମ୍ପର୍କରେ ଫେରାଦ ହେବା ସହ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଉପରୋକ୍ତ ଦାବିପତ୍ର ପ୍ରଦାନ କରିଥିଲେ । ଦାବିପତ୍ର ପ୍ରଦାନ ସମୟରେ ସମ୍ପାଦକ ଶ୍ରୀରାଉଳଙ୍କ ସମେତ ଦ୍ରୌପଦୀ ରାଉତ, ଅକ୍ଷୟ ବେହେରା, ମଥୁରାନନ୍ଦ ସାହୁ, ଭାଗୀରଥି ଜେନା, ନିରୂପମା ମହାନ୍ତି, ରେବନ୍ତ ମହାନ୍ତି, ମନୋଜ ଓଝା, ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# 'ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ସ୍ୱଚ୍ଛତା ନାହିଁ'

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ସ୍ୱଚ୍ଛତା ନାହିଁ ଓ ହିତାଧିକାରୀ ଚୟନ ପକ୍ରିୟା ଅନେକ ମାତ୍ରାରେ ଦଳୀୟ ଆଧାରରେ କରି ଶହଶହ କୋଟି ଟଙ୍କାର ଓଡିଆ ଟିକସ ଦାତାଙ୍କ ଝାଳବୁଆ ଅର୍ଥକୁ ନିଜ ରାଜନୈତିକ ସ୍ୱାର୍ଥ ପାଇଁ ବ୍ୟବହାର କରୁଛି ବୋଲି ବିଜେପି ରାଜ୍ୟ ଉପସଭାପତି ସମୀର ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଦେଶସାରା ଲାଗୁ ହୋଇଥିବା ମୋଦି ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ କୌଣସି ବି ରାଜ୍ୟର ଗରିବଙ୍କ ସଂଖ୍ୟା ସାମିଲ ନେଇ ଆପତି ନଥିବେ ବେଳେ ୨୦୧୧ ମସିହା ପରେ ରାଜ୍ୟରେ ୩୪ ଲକ୍ଷ ନୂଆ ଗରିବ ଲୋକ ସୃଷ୍ଟି ହୋଇଥିବା ଓ ଏମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବା ପାଇଁ ରାଜ୍ୟ ସରକାରଙ୍କ ଯୁକ୍ତି ଏହା ୧୯ ବର୍ଷର ଲମ୍ବା ଶାସନର ବିଫଳତାର ପ୍ରମାଣ। ସରକାର



ମାନେ ଗରିବ ସଂଖ୍ୟା କମ୍ କରିବା ପାଇଁ ନିର୍ବାଚିତ ହୋଇଥିବା ବେଳେ ନବୀନ ସରକାରଙ୍କ ୧୯ ବର୍ଷ ଶାସନରେ ଗରିବ ସଂଖ୍ୟା ୩୪ ଲକ୍ଷ ବଢିବା ବୋଲି କହିବା ନିଜ ବିଫଳତାର ପ୍ରମାଣ ଦେଇଛନ୍ତି। ଏହା କଣ ନବୀନ ପଟ୍ଟନାୟକଙ୍କର କଠିନ ପରିଶ୍ରମ ଓ ଶ୍ରେଷ୍ଠ ପ୍ରଶାସକର ଫଳ କି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି କେନ୍ଦ୍ରୀୟ ଖାଦ୍ୟ ସୁରକ୍ଷା ଯୋଜନାରେ କଟକ ମେୟରଙ୍କ ଭଳି ଅଯୋଗ୍ୟ କିନ୍ତୁ ବିଜେଡି ଧନୀ ନେତା ଓ କର୍ମୀଙ୍କୁ ଷଡଯନ୍ତ୍ର କରି ସାମିଲ କରାଯାଇଥିଲା। ଏବେ ପ୍ରଥମେ ୩୪ ଲକ୍ଷ ପରେ ୩୨ ଲକ୍ଷ ତାହାପରେ ୨୫ ଲକ୍ଷ ଓ ପରେ ୨୨ ଲକ୍ଷ ହିତାଧିକାରୀ ସାମିଲ ବିଷୟରେ ରାଜ୍ୟ ସରକାର ବିରୋଧାତ୍ମକ ତଥ୍ୟ ଦେଇଛନ୍ତି। ଏବେ ଯେତିକି ହିତାଧିକାରୀ ଚୟନ କରାଯାଇଛି ତାହାର ତାଲିକା କାହିଁକି ୱେବସାଇଟ ମାଧ୍ୟମରେ ଜିଲା, ବ୍ଲକ, ପଂଚାୟତ ଓ ଗାଁ ଓାରି ୱେବସାଇଟରେ କାହିଁକି ସ୍ପଷ୍ଟ କରାଯାଇନାହିଁ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ୨୫ ଲକ୍ଷ ହିତାଧିକାରୀ ମାସକୁ ୫ କିଲୋ ଚାଉଳ । ଚାଉଳ କିଲୋ ୩୨ ଟଙ୍କା ହିସାବରେ ବାର୍ଷିକ ୪୮୦ କୋଟି ଟଙ୍କା ଖର୍ଚ୍ଚ ହେବ । ୪୮୦ କୋଟିର ଲାଭ ନେଉଥିବା ହିତାଧିକାରୀ କିଏ ଏହା ଜାଣିବା ଓଡିଆ ଲୋକଙ୍କ ଅଧିକାର ବୋଲି ପଚାରିବା ସହ ଏହା ଖାଦ୍ୟ ସୁରକ୍ଷା ନୁହେଁ ନବୀନଙ୍କ ସୁରକ୍ଷା ପାଇଁ ଓଡିଆ ଟିକସଦାତାଙ୍କ ଝାଳବୁହା ଅର୍ଥକୁ ରାଜନୈତିକ ସ୍ୱାର୍ଥ ପାଇଁ ଖର୍ଚ୍ଚ ହେଉଛି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି। ଏହି ଅବସରରେ ରାଜ୍ୟ ମୁଖପାତ୍ର ଗୋଲକ ପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ।

# ସାଢ଼େ ଚାରିକୋଟି ଓଡ଼ିଆଙ୍କ ଭରସାର ପ୍ରତୀକ ବିଜେଡି : ନବୀନ

**ଭୁବନେଶ୍ୱର :** ବିଜେଡି ପକ୍ଷରୁ ଚଳିତ ଜନସଂପର୍କ ପଦଯାତ୍ରା ଅକ୍ଟୋବର ୨ରୁ ଆରମ୍ଭ ହୋଇଯାଇଛି। ଏହା ନଭେମ୍ବର ୨ ପର୍ଯ୍ୟନ୍ତ ଏକମାସ ଧରି ଚାଲିବ। ପବିତ୍ର ଗାନ୍ଧି ଜୟନ୍ତୀ ଦିନ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀର ଝରଣା ସାହିରୁ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଅକ୍ଟୋବର ୨ ଗାନ୍ଧି ଜୟନ୍ତୀରୁ ନଭେମ୍ବର ୨ ପର୍ଯ୍ୟନ୍ତ ସାରା ରାଜ୍ୟରେ ଏହି ପଦଯାତ୍ରା ଚାଲିବ। ଏହାକୁ ସଫଳ କରିବା ପାଇଁ ମୁଁ ବିଜୁ ଜନତା ଦଳର ଲକ୍ଷ ଲକ୍ଷ କର୍ମୀ, ଭାଇଭଉଣୀ ଓ ଓଡ଼ିଶାବାସୀଙ୍କ ସହଯୋଗ କାମନା କରୁଛି। ଆଜି ସାରା ବିଶ୍ୱ ମହାତ୍ମା ଗାନ୍ଧିଙ୍କର ୧୫୦ତମ ଜନ୍ମ ବାର୍ଷିକୀ ପାଳନ କରୁଛି। ଏହି ଅବସରରେ ମୁଁ ତାଙ୍କ ପ୍ରତି ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ମହାତ୍ମା ଗାନ୍ଧିଙ୍କ ବିଚାରଧାରା ଆମ ସମସ୍ତଙ୍କ ପାଇଁ ପ୍ରେରଣା ହୋଇ ରହିଛି ଓ ରହିଥିବ। ଓଡ଼ିଶାର ସାଢ଼େ ଚାରିକୋଟି ଓଡ଼ିଆଙ୍କ ଭରସାର ପ୍ରତୀକ ହେଉଛି ବିଜୁ ଜନତା ଦଳ ସରକାର। ଆମେ ସବୁବେଳେ ଲୋକଙ୍କ ସାଥୀରେ ଅଛୁ ଓ ଲୋକଙ୍କ ପାଇଁ କାମ କରିଚାଲିଛୁ। ଆମେ କଥା ନୁହେଁ, କାମରେ ବିଶ୍ୱାସ କରୁ। ଲୋକମାନେ ଜାଣୁଛନ୍ତି କିଏ ପ୍ରତିଶ୍ରୁତି ପାଳନ କରୁଛି, କିଏ କରୁନାହିଁ। ଆମେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରୁଛୁ। ଖାଦ୍ୟ ସୁରକ୍ଷା, ଆଶ୍ରୟ ସୁରକ୍ଷା, ସ୍ୱାସ୍ଥ୍ୟ ସୁରକ୍ଷା ଓ ସାମାଜିକ ସୁରକ୍ଷା। ଆମ ସଫଳତାର ଚାରିଗୋଟି ସ୍ତମ୍ଭ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟର ସବୁ ଗରିବ ଲୋକ ସୁବିଧା ପାଇବା ଦରକାର। କିନ୍ତୁ ତା'ହେଲା ନାହିଁ। ଖାଦ୍ୟ ନିରାପତ୍ତାରୁ ବହୁ ଲୋକ ବାଦ୍ ପଡିଲେ। ତେଣୁ ରାଜ୍ୟ ସରକାର ଆଜିଠାରୁ ନିଜର ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ୨୫ଲକ୍ଷ ଲୋକ ଏହି ସୁବିଧା ପାଇବେ। ସେହିପରି ଗତ ୪ବର୍ଷରେ ରାଜ୍ୟରେ ୧୮ଲକ୍ଷ ପକ୍କା ଘର ତିଆରି କରାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସେହିପରି ଏକ ଐତିହାସିକ ପଦକ୍ଷେପ। ବିପିଏଲ୍, ଏପିଏଲ୍ ସମସ୍ତେ ଏ ସୁବିଧା ପାଇବେ। ଆମର ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମ ସାରା ଦେଶରେ ମଡେଲ୍ ହୋଇଛି। ବସ୍ତିବାସିନ୍ଦାଙ୍କ ଥଇଥାନ ପାଇଁ ଆମର କାର୍ଯ୍ୟକ୍ରମ ଏକ ଭଲ ପଦକ୍ଷେପ। ଓଡ଼ିଶାବାସୀଙ୍କ ସେବା ପାଇଁ ରାଜ୍ୟ ସରକାରଙ୍କର କେବେ ବି ପାଣ୍ଠିର ଅଭାବ ରହିନାହିଁ। ବିଜେପିର



ଇସ୍ତାହାରରେ ଏକ ନମ୍ବର କାର୍ଯ୍ୟକ୍ରମ ଥିଲା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା। ଓଡ଼ିଶାବାସୀ ଅପେକ୍ଷା କରିଛନ୍ତି। ଫମ୍ପା ମାଠିଆର ଶବ୍ଦ ବେଶୀ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ସୂଚନାଯୋଗ୍ୟ, ଜନ ସଂପର୍କ ପଦଯାତ୍ରା ସମୟରେ ଦଳର କର୍ମକର୍ତ୍ତା / ନିର୍ବାଚିତ ପ୍ରତିନିଧି / ୱାର୍ଡ କମିଟିର ସଦସ୍ୟ/ସଦସ୍ୟା ଓ ସମସ୍ତ ଦଳୀୟ ସଂଗଠନର କର୍ମକର୍ତ୍ତାମାନେ ପଦଯାତ୍ରାରେ ଯାଇ ପ୍ରତ୍ୟେକ ଘରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାରଙ୍କ ସଫଳତାର ବାର୍ତ୍ତା ପ୍ରସାର ସହ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଯଥା- 'ଆମ ଗାଁ ଆମ ବିକାଶ' 'ଆମ ସହର ଆମ ଉନ୍ନତି' 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା', ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା, ମହିଳା, କୃଷକ ଓ ଛାତ୍ରଙ୍କ ପାଇଁ ୧% ସୁଧରେ ଋଣ ବ୍ୟବସ୍ଥା, ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର ବିକାଶ ପରିଷଦ ଗଠନ, ୪ବର୍ଷରେ ୧୭ଲକ୍ଷ ପକ୍କା ଘର ନିର୍ମାଣ, ସହରାଞ୍ଚଳ ବସ୍ତିବାସିନ୍ଦାଙ୍କୁ ଭୂମି ଓ ସଂପତ୍ତି ଅଧିକାର, କୃଷକଙ୍କ ଆୟ, କୃଷି ଉତ୍ପାଦନ ୨ଗୁଣ ହେବା, ୭ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା, ରାଜ୍ୟର ଯୁବକ-ଯୁବତୀଙ୍କ ସଶକ୍ତିକରଣ, 'ମିଶନ ଶକ୍ତି' ଓ ମହିଳା ସଶକ୍ତିକରଣ, ଆମ ରାଜ୍ୟର ଅନୁକରଣୀୟ 'ସାମାଜିକ ସୁରକ୍ଷା ଯୋଜନା' ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଇବେ। ଗତ ନିର୍ବାଚନ ସମୟରେ ବିଜୁ ଜନତା ଦଳ ଦେଇଥିବା ପ୍ରତିଶ୍ରୁତିର ପରିପୂରଣ ସଂପର୍କରେ ମଧ୍ୟ ଜନସାଧାରଣଙ୍କୁ ଅବଗତ କରାଇବେ। ସେହିପରି ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କର ବିଭିନ୍ନ ସମୟରେ ଅବହେଳା, ପକ୍ଷପାତିତା ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟର ବିକାଶ ଓ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଭିନ୍ନ ସମୟରେ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରୁଥିବା ଆମର ଦାବି ସଂପର୍କରେ ଲୋକମାନଙ୍କୁ ସଚେତନ କରାଇବେ। ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ମାନ୍ୟତା, କେବିକେକୁ ସ୍ୱତନ୍ତ୍ର ଅନୁଦାନ, ବିଭିନ୍ନ ଜନହିତକର ଯୋଜନାରୁ ଅର୍ଥ କାଟ୍, ସ୍ୱାମୀନାଥନ କମିଶନଙ୍କ ସୁପାରିଶକୁ କାର୍ଯ୍ୟକାରୀ କରି ଧାନର ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୯୩୦ ଟଙ୍କା ଲାଗୁ କରି ଚାଷୀଙ୍କୁ ନ୍ୟାୟ ଦେବା, ମହାନଦୀ ଓ ପୋଲାଭରମ୍ ପ୍ରସଂଗରେ ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରିବା, ଭାଟ୍ ଓ ବିମୁଦ୍ରୀକରଣର କୁପ୍ରଭାବ, ମୁଦ୍ରାର ବିନିମୟ ମୂଲ୍ୟ କ୍ରମାଗତ ଭାବରେ ହ୍ରାସ ଏବଂ ସଂପ୍ରତି ଅହେତୁକ ପେଟ୍ରୋଲ, ଡିଜେଲ୍ ଓ ରନ୍ଧନଗ୍ୟାସ୍ ଦର ବୃଦ୍ଧି କରି ସାଧାରଣ ଖାଉଟି-ଗୃହିଣୀଙ୍କ ଉପରେ ବୋଝ ଲଦିବା ସଂପର୍କରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବେ। ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ବିଜୟ କୁମାର ମହାନ୍ତି, ପ୍ରିୟଦର୍ଶୀ ମିଶ୍ର, ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ବିଧାୟକ ଦେବାଶିଷ ନାୟକ, ସାଂସଦ ପ୍ରସନ୍ନ ପାଟଶାଣୀ, ମେୟର ଅନନ୍ତ ନାରାୟଣ ଜେନା, ଡେପୁଟି ମେୟର କେ. ଶାନ୍ତି, ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ର, ସଂଖ୍ୟାଲଘୁ ସେଲ୍ ଆବାହକ ମୁନ୍ନା ଖାଁ, ଯୁବ ବିଜେଡି ଉପଦେଷ୍ଟା ଅମରେଶ ଜେନା, ଉପ-ସଭାପତି ଦୁର୍ଗା ସାମନ୍ତରାୟ, ଭୁବନେଶ୍ୱର ଜିଲ୍ଲା ସଭାପତି ସୁଜିତ ସ୍ୱାଇଁ, ମହିଳା ବିଜେଡି ଉପ-ସଭାନେତ୍ରୀ ମହାମାୟା ସ୍ୱାଇଁ, ଭୁବନେଶ୍ୱର ସଭାନେତ୍ରୀ ଭାରତୀ ସିଂହ, ସୁଲତା ଦେଓ, ଦଳର ମୁଖପାତ୍ର ସୁଲୋଚନା ଦାସ, ବହୁ କର୍ପୋରେଟର୍, ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟଙ୍କ ସମେତ ୧୦,୦୦୦ରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ, ଶୁଭେଚ୍ଛୁ ଯୋଗଦେଇଥିଲେ।





ଭୁବନେଶ୍ୱର, ୦୮ - ୧୪ ଅକ୍ଟୋବର, ୨୦୧୮

# କେହି ଆଉ ବୋକା ନାହାନ୍ତି

୨୦୧୪ ନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ଏବେ ପାଳନ କରିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ବାଦ୍ ମୁଖ୍ୟମନ୍ତ୍ରୀ ଓଡ଼ିଶାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରି ରାଜ୍ୟର ୨୫ଲକ୍ଷ ଗରିବଙ୍କୁ ସୁବିଧା ପ୍ରଦାନ କରିବା ନିଶ୍ଚୟ ସ୍ୱାଗତଯୋଗ୍ୟ। ସାରା ବିଶ୍ୱରେ ମହାତ୍ମା ଗାନ୍ଧିଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଏଭଳି ଏକ ଯୋଜନାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଓଡ଼ିଶାର ଜଣେ ବି ଗରିବ ଲୋକଙ୍କୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ହେବାକୁ ଦିଆଯିବନାହିଁ। ଏଥିପାଇଁ ପାଣ୍ଠିର ଅଭାବ ମଧ୍ୟ ରହିବନି। ବାସ୍ତବିକ ଜଣେ ଉତ୍ତମ ଶାସକ ହିଁ ପ୍ରଜାଙ୍କ ଅନ୍ତର ବେଦନା ବୁଝିପାରନ୍ତି। ରାଜନୀତିରେ ପ୍ରତିଶ୍ରୁତି ଦେବା ଓ ଏହାକୁ ପାଳନ କରିବା କ୍ୱଚିତ୍ ଶାସକଙ୍କ ପକ୍ଷେ ସମ୍ଭବ ହେଉଥିଲା ବେଳେ ନବୀନ ବାବୁ ଏହା କରି ଦେଖାଇ ପାରିଛନ୍ତି। କାରଣ ପ୍ରତିଶ୍ରୁତି ଦେବା ଆଜିକାଲି ରାଜନୀତିର ଏକ ମାମୁଲି କଥା। ନିର୍ବାଚନ ବେଳେ ଲୋକଙ୍କୁ ଅନେକ ପ୍ରକାର ଲୋଭନୀୟ ପ୍ରତିଶ୍ରୁତି ମାଧ୍ୟମରେ ନିଜ ଆଡକୁ ଆକର୍ଷିତ କରିବା ହେଉଛି ମୂଳଲକ୍ଷ୍ୟ। ହେଲେ ଯୁଗପୁରୁଷ ଓ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ ମାନେ ହିଁ ଭବିଷ୍ୟତ ସମାଜର ସ୍ୱପ୍ନ ଆଙ୍କିପାରନ୍ତି ଓ ଏଥିରେ ରଙ୍ଗ ଭରିବାକୁ ନିଜର ସାମର୍ଥ୍ୟ ଦେଖାନ୍ତି। କିନ୍ତୁ ବିଭିନ୍ନ ସମୟରେ ଦେଖାଯାଇଛି ଯୋଜନା ଆଳରେ ରାଜକୋଷ ଲୁଟ୍ ହେବା ସହିତ ସାଧାରଣ ଲୋକଙ୍କୁ ଏହାର କୌଣସି ସୁଫଳ ମିଳିପାରିନାହିଁ। ଗାଦିରେ ଥିବା ଲୋକ ଅଧିକରୁ ଅଧିକ ଦିନ କିଭଳି ଗାଦି ମାଡି ବସିବ ସେହି ଚିନ୍ତାଧାରାରେ ବିଶ୍ୱାସ କରୁଥିବା ସମସ୍ତେ ଜାଣନ୍ତି। ଏଥିପାଇଁ ଯେକୌଣସି ପ୍ରକାର କଳାକୌଶଳ ପ୍ରୟୋଗ ଆବଶ୍ୟକ ତାହାକୁ ଆପଣାଇବା କ୍ଷେତ୍ରରେ କେହି ପଛଘୁଞ୍ଚା ଦିଅନ୍ତି ନାହିଁ। ଅନେକ ଯୋଜନାରେ ଦେଖାଯାଇଛି ଆରମ୍ଭରୁ ଏହା ଖୁବ୍ ରଙ୍ଗୀନ ଦିଶୁଥିଲା ବେଳେ ଏହାର ଆଖିଦୃଶିଆ ସୁଫଳ କେହି ପାଇନଥାନ୍ତି। ସୁଫଳ ପାଇନଥିବା ଲୋକ ଏନେଇ ହୋହଲ୍ଲା କଲେ ବା ଆନ୍ଦୋଳନକୁ ଓହ୍ଲାଇଲେ ସେତେବେଳେ ସେମାନଙ୍କୁ ଦମନ କରିବା ପାଇଁ ପ୍ରଶାସନକୁ କାର୍ଯ୍ୟରେ ଲଗାଯାଏ। ନିର୍ଯାତିତର ସ୍ୱର ଦବେଇବାକୁ ଚେଷ୍ଟା ଆରମ୍ଭ ହେଲେ ବିଦ୍ରୋହ ବିସ୍ଫୋରଣର ରୂପ ନିଏ। ଏତିକି ବେଳେ ଦେଖାଯାଇଛି ବିରୋଧୀ ଦଳ ନେତାମାନେ ନିଆଁରେ ଘିଅ ଢାଳି ବିଦ୍ରୋହର ଅଗ୍ନିକୁ କିଭଳି ଅଧିକ ପ୍ରସାରିତ କରିହେବ ତାହାର ଯୋଜନା ପ୍ରସ୍ତୁତ କରନ୍ତି। ହୃଦୟରୁ ଆସୁନଥିବା ଆନ୍ତରିକତାପୂର୍ଣ୍ଣ କଥା ବଦଳରେ ମିଛ ଆଶ୍ୱାସନାର ପାହାଡଟିଏ ତିଆରି କରନ୍ତି ଯେମିତି। ଏଭଳି ବି ହୁଏ ନିଷ୍ପେଷିତମାନେ ଅନନ୍ୟୋପାୟ ଭାବେ ସତମିଛର ପରୀକ୍ଷା ନକରି ନିଜକୁ ସୁହାଉଥିବା କଥାଟିକୁ ବିଶ୍ୱାସ କରିଯାଆନ୍ତି। ହେଲେ ମିଛସତର ଏ ଗୋଲକଧନ୍ଦାରେ ବୁଦ୍ଧିମାନ ବ୍ୟକ୍ତିମାନେ ନିଜ ପାଇଁ ଶକ୍ତି ସଞ୍ଚୟ କରୁଥିଲା ବେଳେ ବୋକାମାନେ ବାରମ୍ବାର ସେମିତି ପ୍ରତାରିତ ହୁଅନ୍ତି। ଜାତୀୟ ହେଉ ବା ଆଞ୍ଚଳିକ ଆଜିକାଲି ରାଜନୀତିରେ ଏଭଳି ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳେ। ଯେଉଁ ଦଳ ସରକାରରେ ଥାଏ ସେ ପରାଜୟବରଣ କରିବାକୁ କେବେବି ଆଶା କରିନଥାଏ। ଶାସନ ବାହାରେ ଥିବା ରାଜନୈତିକ ବ୍ୟକ୍ତିମାନେ ଶାସନରେ ଥିବା ବ୍ୟକ୍ତିମାନଙ୍କ ଅନ୍ୟାୟ, ଦୁର୍ନୀତି ଓ ମାନସିକତାର କଥା କହି ଭୋଟରଙ୍କୁ ପ୍ରଭାବିତ କଲା ଭଳି ନୂଆ ନୂଆ ଭେଳିକି ଦେଖାନ୍ତି। ଗାନ୍ଧିବାଦର କଥା କହୁଥିବା ବ୍ୟକ୍ତିମାନଙ୍କର ବାସ୍ତବ ଚରିତ୍ରକୁ ଅନୁଶୀଳନ କଲେ ଯାହା ଜଣାପଡେ ଯାଦୁଆ ବିକୁଛି ଯାଦୁର ମଲମ, ମଦୁଆ ଧରିଛି ନିଶା ନିବାରଣ ବାନା। ପୁଞ୍ଜିପତିମାନଙ୍କ ବିରୋଧରେ ସ୍ଲୋଗାନ ଦେଉଥିବା ରାଜନେତାମାନେ ଯେତେବେଳେ ନିର୍ବାଚନ ଲଢ଼ିବା ପାଇଁ ପୁଞ୍ଜିପତିମାନଙ୍କ ଠାରୁ ପାଣ୍ଠି ଯୋଗାଡ କରନ୍ତି ସେତେବେଳେ ସ୍ୱଚ୍ଛ ଭାବନା ଆପେ ଆପେ କଳୁଷିତ ହୋଇଯାଏ। କଥାରେ କହିବା ଓ କାମରେ କରି ଦେଖାଇବା ଏହା ଦୁଇଟି ଭିନ୍ନ କଥା। ଆଗରୁ ସାଧାରଣ ଲୋକେ ଗଣତନ୍ତ୍ରରେ କେଉଁଟା ଗ୍ରହଣୀୟ ଓ କେଉଁଟା ଆବଶ୍ୟକ ନୁହେଁ ତାହା ଜାଣିପାରୁ ନଥିଲେ। ଏବେ କିନ୍ତୁ ବୈଷୟିକ ବିକାଶ ଓ ମିଡିଆର ସକ୍ରିୟତା ଲୋକଙ୍କୁ ଏ ଦିଗରେ ଅଧିକ ସଚେତନ କରିଛି। ଯେଉଁଥିପାଇଁ ଲୁଚାଛପାରେ କରାଯାଉଥିବା ଅନୀତି, ଦୁର୍ନୀତି ଲୋକଲୋଚନକୁ ଆସିପାରୁଛି। କୌଣସି ଘଟଣା ଏବେ ଆଉ ଗୋପନୀୟ ନୁହେଁ। ଆଇନଗତ ଭାବେ ହେଉ କିମ୍ବା ବ୍ୟକ୍ତିଗତ ସ୍ତରରେ ଲୋକେ ନିଜର ଅଧିକାରକୁ ବୁଝି ସାରିଲେଣି। କିଛି ଲୋକଙ୍କୁ କିଛିଦିନ ପାଇଁ ହୁଏତ ବୋକା କରାଯାଇପାରେ। ହେଲେ ଏହା ସବୁଦିନ ପାଇଁ ନୁହେଁ। ଦେଶର ରାଜନୀତି କ୍ଷେତ୍ରରେ ଏଭଳି ଅନେକ ନଜିର ଦେଶବାସୀଙ୍କ ଆଖି ଖୋଲିଦେଇଛି। କେହି ଆଉ ନେତାଙ୍କ କଥାକୁ ସହଜରେ ବୁଝିଗଲି ବୋଲି କହିବା ଅବସ୍ଥାରେ ନାହାନ୍ତି। ଜନସାଧାରଣଙ୍କ ମାନସିକତା ବୁଝି ସେମାନଙ୍କ ପାଇଁ କଲ୍ୟାଣକାରୀ ଯୋଜନା କରୁଥିବା ଶାସକ ବା ପ୍ରଶାସକ ସବୁବେଳେ ପ୍ରଶଂସାର ପାତ୍ର ହୋଇଆସିଛନ୍ତି। ଏଥିରେ ବ୍ୟତିକ୍ରମ ଦେଖାଉଥିବା ଶାସକ ବା ଅଧିକାରୀମାନେ ସମାଜରେ ନିନ୍ଦିତ ଓ ଉପହାସିତ ହେବା ଭଳି ଘଟଣା ମଧ୍ୟ କିଛି କମ୍ ନୁହଁ। ହେଲେ ସାଧାରଣ ଲୋକଙ୍କ ପାଇଁ ବ୍ୟବସ୍ଥା ଅନ୍ତର୍ଗତ ଯୋଜନାର ସୁଫଳ ନମିଳିବା ପଛରେ କେଉଁ କାରଣ ରହିଛି ସେ ଦିଗଟି ପ୍ରତି ଯେବେ କାହାର ନଜର ନରହେ ତେବେ ଭ୍ରଷ୍ଟ ଶାସନର ନମୂନା ଲୋକେ ଜାଣିପାରନ୍ତିନି। ଘଟଣା ପ୍ରଘଟ ହେବା ପରେ ଏଥିପାଇଁ ତତ୍ପରତା ପ୍ରକାଶ ପାଏ ଓ ବ୍ୟବସ୍ଥାରେ ସୁଧାର ଆସେ। ଯେଉଁ ବ୍ୟକ୍ତିମାନେ ଏଭଳି ଘଟଣା ପଛରେ ଥାଆନ୍ତି ସେମାନେ ପ୍ରାରମ୍ଭିକ ସ୍ତରରୁ ଭଲ କାମ ନକରି ଲୋକହସା ପର୍ଯ୍ୟନ୍ତ କାହିଁକି ଯେ ଅପେକ୍ଷା କରନ୍ତି ତାହା ହିଁ ବର୍ତ୍ତମାନର ପ୍ରଶ୍ନବାଚୀ। ଯେଉଁ କାର୍ଯ୍ୟଟି ଦୁର୍ଘଟଣା ପୂର୍ବରୁ କରାଯାଇଥିଲେ ଦୁର୍ଘଟଣାକୁ ଏଡାଇ ହୋଇଥାନ୍ତା ତାହା ଦୁର୍ଘଟଣା ପରେ ତନାଘନା ଯୋଗୁଁ ସମ୍ଭବ ହୁଏ। ହେଲେ ଏଥିରେ ଅନେକ ଧନଜୀବନ ନଷ୍ଟ ମଧ୍ୟ ହୋଇସାରିଛି। ଶାସନ କ୍ଷେତ୍ରରେ ରହିଥିବା ବ୍ୟକ୍ତିମାନେ ଯେତେବେଳେ କୁମ୍ଭୀର ମଝି ନଈକୁ ନେଲେ ନିଦ ଭାଙ୍ଗେ ସେତେବେଳକୁ ପାଖରେ କେହି ନଥାନ୍ତି। ଫଳରେ ମଝି ନଈରେ ବୁଡିମରିବା ସାର। ଦେଶର ରାଜନୀତି କରୁଥିବା ଦଳମାନେ ଏବେଠାରୁ ଲୋକଙ୍କୁ ଆଉ ବୋକା ନଭାବି ପ୍ରତିଶ୍ରୁତି ପାଳନ କରିବା ଦିଗରେ ଅଗ୍ରସର ହୁଅନ୍ତୁ। ଯେଉଁମାନେ ଶାସନ ଗାଦିରେ ରହୁଛନ୍ତି ସେମାନେ ମଧ୍ୟ ଜାଣିରଖିବା ଉଚିତ୍ ଯେ, ପ୍ରତିକାର କରିବା ବଦଳରେ ଭୋଟରଙ୍କୁ ପ୍ରତାରଣା ଦେଲେ ଭୋଟରମାନେ ମଧ୍ୟ ଏହାର ଉଚିତ ଜବାବ ଦେଇପାରିବେ। ନେତା ଓ ଭୋଟର ଉଭୟ ଉଭୟଙ୍କ ପରିପୂରକ। ଭୋଟ ନଥିଲେ ଜଣେ ନେତୃତ୍ୱ ନେବାକୁ ସକ୍ଷମ ହେବନାହିଁ। ତେଣୁ ପ୍ରବଞ୍ଚନା ବଦଳରେ ଲୋକଙ୍କ ସମସ୍ୟା ବୁଝି ଏହାର ସମାଧାନ ପାଇଁ ବ୍ୟବସ୍ଥାରେ ଥିବା ଯୋଜନା ଗୁଡିକର ନିଃସ୍ୱାର୍ଥ କାର୍ଯ୍ୟକାରିତା ପ୍ରତି ଗୁରୁତ୍ୱ ଦେବା ଉଚିତ। ଯୋଜନା ଘୋଷଣା ଓ ଏହାର କାର୍ଯ୍ୟକାରିତା ମଝିରେ ଯେଉଁ ଫାଙ୍କ ଟିକେ ରହୁଛି ତାହାକୁ ବନ୍ଦ କରି କାର୍ଯ୍ୟଧାରାରେ ସ୍ୱଚ୍ଛତା ଆଣିବା ହେଉଛି ଉତ୍ତମ ଶାସକଙ୍କ ଲକ୍ଷଣ। ଏହି ଉତ୍ତମ ଗୁଣ ଯାହା ନିକଟରେ ଥାଏ ସେ ନିଶ୍ଚୟ ପୂଜନୀୟ ଓ ବନ୍ଦନୀୟ ହେବାରେ ଅସୁବିଧା ନାହିଁ।

ସମ୍ପାଦକୀୟ
ତାରକ ମହାନ୍ତି



**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ବିଜେଡିର ନବକଳେବର : ନୂଆ ରାଜନୈତିକ ସମୀକରଣ !



ଡାକ୍ତର ନୀଳମାଧବ ପୃଷ୍ଟି

ଦଶହରାର ମାହୋଲ କେବଳ ଓଡ଼ିଶାବାସୀଙ୍କ ପାଇଁ ନୁହେଁ ଓଡ଼ିଶାର ନେତା, ରାଜନୈତିକ ଦଳ ଓ ଚେଲା ଚାମୁଣ୍ଡାଙ୍କ ଭିତରେ ଭିନ୍ନ ଏକ ପରିବେଶ ସୃଷ୍ଟି କଲାଣି। ବିଜେଡ଼ିର ହେବିୱେଟ୍ ଦାମ ବାବୁଙ୍କ କଂଗ୍ରେସ କାର୍ଯ୍ୟକ୍ରମରେ ଯୋଗଦାନ, ମାହାଙ୍ଗା ଓ ନିମାପଡ଼ାରେ ବିଜେଡ଼ି ବିରୁଦ୍ଧରେ ତାଙ୍କର ଅଗ୍ନିବର୍ଷୀ ଭାଷଣ ଅନେକ ସଙ୍କେତ ସୃଷ୍ଟି କରିବା ପରେ ସର୍ବଶେଷ ତଥ୍ୟ ଅନୁଯାୟୀ ଦାମ ବାବୁ ପିତୃପକ୍ଷ ପରେ ବିଜୁ ବାବୁଙ୍କ ନାମରେ ତାଙ୍କ ଅନୁଗତ ମାନଙ୍କୁ ନେଇ ନୂଆ ରାଜନୈତିକ ଦଳ ଗଢ଼ିବାର ସୂଚନା ଦେବା ପରେ ଓଡ଼ିଶାର ରାଜନୈତିକ କ୍ଷେତ୍ରରେ ଭୂକମ୍ପ ସୃଷ୍ଟି ହୋଇଛି। ବିଜେଡ଼ିରୁ ଇସ୍ତଫା ଦେବାପରେ ପୂର୍ବତନ ସାଂସଦ ବୈଜନ୍ତ ପଣ୍ଡା 'ହୋଇଯାଉ' କାର୍ଯ୍ୟକ୍ରମରେ ଓଡ଼ିଶାରେ ଘୁରାଫେରା କରୁଛନ୍ତି କିନ୍ତୁ ତାଙ୍କପରି ବିଚକ୍ଷଣ ନେତା ବିଜେପିରେ ଏଯାବତ୍ ଯୋଗ ଦେଇ ନଥିବାରୁ ରାଜନୈତିକ ବାର୍ତ୍ତା ଅନ୍ୟ ରକମର ହେଉଛି। ବିଜେପିରୁ ଅବହେଳିତ ହୋଇ ଓଡ଼ିଶା ରାଜନୀତିର ଓସ୍ତାଦ ଖେଳାଳୀ ବିଜୟ ମହାପାତ୍ର କିନ୍ତୁ ଦାମ ବାବୁଙ୍କ ବିଜେଡ଼ିରୁ ବହିଷ୍କାର ପରେ ଆଶ୍ଚର୍ଯ୍ୟଜନକ ଭାବରେ ନିରବ ରହିଛନ୍ତି। ଯାହାକୁ ରାଜନୈତିକ ଭାଷାରେ ଝଡ଼ ପୂର୍ବର ନୀରବତା ଭାବେ ବିଚାର କରାଯାଉଛି। ଓଡ଼ିଶାରେ ବିଜେଡ଼ି ଏବେ ଦୁଇପଟୁ ବିରୋଧୀଙ୍କୁ ସାମ୍ନା କରୁଛି। ବିଜେପିର ଓଡ଼ିଶା ଚେହେରା ତଥା ମୋଦି-ଅମିତ୍ ଶାହାଙ୍କ ବିଶ୍ୱସ୍ତ ଧର୍ମେନ୍ଦ୍ର ବାବୁଙ୍କ ନେତୃତ୍ୱର ବିଜେପି ଓ କଂଗ୍ରେସର ଓସ୍ତାଦ ଖେଳାଳୀ ନିରଞ୍ଜନ ବାବୁଙ୍କ ଓଡ଼ିଶା କଂଗ୍ରେସ ଚଳଚଞ୍ଚଳ କାର୍ଯ୍ୟକ୍ରମ ଓ ଶାସକ ବିରୁଦ୍ଧରେ ଅନେକ ଗୁରୁତର ଅଭିଯୋଗ ସ୍ୱଭାବିକ ଭାବରେ କ୍ଷମତାସୀନ ବିଜେଡ଼ି ସରକାରକୁ ଅକଳରେ ପକାଉଛି। ବିଜେପି କେନ୍ଦ୍ରୀୟ ନେତୃତ୍ୱ ଓଡ଼ିଶା ଓ ପଶ୍ଚିମବଙ୍ଗକୁ ନିଜ ଫୋକସ୍ ରଖିଛନ୍ତି। ଯାହାପାଇଁ ବିଜେପିର ବଡ଼ ବଡ଼ ନେତାମାନେ ଘନ ଘନ ଓଡ଼ିଶା ଗସ୍ତ କରି ଦଳକୁ ଶକ୍ତି ଯୋଗାଉଛନ୍ତି।

ତେବେ ନବୀନ ବାବୁଙ୍କ ନେତୃତ୍ୱର ଶକ୍ତିଶାଳୀ ବିଜେଡ଼ି ଆଞ୍ଚଳିକ ଦଳ ଭାବରେ ସର୍ବଭାରତୀୟ ସ୍ତରରେ ନିଜର ଭଲ ପ୍ରତିଷ୍ଠା ରଖିଛି। ବିଜେପି ଓ କଂଗ୍ରେସ ଠାରୁ ସମ ଦୂରତା ରକ୍ଷା କରୁଥିବାର ରାଜନୈତିକ ବାର୍ତ୍ତା ଦେଇ ନବୀନ ବାବୁ ଯେ କଂଗ୍ରେସର ଉପାସରକାର ହେଉ ବା ମୋଦିଙ୍କ ଏନ୍‌ଡିଏ ସରକାର ସମସ୍ତଙ୍କ ସହ ଅତି ଚତୁରତାର ରାଜନୈତିକ ବିଚକ୍ଷଣତାର ପ୍ରମାଣ ଦେଇ ସେମାନଙ୍କ ସମର୍ଥନ ଓ ଆସ୍ଥା ସୁବିଧା ଅସୁବିଧା ସମୟରେ ପାଇଛନ୍ତି। ବିଜେଡ଼ି ନବୀନ ବାବୁଙ୍କ ନେତୃତ୍ୱରେ ଦିନକୁ ଦିନ ଶକ୍ତିଶାଳୀ ହେବା ସହ ଅନେକ ଲୋକପ୍ରିୟ କାର୍ଯ୍ୟକ୍ରମ ଦ୍ୱାରା ଓଡ଼ିଶାବାସୀଙ୍କ ବିଶ୍ୱାସଭାଜନ ହୋଇଛି। ବିଜେଡ଼ିର ଶେଷ ବିଜୁ ଅନୁଗତ କୁହାଯାଉଥିବା ହେବିୱେଟ ଦାମ ବାବୁ ବିଦା ହେବାପରେ ଦଳ ଆସନ୍ତା ବିଧାନସଭା ଓ ଲୋକସଭା ନିର୍ବାଚନରେ ନିଜର ଅନେକ ସିଟିଂ ସାଂସଦ ଓ ବିଧାୟକଙ୍କୁ ଟିକେଟ ନଦେଇ ନୂଆ ମୁହଁ, ଯୁବ ଚେହେରା ଓ ଅନ୍ୟ ଦଳରୁ ଆସିଥିବା ହେବିୱେଟ୍ ନେତାଙ୍କୁ ଏମାନଙ୍କ ବଦଳରେ ଲଢ଼ାଇବ ବୋଲି ରାଜନୈତିକ ସମୀକ୍ଷକଙ୍କ ସୂତ୍ର କହୁଛି। ଝାରସୁଗୁଡ଼ାର ବିଧାୟକ ତଥା ଓଡ଼ିଶା କଂଗ୍ରେସର ହେବିୱେଟ ନେତା କୁହାଯାଉଥିବା ନବକିଶୋର ଦାସ ସପରିବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ରାଜନୀତିର ଅନ୍ଦର ମହଲ ସରଗରମ ରହିଛି। ସେହିପରି ଜଗତ୍‌ସିଂହପୁର ବିଧାୟକ ଚିରଞ୍ଜିବୀ ବିଶ୍ୱାଳ, କୋରାପୁଟ ବିଧାୟକ ତଥା ନିକଟରେ ଓଡ଼ିଶା ପିସିସି ବିରୁଦ୍ଧରେ ମୁହଁ ଖୋଲିଥିବା କୃଷ୍ଣଚନ୍ଦ୍ର ସଗରିଆ ଓ ସାଲେପୁର ବିଧାୟକ ପ୍ରକାଶ ବେହେରା ବିଜେଡ଼ିକୁ ଆସିପାରନ୍ତି। ଓଡ଼ିଶା ବିଜେପିକୁ କଡ଼ା ଟକ୍କର ଦେଇ ନିଜ ଭୋଟ ବ୍ୟାଙ୍କ ବଢ଼ାଇବାକୁ ବିଜେଡ଼ି ନିଜ ରଣନୀତି ଯୋଜନାବଦ୍ଧ ଭାବେ ପ୍ରସ୍ତୁତ କରୁଛି। ନିକଟରେ ଇଣ୍ଡିଆ ଟୁ ଡେ'ର ରିପୋର୍ଟ ଓଡ଼ିଶାରେ ନବୀନ ବାବୁଙ୍କ ନେତୃତ୍ୱର ଉଜ୍ଜ୍ୱଳ ଛବିକୁ ବଢ଼ାଇବା ପରେ ଏହା ବିଜେଡ଼ି ଭୋଟବ୍ୟାଙ୍କ ପାଇଁ ନିଶ୍ଚିନ୍ତ ଭାବରେ ପ୍ଲସ ପଏଣ୍ଟ। ଓଡ଼ିଶା ମିଡ଼ିଆ ଜଗତର ପ୍ରଭାବଶାଳୀ ଓ ପ୍ରତିଭାବାନ ବ୍ୟକ୍ତିତ୍ୱ ସୌମ୍ୟରଞ୍ଜନ ପଟ୍ଟନାୟକ ବିଜେଡ଼ିର ସାଂସଦ ଭାବେ ନିର୍ବାଚିତ ହେବାପରେ ତାଙ୍କ ମିଡ଼ିଆ ବିଜେଡ଼ି ଓ ସରକାରଙ୍କୁ ସୁହାଉଛି। କେନ୍ଦୁଝର ଜିଲ୍ଲାର ବିଜେଡ଼ିର ବରିଷ୍ଠ ନେତା ଓ ପୁରୁଣା ରାଜନୈତିକ ଖେଳାଳୀ ବଦ୍ରି ପାତ୍ରଙ୍କ ବିରୋଧରେ ଚମ୍ପୁଆର ସ୍ୱାଧୀନ ବିଧାୟକ ସନାତନ ମହାଖୁଡ଼ଙ୍କୁ ବିଜେଡ଼ି ଦଳକୁ ଆଣିବା ପାଇଁ ଉଦ୍ୟମ କରୁଛି। ଯାହାର ବଡ଼ ଉଦାହରଣ ଭାବେ ମନ୍ତ୍ରୀ ବଦ୍ରି ପାତ୍ରଙ୍କ ପୁଅର ଗିରଫଦାରୀକୁ କିଛିଟା ବୁଝାଯାଇପାରେ। କେନ୍ଦୁଝର ହେଉଛି ବିଜେଡ଼ିର ଟଙ୍କା ମୁଣି ଆଉ ସନାତନ ମହାଖୁଡ଼ଙ୍କ ପରି ପଇସାବାଲା ଓ ନିଜ ଜିଲ୍ଲାରେ ବେଶ୍ ଦବ୍‌ଦବା ରହିଥିବା ନେତା ବିଜେଡ଼ି ପାଇଁ ନିଶ୍ଚିନ୍ତ ଭାବରେ ଆସେଟ୍ ହେବେ। ଦାମବାବୁ ଦଳରୁ ବିଦା ହେବାପରେ ବିଷ୍ଣୁ ଦାସଙ୍କର ପାରାଦ୍ୱୀପ ରାଜନୀତିରେ ବଡ଼ କ୍ଷମତା ଦଖଲ ଅପହଞ୍ଚ ହୋଇପାରେ। ଦାମ ବାବୁ ଓ ବିଷ୍ଣୁ ବାବୁଙ୍କ ମଧ୍ୟରେ ପ୍ରଥମରୁ ସମ୍ପର୍କ ଅହିନକୁଳ। ବର୍ତ୍ତମାନର ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ, ବିଜେଡ଼ିର ଜଗତ୍‌ସିଂହପୁର ଜିଲ୍ଲା ସଭାପତି ବିଷ୍ଣୁ ଦାସ ଆଗାମୀ ବିଧାନସଭା ନିର୍ବାଚନରେ ଟିକେଟ ନ ପାଇପାରନ୍ତି। ବିଜେପିରେ ଥାଇ କୋଣ ଠେଷା ହୋଇଥିବା ବିଜୟ ମହାପାତ୍ର ବିଜେଡ଼ିକୁ ଆସିପାରନ୍ତି ବୋଲି ଅନେକ ସଙ୍କେତ ମିଳୁଛି। ଓଡ଼ିଶା ରାଜନୀତିରେ ଅତ୍ୟନ୍ତ ପ୍ରତିଭାବାନ, ସୁଦକ୍ଷ ଓ ଅନୁଭବୀ ନେତା ଭାବେ ବିଜୟ ମହାପାତ୍ରଙ୍କର ସ୍ୱତନ୍ତ୍ର ସ୍ଥାନ ରହିଛି। ଏକଦା ବିଜୁ ବାବୁଙ୍କ ଅତ୍ୟନ୍ତ ଘନିଷ୍ଠ ଓ ବିଶ୍ୱସ୍ତ ସହଯୋଗୀ ଭାବେ ବିଜୟ ବାବୁଙ୍କ ଭୂମିକା ଓଡ଼ିଶା ରାଜନୀତିରେ ସ୍ୱତନ୍ତ୍ରତା ରଖିଛି। ଓଡ଼ିଶା ରାଜନୀତିର ଚାଣକ୍ୟ କୁହାଯାଉଥିବା ପ୍ୟାରୀ ବାବୁଙ୍କ ପରେ ଅନ୍ୟ କୌଣସି ଦଳର ଯଦି ଚାଣକ୍ୟ ବିଶେଷଣ ଖୋଜାଯିବ ତାହାହେଲେ ବିଜୟ ମହାପାତ୍ରଙ୍କର ନାମରେ ହିଁ ଏହି ଶ୍ରେୟ ରହିବ। ଓଡ଼ିଶାର ପଶ୍ଚିମାଞ୍ଚଳ, ଉତ୍ତର-ଦକ୍ଷିଣ ଅଞ୍ଚଳରେ ବିଜେପିର ପ୍ରଭାବ ଥିବା ସ୍ଥାନରେ ବିଜେଡ଼ି ନିଜ ଦଳର ନେତାଙ୍କୁ ଟିକେଟ ନ ଦେଇ ଅନ୍ୟ ଦଳର ଯୋଗ୍ୟ ପ୍ରଭାବଶାଳୀ ମାନଙ୍କୁ ନିର୍ବାଚନରେ ଲଢ଼ାଇବାର ରଣନୀତି ପ୍ରସ୍ତୁତ ହେଉଛି। ତେବେ ଦିଲ୍ଲୀ ରାଜନୀତିର ଏକ ଅଲଗା ସଙ୍କେତ କିଛି ଗଣମାଧ୍ୟମରେ ତଥ୍ୟ ରୂପେ ପ୍ରକାଶିତ ହୋଇଛି। ରାଷ୍ଟ୍ରପତି ଓ ରାଜ୍ୟସଭା ଉପାଧ୍ୟକ୍ଷ ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ବିଜେଡ଼ି ସମର୍ଥନ ଦେବାପରେ କେନ୍ଦ୍ର ବିଜେପି ସହ ବିଜେଡ଼ିର କୌଣସି ଗୁପ୍ତ ବୁଝାମଣାର ରିପୋର୍ଟ ପ୍ରକାଶ ପାଇଛି। କେନ୍ଦ୍ରାପଡ଼ାର ପୂର୍ବତନ ସାଂସଦ ବୈଜନ୍ତ ପଣ୍ଡା ବିଜେପିରେ ସାମିଲ ହେବାର ବିଳମ୍ବ ଘଟଣା ବଡ଼ ପ୍ରମାଣ ହୋଇପାରେ। ନବୀନ ବାବୁଙ୍କୁ ଅସନ୍ତୁଷ୍ଟ କରି ମୋଦି-ଶାହା ଯୋଡ଼ି ବୈଜନ୍ତ ବାବୁଙ୍କୁ ବିଜେପିକୁ ନେବା ପାଇଁ ଚାହୁଁ ନାହାନ୍ତି। ଏହା ଭିତରେ ପିସିସି ମୁଖ୍ୟ ନିରଞ୍ଜନ ବାବୁ, ବୈଜନ୍ତ ଓ ଦାମ ବାବୁଙ୍କ ଗୋପନ ବୈଠକ ଓଡ଼ିଶା ରାଜନୀତିର ନୂଆ ସମୀକରଣ ଆଡ଼କୁ ଯାଉଛି। ଆସନ୍ତା ଡିସେମ୍ବରରେ ସାଧାରଣ ନିର୍ବାଚନ ସହ ମୋଦି ସରକାର ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ମିଜୋରାମରେ ବିଧାନସଭା ନିର୍ବାଚନ କରାଇବା ପାଇଁ ଇଚ୍ଛୁକ। ତେଣୁ ସେ ସମୟରେ ଓଡ଼ିଶା ମଧ୍ୟ ବିଧାନ ସଭା ନିର୍ବାଚନକୁ ସାମ୍ନା କରିପାରେ। ଦାମ ବାବୁଙ୍କ ନୂଆ ରାଜନୈତିକ ଦଳ ଗଠନ, ବିଜୟ ବାବୁଙ୍କ ଅସମ୍ଭବ ନୀରବତା, ବୈଜନ୍ତ ବାବୁଙ୍କ ଅନ୍ୟ ଦଳରେ ଯୋଗଦାନରେ ବିଳମ୍ବତା, ନବ ଦାସ, ବଦ୍ରି ପାତ୍ରଙ୍କ ଘଟଣା ତମାମ ନୂଆ ରାଜନୈତିକ ସମୀକରଣର ଭିନ୍ନ ଭିନ୍ନ ବାର୍ତ୍ତା। ଦଶହରା ପରେ ପରେ ଓଡ଼ିଶା ରାଜନୀତିର ନୂଆ ସମୀକରଣ ଓଡ଼ିଶାବାସୀଙ୍କୁ ବଡ଼ ଚମକପ୍ରଦ ଘଟଣା ଦେଖାଇବାର ଉଜ୍ଜ୍ୱଳ ସମ୍ଭାବନା ରହିଛି।

*ପାଣିକୋଇଲି, ଯାଜପୁର*
*ମୋ : ୯୪୩୯୪୮୨୫୨୬*

# ସ୍ୱଚ୍ଛ ଭାରତର ନାରା ଓ ଆବର୍ଜନାର ପରିବେଶ



ନାରାୟଣ ଚନ୍ଦ୍ର ବିଶ୍ୱାଳ

ସ୍ୱଚ୍ଛ ଭାରତ ମିଶନକୁ ୨୦୧୮ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ଚାରି ବର୍ଷ ପୁରି ଯାଇଛି। ଏହି କାର୍ଯ୍ୟକ୍ରମ ଆରମ୍ଭ ତିଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାମୋଦରଦାସ ମୋଦିଙ୍କ ଠାରୁ ଆରମ୍ଭ କରି ଦେଶର ବରିଷ୍ଠ ଅମଲାଙ୍କ ହାତରେ ଥିଲା ଝାଡୁ। ଗଣମାଧ୍ୟମରେ ମଇଳା ସଫେଇ କରାଯାଉଥିବାର ଦୃଶ୍ୟ ଓ ସେଲ୍‌ଫି ଜରିଆରେ ଏହାର ଜୋରଦାର ପ୍ରଚାର ହୋଇଥିଲା। କେବଳ ସେତିକି ନୁହେଁ ବିଭିନ୍ନ ସେଲିବ୍ରେଟି ଓ ସମାଜର ନାମୀଦାମୀ ଲୋକମାନେ କିଛି ଦିନ ଝାଡୁ ଧରି ବୁଲାନ୍ତି ତାପରେ ସବୁ ଶୂନ। କିଛିଦିନର ଘୋ ପରେ ଲୋକେ ଏହାକୁ ଭୁଲିଗଲେ। ଏବେ ଯେଉଁଆଡ଼େ ଚାହିଁବେ ଗୁଟ୍‌ଖା ଜରିଠାରୁ ପଲିଥିନ୍ ଓ ସବୁରକମର ଅଳିଆ ରାସ୍ତାଘାଟରେ ବିପୁଳ ପରିମାଣରେ ପଡ଼ି ରହୁଛି। ମହାତ୍ମା ଗାନ୍ଧିଙ୍କ ଜୟନ୍ତୀ ଥିବାରୁ ଏହି ଦିବସରେ କେତେକ ସଫେଇ କାର୍ଯ୍ୟରେ ମନୋନିବେଶ କରିଛନ୍ତି। ବିଶ୍ୱର ଦ୍ୱିତୀୟ ବୃହତ୍ ଜନସଂଖ୍ୟା ବହୁଳ ରାଷ୍ଟ୍ର ଭାରତରେ ପ୍ରତି ମୁହୂର୍ତ୍ତରେ ଅପର୍ଯ୍ୟାପ୍ତ ଆବର୍ଜନା ସୃଷ୍ଟି ହେବା ସ୍ୱାଭାବିକ। ଘର ଅଳିଆ, ଇଲେକ୍ଟ୍ରୋନିକ୍ ୱେଷ୍ଟ, ପ୍ଲାଷ୍ଟିକ ଓ ମାଟିରେ ମିଶି ପାରୁନଥିବା ଅନ୍ୟ ପ୍ରକାର ବର୍ଜ୍ୟବସ୍ତୁ, ନିର୍ମାଣ ଶିଳ୍ପରୁ ଉତ୍ପନ୍ନ ଅଳିଆ, କଳକାରଖାନାରୁ ନିର୍ଗତ ଦୂଷିତ ପଦାର୍ଥ, ଡାକ୍ତରଖାନାରୁ ବାହାରୁଥିବା ସଂକ୍ରମିତ ପଦାର୍ଥ ଏବଂ ସେହିଭଳି ଅନେକ ରକମର ଅଳିଆ ପ୍ରତ୍ୟେକ ଦିନ ଅଧିକରୁ ଅଧିମ ମାତ୍ରାରେ ବାହାରୁଛି। ଏହିସବୁକୁ ବ୍ୟବସ୍ଥିତ ଢ଼ଙ୍ଗରେ ପରିଚାଳନା କରିବା ସରକାରଙ୍କ ପାଇଁ କାଠିକର ପାଠ ହେଲାଣି। ସହଜେ ଡମ୍ପିଂ ଗ୍ରାଉଣ୍ଡର ଅଭାବ। ବ୍ୟବସ୍ଥିତ ଭାବରେ ବର୍ଜ୍ୟବସ୍ତୁ ସଂଗ୍ରହ କରିବାର ବ୍ୟବସ୍ଥା ଏ ପର୍ଯ୍ୟନ୍ତ ଭାରତରେ ସୃଷ୍ଟି ହୋଇନାହିଁ। ସବୁପ୍ରକାରର ଅଳିଆକୁ ଅଲଗା କରି ଭିନ୍ନ ରକମର ନଷ୍ଟ ପ୍ରଣାଳୀ ପ୍ରୟୋଗ କରିବା ସ୍ୱପ୍ନ ହୋଇ ରହିଛି। ଏଭଳି ସ୍ଥଳେ କେବଳ ସ୍ୱଚ୍ଛ ଭାରତର ନାରା ଲଗାଇ ପ୍ରଚାର ମାଧ୍ୟମରେ କରଦାତାଙ୍କର ଅନେକ ହଜାର କୋଟି ଟଙ୍କା ନାଳରେ ଢ଼ାଳିଦେବାର ଚିନ୍ତା ସମ୍ପୂର୍ଣ୍ଣ ଭାବେ ଅବାସ୍ତବ ଓ ଅଯୁକ୍ତିକର।

ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଇ ଅଳିଆକୁ ଧ୍ୱଂସ କରିବା ଲାଗି ଗବେଷଣା ଓ ଉନ୍ନୟନ ସଂସ୍ଥାଗୁଡ଼ିକୁ ଦାୟିତ୍ୱ ଦିଆଯାଇ ସେଥିରେ ଅର୍ଥ ବ୍ୟୟ କରାଗଲେ ନୂଆ କିଛି ଉଦ୍ଭାବନ କରାଯାଇପାରନ୍ତା। କିନ୍ତୁ ଏବେ ଯେଉଁ ଢ଼ଙ୍ଗରେ ବର୍ଜ୍ୟବସ୍ତୁ ପରିଚାଳନା କରାଯାଉଛି ତାହାଦ୍ୱାରା ସେଗୁଡ଼ିକ ସମ୍ପୂର୍ଣ୍ଣ ନିଃଶେଷ ନହୋଇ ଆମ ଭୂଖଣ୍ଡରେ ପଡ଼ି ରହୁଛି। ବିଶେଷକରି ପଲିଥିନ୍ ଭଳି ମାଟିରେ ମିଳେଇ ଯାଉ ନଥିବା ପଦାର୍ଥର ବ୍ୟବହାର ବୃଦ୍ଧି ପାଉଥିବାରୁ ଏହା ସମସ୍ୟାକୁ ଅଧିକ ଜଟିଳ କରିଦେଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ନିଜ ପାଖରେ ଅଖା ବ୍ୟାଗ୍ ଥିଲେ ମଧ୍ୟ ଭାରତୀୟ ମାନସିକତା ଦୋକାନରୁ ପଲିଥିନ୍ ମାଗିବା ଚିନ୍ତାଠାରୁ ଉପରକୁ ଉଠିପାରୁ ନାହିଁ। ପାଶ୍ଚାତ୍ୟ ଦେଶର ବଡ଼ ବଡ଼ ସହରଗୁଡ଼ିକରେ ବୃହତ୍ ଅଞ୍ଚଳ ଉପରେ ଡମ୍ପିଂୟାର୍ଡ଼ ନିର୍ମାଣ କରାଯାଇଛି। କଠିନ ବର୍ଜ୍ୟବସ୍ତୁ ମାଟିରେ ମିଳେଇ ଯିବା କିମ୍ବା ତରଳ ଜିନିଷ ସେଥିରେ ଦ୍ରବିଭୂତ ହେବାର ପ୍ରକ୍ରିୟା ବୈଜ୍ଞାନିକ ଉପାୟରେ ବିକଶିତ କରାଯାଇଥିବାରୁ ପରିବେଶ ଉପରେ ଏହାର ପ୍ରଭାବ ସର୍ବନିମ୍ନ ରହୁଛି। ଭାରତର ଲୋକସଂଖ୍ୟାକୁ ଦେଖିଲେ ପ୍ରତିଦିନ ଉତ୍ପନ୍ନ ହେଉଥିବା ବର୍ଜ୍ୟବସ୍ତୁକୁ ବ୍ୟବସ୍ଥିତ ଢ଼ଙ୍ଗରେ ପରିଚାଳନା କରାଯିବା ଦରକାର। ଏପରିକି ଜରିଗୋଟାଳି କିମ୍ବା ଏହି କାର୍ଯ୍ୟ କରି ଜୀବିକା ନିର୍ବାହ କରୁଥିବା ବ୍ୟକ୍ତିମାନଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରାଯାଇ ସେମାନଙ୍କ ଲାଗି କର୍ମସଂସ୍ଥାନର ସୁଯୋଗ ସୃଷ୍ଟି ହୋଇପାରନ୍ତା। ଫଳରେ ବିଧିବଦ୍ଧ ଭାବେ ସେମାନେ ଏହି ବ୍ୟବସ୍ଥାର ଅଂଶ ପାଲଟନ୍ତେ। ଉକ୍ତ କାର୍ଯ୍ୟରେ ସ୍ଥାନୀୟ ବାସିନ୍ଦା, ପୌରପାଳିକା ଓ ଭଦ୍ରସମାଜ ସେମାନଙ୍କୁ ପ୍ରୋତ୍ସାହନ ଦେବା ଭଳି ପଦକ୍ଷେପ ନେଲେ ଏହି ପ୍ରକ୍ରିୟା ଅଧିକ କ୍ରିୟାଶୀଳ ହୁଅନ୍ତା। କେବଳ ପ୍ରଚାର ସର୍ବସ୍ୱ ଲକ୍ଷ୍ୟ ରଖାଯାଇ ସ୍ୱଚ୍ଛ ଭାରତ ଅଭିଯାନକୁ ଆଗକୁ ନେବା ଲାଗି ପ୍ରୟାସ ହେଉଥିବାରୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ। ସେହିପରି ସରକାର ହୁଅନ୍ତୁ ବା ସାମାଜିକ ଦାୟିତ୍ୱବୋଧ ନିର୍ବାହ କରୁଥିବା ସଂସ୍ଥା ଏ ଦିଗରେ ଆନ୍ତରିକତାର ସହ ପଦକ୍ଷେପ ନେଉ ନଥିବାରୁ ସ୍ୱଚ୍ଛ ଅଭିଯାନ ଆନ୍ଦୋଳନରେ ପରିଣତ ହେବା ଦିଗରେ ପ୍ରତିବନ୍ଧକ ଉପୁଜୁଛି। ଉଦାହରଣ ସ୍ୱରୂପ ଓଡ଼ିଶାର ବାଣିଜ୍ୟିକ ସହର କଟକରେ ଥିବା ବାଦାମବାଡ଼ି ବସ୍‌ଷ୍ଟାଣ୍ଡରୁ ଦେଖାଯାଉ। ଅସଂଖ୍ୟ ବସ୍ ସେଠାରୁ ଗଡୁଥିବାରୁ ଯାତ୍ରୀଙ୍କ ସଂଖ୍ୟା ଅନେକ। ହେଲେ ସେହି ପରିସରରେ ଥିବା ସାଧାରଣ ଶୌଚାଳୟର ଅବସ୍ଥା ଅତ୍ୟନ୍ତ ବ୍ୟବହାର ଅନୁପଯୋଗୀ। ଫଳରେ ଜନସାଧାରଣ ଉକ୍ତ ପରିବେଶକୁ କେଉଁ ସ୍ଥିତିରେ ନେଇ ପହଞ୍ଚାଇ ଦେଉଛନ୍ତି ବୁଝିବା କଷ୍ଟକର ନୁହେଁ। ଏଭଳିସ୍ଥଳେ ବ୍ୟବସ୍ଥା ଉପଯୁକ୍ତ ଭିତ୍ତିଭୂମି ଯୋଗାଇ ଦେବା ଆବଶ୍ୟକ। ଅନ୍ୟପକ୍ଷରେ ନାଗରିକମାନେ ମଧ୍ୟ ସେମାନଙ୍କ ଦାୟିତ୍ୱ ପ୍ରତି ସଚେତନ ହେବା ଜରୁରୀ। ସହରରେ ଥିବା ପ୍ରମୋଦ ଉଦ୍ୟାନ ପରିସରରେ ପୌରପାଳିକା ବା ମହାନଗରନିଗମ ପକ୍ଷରୁ ବର୍ଜ୍ୟବସ୍ତୁ ନିକ୍ଷେପ ଲାଗି ବାକ୍ସ ରଖା ଯାଇଥିଲେ ମଧ୍ୟ ଅନେକ ଦୂରରୁ ତା ମଧ୍ୟକୁ ମଇଳା ଫିଙ୍ଗିବାକୁ ପସନ୍ଦ କରିଥାନ୍ତି। ଯଦି ସମ୍ପୃକ୍ତ ଡଷ୍ଟବିନ୍‌ରେ ମଇଳା ନ ପଡ଼ି ତାହା ବାହାରେ ଖେଳେଇ ହୋଇଗଲା ସେଥିପ୍ରତି ଆମୋଦପ୍ରିୟ ବ୍ୟକ୍ତି ନିଘା ନ ଦେଇ ଆଗକୁ ଚାଲିଯାଉଥିବା ଦେଖିବାକୁ ମିଳୁଛି। ପୁଣି ପଡ଼ି ରହିଥିବା ପଦାର୍ଥ ଠିକ୍ ସମୟରେ ଉଠଯାଇ ଡମ୍ପିୟାର୍ଡ଼କୁ ନିଆଯିବା ମଧ୍ୟ ବଡ଼ ସମସ୍ୟା। ବର୍ତ୍ତମାନ ପରିପ୍ରେକ୍ଷୀରେ ସ୍ୱଚ୍ଛତାକୁ ଲୋକଦେଖାଣିଆ କରା ନଯାଇ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ନଚେତ୍ ସ୍ୱଚ୍ଛ ଭାରତ ସ୍ଲୋଗାନ ଦିଆଯାଉଥିବା ବେଳେ ଆମେ ନିଜେ ଦିନେ ଅଳିଆରେ ବୁଡ଼ି ମରିବା।

*କଟିକଟା, ମଙ୍ଗଳପୁର, ଯାଜପୁର*
*ମୋ: ୯୪୩୮୨୭୬୭୭୬୦*

# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୨୫

"ମଦନର ଶର ଅଛି କି ଏହାର ଜାଣିବା
ଏହା କିଭଳି।
ଏହା ଭାବି ଋଷି କାଞ୍ଚିପୁରେ ଆସି
ରମ୍ଭାବେଶ୍ୟା ଘରେ ମିଳି ।।"

ସୁବର୍ଣ୍ଣପୁର ଗ୍ରାମ୍ୟ ଉପକଣ୍ଠରେ ରାତ୍ରି ଯାପନ କରି ଗୁରୁଶିଷ୍ୟ ଦୁହେଁ ପ୍ରାତଃରୁ ଉଠି ବସିଲେ। ହାଡ଼ିପା କହିଲେ,ଗୋବିନ୍ଦ,ଚାଲ ଆମେ ପବିତ୍ର ସରଜୁ ନଦୀ ଜଳରେ ସ୍ନାହାନ ସାରି ଶିବଙ୍କୁ ଜପ କରିବା। ଉଭୟେ ଶୀତଳ ନଦୀଜଳରେ ପ୍ରବେଶ କରି ବୁଡ଼ ଦେଲେ। ହାଡ଼ିପା ଉଦିତ ସୂର୍ଯ୍ୟଙ୍କୁ ଜଳାଞ୍ଜୁଳି ଟେକିଲେ। ଗୁରୁଙ୍କୁ ଅନୁସରଣ କରି ଗୋବିନ୍ଦ ଜଳାଞ୍ଜୁଳି ଦେଇ ସୂର୍ଯ୍ୟଦେବତାଙ୍କୁ ପ୍ରଣିପାତ କଲେ। ତହିଁପରେ ନଦୀତଟ ଏକ ଅଶ୍ୱତ୍ଥ ବୃକ୍ଷମୂଳେ ନିଶ୍ଚଳ ଧ୍ୟାନରେ ବସି ହାଡ଼ିପା ମହାଦେବଙ୍କୁ ସ୍ମରଣ କଲେ। ମହାଯୋଗୀ ସଦାଶିବଙ୍କ ସହିତ ଦୀର୍ଘ ସମୟ ଧରି କଥୋପକଥନ ହେଲେ। ଶିଷ୍ୟ ଗୋବିନ୍ଦର ଅବସ୍ଥା ଉପସ୍ଥାପନ କଲେ। ଗୋବିନ୍ଦକୁ ଦର୍ଶନ ଦେଇ ଲକ୍ଷ୍ୟ ସଫଳ କରାଇବା ନିମନ୍ତେ ନିରାକାରନାଥଙ୍କୁ ବିନମ୍ର ନିବେଦନ ଜଣାଇଲେ। ହାଡ଼ିପାଙ୍କ ସ୍ତୁତି ଶ୍ରବଣ କରି ସଦାଶିବ କହିଲେ,ହେ' ଋଷିପୁତ୍ର,ତୁମେ ଯୋଗବିଦ୍ୟାରେ ପାରଙ୍ଗମ ପୁଣି ଦୈବୀକ୍ଷମତା ପ୍ରାପ୍ତ ମହାଜ୍ଞାନୀ ! ତୁମେ ଇଚ୍ଛା କଲେ ଶୁଷ୍କବୃକ୍ଷକୁ ପଲ୍ଲବିତ କରି ଦେଇପାରିବ ! ଏକୋଇଶ ବର୍ଷେ ମୃତ୍ୟୁଯୋଗ ଥିବା ଗୋବିନ୍ଦର ବୟସ କୋଡ଼ିଏ ଟପିଲାଣି। ଯାହାର ଚିତ୍ତସ୍ଥିର ହୋଇ ନାହିଁ,ପାପର ଭାରା ସରି ନାହିଁ,ସେ କିପରି ସଶରୀରରେ ବିଷ୍ଣୁପୁରକୁ ଗମନ କରିବ ! ଯୁବା ବୟସରେ ସାମାନ୍ୟ ସ୍ଖଳନ ସବୁ ଓଲଟ ପାଲଟ କରି ଦେଇପାରେ। କୌଣସି ରୂପଯୌବନ ଭରା ସୁନ୍ଦରୀ ନାରୀ ସେବାରେ ଲଗାଇ ଗୋବିନ୍ଦର ବ୍ରହ୍ମଜ୍ଞାନ ପରୀକ୍ଷଣ କର ! ଅସଲ ରୂପାନ୍ତର ପରେ ଗୋବିନ୍ଦକୁ ଦର୍ଶନ ଦେବା ସମ୍ଭବ ହେବ।

ହାଡ଼ିପା ଧ୍ୟାନ ଭଙ୍ଗ କରି ଉଠି ଛିଡ଼ା ହେଲେ। ଶିବଙ୍କ ନିର୍ଦ୍ଦେଶ ପାଇବା ପରେ ହାଡ଼ିପା ଭାଳି ହେଲେ। କେଉଁଠି କିପରି ଗୋବିନ୍ଦକୁ ରୂପ ଯୌବନଭରା ସୁନ୍ଦରୀ ତରୁଣୀଙ୍କୁ ଭେଟାଇବେ,ସେ ନେଇ ଚିନ୍ତିତ ହେଲେ। ରମ୍ଭାବେଶ୍ୟା ତାଙ୍କ ସ୍ମରଣରେ ଆସିଲା। ନିକଟରେ ଧ୍ୟାନସ୍ଥ ଗୋବିନ୍ଦକୁ ଚାହିଁ କହିଲେ-ବସ୍ ଗୋବିନ୍ଦ,ଶିବଙ୍କୁ ଧ୍ୟାନରେ ଦର୍ଶନ କରି କୃତାର୍ଥ ହେଲୁ। ପ୍ରଭୁଙ୍କ ଡାକରା ପାଇ ଏବେ ମୋତେ କୈଳାସ ପର୍ବତ ଯିବାକୁ ପଡ଼ିବ। ତୁମେ ସେଇ ଅଗ୍ନାଅଗ୍ନି ବଣ ପାହାଡ଼ ଭିତରେ ପାଦରେ ଚାଲି ଯାଇ ପାରିବ ନାହିଁ। ଶିବପୁରୀରେ ଚତୁର୍ମାସ୍ୟା ବ୍ରତ ପାଳନ କରି ଆମ୍ଭେ ବର୍ଷାଋତୁ ଅନ୍ତେ ଫେରିବୁ। ତୁମେ ଏଇ ଚାରିମାସ କାଞ୍ଚିପୁରରେ ଆମ୍ଭର ଜଣେ ଶିଷ୍ୟାଙ୍କ ଘରେ ରହି ଯୋଗ ସାଧନାରେ ବ୍ରତୀ ରୁହ। ସେ ତୁମକୁ ଭିକ୍ଷାଦାନ କରି ତୁମ ଶରୀରକୁ ରକ୍ଷା କରିବ। ସେଠାରେ ତୁମର କୌଣସି ଅସୁବିଧା ରହିବ ନାହିଁ। ଆମ୍ଭ ଅନୁପସ୍ଥିତ କାରଣରୁ ତୁମେ ଭ୍ରମରେ ପଡ଼ିଯିବ ନାହିଁ,ସାଧନା ବଳବତ୍ତର ରଖିବ। ତହିଁପରେ ଶ୍ରୀବାମନଦେବଙ୍କୁ ସ୍ମରଣ କରି ଗୁରୁ ଶିଷ୍ୟ ଦୁହେଁ କାଞ୍ଚିପୁରଗଡ଼ ଅଭିମୁଖେ ପଦଯାତ୍ରା ଆରମ୍ଭ କଲେ। ଅପରାହ୍ନ ବେଳକୁ କାଞ୍ଚିପୁର ନିକଟବର୍ତ୍ତୀ ହୋଇ ସାରିଥିଲେ। ସନ୍ଧ୍ୟା ସମୟରେ ଶିବଙ୍କୁ ସ୍ମରଣ କରି ହାଡ଼ିପା ଲକ୍ଷ୍ୟସ୍ଥଳକୁ ବାହାରିଲେ। ଗୋବିନ୍ଦକୁ ଏକ ଦେବାଳୟ ସ୍ଥାନରେ ଅଟକାଇଲେ। ଫେରିବା ପର୍ଯ୍ୟନ୍ତ ଶିବଙ୍କୁ ଧ୍ୟାନ କରୁଥିବ କହି ରମ୍ଭାବେଶ୍ୟା ଦ୍ୱାରରେ ଯାଇ ପହଞ୍ଚିଲେ। ସାମବେଦ ମନ୍ତ୍ର ଉଚ୍ଚାରଣ କରି ରମ୍ଭାକୁ ଆହ୍ୱାନ କଲେ। ବେଦମନ୍ତ୍ର ଶ୍ରବଣ କରି ରମ୍ଭାନାରୀ ଦ୍ୱାରଦେଶକୁ ଝପଟି ଆସିଲେ। ସନ୍ଧ୍ୟାକାଳରେ ସନ୍ୟାସୀଙ୍କୁ ଦେଖି ରମ୍ଭା ବିସ୍ମୟ ପ୍ରକାଶ କଲେ ! ହାଡ଼ିପାଙ୍କୁ ପ୍ରଣିପାତ କରି କହିଲେ,ହେ'ଯୋଗୀବର,ତୁମ୍ଭଙ୍କୁ କେଉଁଠି ଦେଖିଥିବା ପରି ମନେ ହେଉଛି ! ମୋର ପରିଚୟ ହେଉଛି ଗଣିକା। ମୋର ନାମ ରମ୍ଭାବେଶ୍ୟା,ଅନ୍ୟ ନାମ ବନଚାରୀ ! ତୁମ୍ଭେ ଜଣେ ମହାସନ୍ୟାସୀ ପରି ଦିଶୁଛ ! ଏଠାରେ କାହାକୁ ଖୋଜୁଛ,କେଉଁଠାରୁ ଆସିଛ, କାହିଁକି ଆସିଛ, ପରିଚୟ ପ୍ରଦାନ କରି ଶଂସୟ ଦୂର କର ମୁନି !

ହାଡ଼ିପା ଧୀର ବଚନରେ କହିଲେ- ବନଚାରୀ,ପଥଶ୍ରମୀ ହୋଇ ବିଶ୍ରାମ ଆଶାରେ ଏଠାକୁ ଆସିଛୁ। କିଏ କେଉଁ ପ୍ରକାର ନାରୀ ବାଛିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ। ତୁମ ଅନ୍ତଃପୁରକୁ ପାଛୋଟି ନେଲେ ମନର ଦୁଃଖ କଥା କହିବି। ରମ୍ଭା ସନ୍ୟାସୀଙ୍କ ମତି ଗତି ଠିକ୍ ଭାବରେ ବୁଝି ନ ପାରି କହିଲେ,ହଁ ଭିତରକୁ ଆସ। ମାତ୍ର ଜାଣି ରଖ, ମୋର ସୁନ୍ଦରଯୌବନକୁ କେବଳ ଦର୍ଶନ କରି ପାରିବ। ଅଙ୍ଗଦାନ ଛଡ଼ା ତୁମ୍ଭର ସବୁ ସେବା କରିବାରେ ମୋର ଦ୍ୱିଧାବୋଧ ନାହିଁ ! ରମ୍ଭା ହାଡ଼ିପାଙ୍କୁ ଅନ୍ତଃପୁରକୁ ପାଛୋଟି ନେଇ ଶୁକ୍ଳ ଆସନରେ ବସାଇଲେ। ଜଳଦାନ ପୂର୍ବକ ପୁଛା କଲେ,ତୁମ୍ଭ ଶିଷ୍ୟ କୁଆଡ଼େ ଗଲେ ? ତାଙ୍କୁ ସାଙ୍ଗରେ ଆଣିଲ ନାହିଁ କାହିଁକି ? ହାଡ଼ିପା ଅତୀତ ଘଟଣା ସ୍ମରଣ କରାଇ କହିଲେ,ତୁମେ ସ୍ଥିତିପ୍ରଜ୍ଞରେ ଅଛ ବନଚାରୀ। ତୁମେ ସ୍ୱର୍ଗର ଅପ୍‌ସରା ଥିଲ ! ନୃତ୍ୟ କରୁଥିବା କାଳରେ ଅନ୍ୟମନସ୍କ ହେବାରୁ ଇନ୍ଦ୍ରଦେବ ତୁମ୍ଭକୁ ଅଭିଶାପ ଦେଇଥିଲେ। ସେଇ ଶାପରୁ ମୁକ୍ତି ପାଇବା ନିମନ୍ତେ ତୁମେ ମର୍ତ୍ତ୍ୟରେ ଗଣିକା ହୋଇ ଜନ୍ମ ହୋଇଛ। ତୁମେ ସେଇ ଅପ୍‌ସରା ଯାହାଙ୍କର ଛନ୍ଦରେ ମୁଗ୍ଧ ହୋଇ ଦେବତାମାନେ ମନ ଶାନ୍ତ କରନ୍ତି ! ହେ'ବନଚାରୀ,ତୁମେ ଇନ୍ଦ୍ରଙ୍କୁ କ୍ଷମା ମାଗିବାରୁ ସେ ତୁମର ଶାପମୁକ୍ତିର ଉପାୟ କହିଥିଲେ। ଯେଉଁ ଯୋଗୀବେଶଧାରୀ ଯୁବରାଜଙ୍କୁ ବ୍ରହ୍ମଜ୍ଞାନ ଦେଇ ତୁମେ ଶୀଘ୍ର ସ୍ୱର୍ଗକୁ ପ୍ରତ୍ୟାବର୍ତ୍ତନ କରିବାକୁ ବ୍ୟାକୁଳ ହେଉଛ,ସେଇ ଯୁବରାଜ ଆମ୍ଭର ଶିଷ୍ୟ ! ତୁମେ ତାଙ୍କୁ ସେବକ ଭାବରେ ଅନ୍ତଃପୁରରେ ରଖାଇବ ! ଉଲଗ୍ନ ଯୌବନ ଦେଖାଇ ମନ ଆକର୍ଷଣ କରିବ ! ବ୍ରହ୍ମକୁଣ୍ଡଳୀର ବିକର୍ଷଣକୁ କେତେଦୂର ସଂଯତ କରି ପାରୁଛି,ତାହାର ପରୀକ୍ଷା କରି ଆମ୍ଭଙ୍କୁ କହିବ। ଚତୁଃର୍ମାସ ଭିତରେ ଶିଷ୍ୟ ଗୋବିନ୍ଦକୁ ତୁମେ ବ୍ରହ୍ମସୂତ୍ର ଦେଇ ଉର୍ଦ୍ଧ୍ୱଗାମୀ କରାଇ ଦିଅ ବନଚାରୀ ! ଅତୀତ ଘଟଣା ସ୍ମରଣ କରି ଉଭୟେ ଆତ୍ମ ସନ୍ତୋଷ ଲାଭ କଲେ। ସାଙ୍ଗ ହୋଇ ଗୋବିନ୍ଦଙ୍କ ଧ୍ୟାନମଗ୍ନ ସ୍ଥଳରେ ପହଞ୍ଚିଲେ। ବନଚାରୀ ଗୋବିନ୍ଦଙ୍କ ହାତ ଧରି ଉଠାଇ ଆଣିଲେ ପୁରକୁ। ଭୋଜନରେ ଆପ୍ୟାୟିତ ହୋଇ ସଭିଏଁ ବିଶ୍ରାମ ଗ୍ରହଣ କଲେ। ହରି ଓଁ ତତସତ୍ !

*ଦୂରଭାଷ-୯୬୬୮୬୩୧୨୫୭*



# ପିଲାଙ୍କ ଦୁନିଆ

## ଚଢ଼େଇ

(୨)



**ଅଦିତୀ ଦାସ**

ନା' ତ ତା'ର ଚଢ଼େଇ
ନୀଡ ଗଢ଼ିବାରେ ବଢ଼େଇ।
ନୀଡକୁ ଗଢ଼େ ଏମିତି
ଗୋଲ ଗିନାଟିଏ ଯେମିତି।



ଘର ପାଇଁ ଝଡ-ବରଷା
ନ ଆସୁ ବୋଲି ଥାଏ ଆଶା।
ଚଢ଼େଇର ଥାଆନ୍ତି କେତେ ଜାତି
ଗାଉ ଥାଆନ୍ତି ତ ଦିନ ରାତି।
ଡାଳେ - ଡାଳେ ଉଡି ଯାଆନ୍ତି
ବଣ ଫଳ - କୋଳି ଖାଆନ୍ତି।
କାଉ, ମଇନା, କୋଇଲି
ହସୁ ଥାଆନ୍ତି ଖିଲିଖିଲି।

***ବିଜେଇଏମ୍ ସ୍କୁଲ - ୨***
***ଷ୍ଟାଣ୍ଡାର୍ଡ-୪***
***ସତ୍ୟଭାମାପୁର, ଭୁବନେଶ୍ୱର***





**ସଂସ୍କୃତି ବସ୍ତିଆ**
**ଷ୍ଟାଣ୍ଡାର୍ଡ-୭**
**ୟୁରୋ ସ୍କୁଲ, ଅରୋଲି, ନଭି ମୁମ୍ବାଇ**

## କେତେ ଆପଣାର

**ତାରକ ମହାନ୍ତି**



ନିଆଁ ଜଳେ, ଜଳୁଥାଏ
ଏଠି, ସେଠି, ସବୁଠି
ଏ ନିଆଁ ଷଠିଘରରୁ ଆରମ୍ଭ
ସ୍ୱର୍ଗଦ୍ୱାରରେ ଶେଷ।
ଆରମ୍ଭ ଓ ଶେଷ ମଝିରେ
ଝରଣାର କୁଳୁ କୁଳୁ ତାନ
କୋଇଲିର ମିଠା ଗୀତ
ଧୂଳି ଖେଳ, ବୋଉର ଆକଟ
ଦୁନିଆକୁ ଚିହ୍ନିବାର
ଯେତେ ଯେତେ ମନ୍ତ୍ର ଓ ସଂଗୀତ
ସବୁପୁଣି ଲିଭିଯାଏ, ହଜିଯାଏ
କାଳ ସହ ହୋଇଗଲେ ଭେଟ।
ପୁଣ୍ୟର କ୍ଷୀଣ ନଦୀଧାର
ପାପକୁ ଧୋଇ ନପାରିଲେ
ପ୍ରେମ ମିଛ, ବିରହ ମିଛ
ସମ୍ପର୍କର ଯେତେ ଯେତେ ରଙ୍ଗ
ସବୁଖାଲି ମିଛ ଆଉ ମିଛ।
ମନ ଯେବେ ବୁଝିଥାଏ
ଦୂର ପାହାଡ ବି ନିଜର ଲାଗେ
ସାଗର ନିଜର, ନଈ ବି ନିଜର
ଜହ୍ନ ଆଉ ତାରା ମାନେ
ଏତେ ଯେ ନିଜର ଲାଗନ୍ତି
ମନେହୁଏ ଜୀବନଟା କେତେ ଭଲ
ଶୈଶବରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ
ପର ଲୋକ କେତେ ଆପଣାର।



***ମୋ : ୯୪୩୭୧୩୩୭୭୭***

## ସ୍ମରଣୀୟ କବିତା



# ପଥପ୍ରାନ୍ତେ

**ଗୋଦାବରୀଶ ମହାପାତ୍ର**



ବୁକୁରେ ଧରି ଯାତ୍ରୀଭରା
ବାସ୍‌ଟା ଗଲା ଉଡି
ସତୁରି ବର୍ଷ ବୁଢ଼ୀ
ହାତରେ ଠାରି ଡାକିଲା କେତେ
ରାସ୍ତା ଧୂଳିରେ ବୁଡି
ଚାହିଁଲେ ଯାତ୍ରୀଯାକ
ଟିକିଏ ରୋକ
ଟିକିଏ ରୋକ
କହିଲା କିଏ ଜଣେ
ଏଇ ସେ ପାଖେ ପାହାଡ ପାଖେ
ତା ଘରେ ସେଇ ଜଣେ।

ତା କୋଳେ ଥିଲେ ତିନୋଟି ପିଲା
ଗୋଟିଏ ସେଥିରୁ ନଈରେ ଗଲା
ବର୍ମା ଆଡେ ଦୁଇଟି ଯାଇ
ଫେରିଲେ ନାଇଁ ଜଣେ
ବୁଢ଼ୀକୁ ମୁଇଁ ଜାଣେ।

ଗାଡି ଚାଲିଲା ଆଗେଇ ଦୂରେ
ପଛରେ ଖାଲି ଧୂଳି
ବୁଲି ଚାହିଁଲେ ଯାତ୍ରୀ ଯେତେ
କୁଆଡେ ଗଲା ବୁଢ଼ୀ
ସେଦିନ ରାତି ପାନ୍ଥଶାଳେ
ସ୍ୱପ୍ନ ଦେଖେ ମୁହିଁ
ଏଇ ସେପାଖେ ପାହାଡ ପାଖେ
ବୁଢ଼ୀ ରହିଲା ଚାହିଁ
ଅନ୍ଧକାର ଅଇଲା ମାଡି
ବୁଜୁଳି ଥୋଇ ଶୁଆଇ ବାଡି
ବୁଢ଼ୀ କହିଲା ଡାକି
ଯିବାକୁ ମୋର ହୋଇନି ବେଳ
ଆହୁରି ଅଛି ବାକି
ସେଇ ଗାଡିରେ ଯିବି ମୁଁ ବସି
ପିଲାଏ ଗଲେ ଯହିଁ
ଚମକି ଉଠି ଅନ୍ଧକାରେ
ଦେଖିଲି ବୁଢ଼ୀ ନାହିଁ।



*ବାଣପୁର ମାଟିରେ ଜନ୍ମିତ କବି ଗୋଦାବରୀଶ ମହାପାତ୍ର ଓଡ଼ିଶାର ଜଣେ କିମ୍ବଦନ୍ତୀୟ ସାହିତ୍ୟିକ। ସେ ଏକାଧାରରେ କବି, କଥାକାର ଓ ଔପନ୍ୟାସିକ। ତାଙ୍କର ହଜାର ହଜାର ବ୍ୟଙ୍ଗ କବିତା ଓଡ଼ିଆ ପାଠକ / ପାଠିକାମାନଙ୍କୁ ପ୍ରେରଣା ଯୋଗାଏ। ତାଙ୍କ ସମ୍ପାଦିତ ପତ୍ରିକା ନିଆଁଖୁଣ୍ଟା ଘରେ ଘରେ ପରିଚିତ। ଗୋଦାବରୀଶଙ୍କ ଏକ ସ୍ମରଣୀୟ କବିତା ଆମେ ଏଠାରେ ସ୍ଥାନିତ କରିଛୁ।*

## ଆସ ଥରେ ବୁଲିବା

**ସୁଶାନ୍ତ କୁମାର ସାହୁ**



ତମ ଗାଁ କୁ ଏବେ
ଶୀତ ଆସିଲାଣି କି ନାହିଁ
ମୁଁ ଏଯାଏ ଜାଣିନି।
ତମ ଅଗଣାରେ
ଗେଣ୍ଡୁ ଓ ମଲ୍ଲିଫୁଲ
ଫୁଟି ବାସିଲଣି କି ନାହିଁ
ତମେ ଏଯାଏଁ କହିନ।
ତମେ କହୁଥିଲ କୁଆଡେ
ତମ ଗାଁକୁ ଶୀତ ଆସିଲେ
ତମ ଚାଳ ଉପରେ ନେସି ହୁଏ
ପରସ୍ତ ପରସ୍ତ କାକର।
ତମ ଗାଁ ଗରମ ପାଣି ପାଲଟି ଯାଏ
ଝରଣା ପାଣିଠୁ ବି ଆହୁରି ଶୀତଳ।
ହେଲେ,ତମ ଗାଁ କଇଁ ଓ ଜହ୍ନ
ଏତେ ଗପୁଡି ଯେ,
ଗପନ୍ତି ରାତି ସାରା।
ସେମାନଙ୍କ ପାଇଁ ନିଅଣ୍ଟ ଏଇ
ଲମ୍ବା ଶୀତ ରାତି।
ଏବେ କିନ୍ତୁ
ଆମ ଗାଁକୁ ଶୀତ ଆସିଲାଣି
ସଞ୍ଜୁଆ ପବନରେ ବୁକୁ ଥରିଲାଣି ,
ନଈ କୂଳ ବଣରେ
ଜମିଲାଣି ପକ୍ଷୀଙ୍କ ଭିଡ।
ତମେ ବୋଧେ ଦେଖିନ
ଜହ୍ନରାତି ରେ ସୁନ୍ଦରୀ ସୋନପୁର,
ରୂପା ଶାଢି ପିନ୍ଧିଲେ ସତେ କେମିତି
ଲାଗେ ଆହୁରି ସୁନ୍ଦର।
ଆସ ଥରେ
ସାଥୀ ହୋଇ ବୁଲିବା ସେଇ
ସୋନପୁର ସୌନ୍ଦର୍ଯ୍ୟର
ସେଇ ମହାନଦି କୂଳରେ
ଶୁଣିବା ନାଉରୀଆ ଗୀତ
ଦେଖିବା ଅଙ୍କାବଙ୍କା ନଈର ସୌନ୍ଦର୍ଯ୍ୟ,
ଓ ଦେଖିବା
ସ୍ୱର୍ଣ୍ଣାଭ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ।

***ଧୋବାବାହାଲି ,ସୁବର୍ଣ୍ଣପୁର***
***ମୋ- ୯୯୩୭୯୮୭୪୬୭***

# ପରିବର୍ତ୍ତନ

**ନୃସିଂହ ଚରଣ ବେହେରା**

***"ସନ୍ଦେହ ଯୋଗୁଁ ବିନୋଦକୁ ପୋଲିସ ମାଓବାଦୀ ବୋଲି ଭାବି ଗିରଫ କରିନେଲା । କେବଳ ସନ୍ଦେହ..ଯୋଗୁଁ ପୋଲିସର ଏହି କାର୍ଯ୍ୟ କଳାପ କିପରି ଜଣେ ନିରୀହ ଲୋକକୁ ପରିବାର, କଲୋନୀ, ପଡୋଶୀମାନଙ୍କ ଆଖିରେ ଆତତାୟୀ ଭାବେ ଚିତ୍ରଣ କରିଦେଲା, ଆଉ କେମିତି ଥିଲା ସେହି ନିରୀହ ଲୋକ ପ୍ରତି ସେମାନଙ୍କର ବ୍ୟବହାର ଆଜିକା ଯୁଗରେ ଲୋକଙ୍କର ମନସ୍ତତ୍ତ୍ୱ ଉପରେ ଆଧାରିତ ଏହି କାହାଣୀ ।"***

**ଆ**ଜି ସକାଳୁ ସକାଳୁ ସାରା କଲୋନୀରେ ଚାପା ଓ ଗୁଞ୍ଜରଣ ସୃଷ୍ଟି ହୋଇଗଲା । ସମସ୍ତଙ୍କ ମୁହଁରେ ସେଇ ଗୋଟିଏ କଥା..। କ'ଣ ନା କାଲି ରାତିରେ ପୋଲିସ ଆସି ଗିରଫ କରି ନେଇଛି ବିନୋଦକୁ।

କଲୋନୀ ସାରା ଏହି ଖବର ନିଆଁ ଭଳି ବ୍ୟାପି ଯାଇଥିଲା। ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ ଏହି ଖବରରେ । ସତରେ କ'ଣ ବିନୋଦ ମାଓବାଦୀ.. ! ଏ ଖବରରେ କଲୋନୀ ଲୋକମାନେ ଯେତେ ଆଶ୍ଚର୍ଯ୍ୟ ଚକିତ ହୋଇ ନଥିଲେ ତାଠୁ ବେଶୀ ହୋଇଥିଲେ ମୋ ପରିବାର। କାହିଁକିନା..ମୋ ପରିବାରରେ କେହି ଜଣେ ହେଲେ ଏ କଥା ଯେ ସତ ସେ କଥା ମାନିବାକୁ ରାଜି ନଥିଲେ।

ଦେଖିବାକୁ ଗଲା ବିନୋଦ ଉପରେ ଯେଉଁ ଆରୋପ ଲାଗିଥିଲା ତାହା ଛୋଟ ମୋଟ ଆରୋପ ନଥିଲା । ମାଓବାଦୀଙ୍କ ସହ ସମ୍ପର୍କ..! ଇଏ ବହୁତ ବଡ ଆରୋପ ଥିଲା । ପୋଲିସ୍‌ଙ୍କ କଥା ମାନିଲେ ଭାବିଲା ବେଳକୁ ଡର ଲାଗୁଥିଲା କି..ଦୁର୍ଦ୍ଦାନ୍ତ ମାଓବାଦୀ ଆମ ସମସ୍ତଙ୍କ ସହିତ ଏତେ ଦିନ ହେଲା ପଡୋଶୀ ଭାବରେ ମିଳି ମିଶି ରହୁଥିଲା ଅଥଚ..ଆମେ କେହି ଟିକିଏ ବି ସୁରାକ ପାଇଲୁନି କେମିତି । ଏହି ଘଟଣା ଅନ୍ୟମାନଙ୍କ ପାଇଁ ଆଶ୍ଚର୍ଯ୍ୟ,ଭୟ ଆଉ କୌତୁହଳର ବିଷୟ ହୋଇପାରେ ହେଲେ ଆଉ ମୋ ପରିବାର ପାଇଁ ହୋ ଥିଲା ଏକ ଦୁଃଖଦ ଘଟଣା ।

ହଁ..ଯେଉଁ ମାନେ ବିନୋଦ ଆଉ ତା' ପରିବାରକୁ ଜାଣି ନଥିଲେ କି ଚିହ୍ନି ନଥିଲେ ସେମାନେ ତାକୁ ମାଓବାଦୀ ମାନି ପାରିବେ । ହେଲେ..ଯେଉଁ ମାନେ ତାକୁ ଜାଣିଛନ୍ତି ସେମାନେ ଏ କଥାକୁ ଗ୍ରହଣ କରି ପାରୁ ନଥିଲେ ସହଜରେ ।

ବିନୋଦ ମୋର ପଡୋଶୀ ତଥା ବନ୍ଧୁ ଥିଲା । ଆମ ଦୁହିଁଙ୍କ ଘର ଭିତରେ ଥିଲା କେବଳ ମଝିରେ ଯାଇଥିବା ରାସ୍ତାର ଦୂରତା । ଆମ ଦୁହିଁଙ୍କ ପରିବାରର ଘନିଷ୍ଠତାକୁ ଦେଖିଲେ ଯେ କହିବ ଆମେ ଦୁଇଟା ଅଲଗା ପରିବାରର ନୁହେଁ ବରଂ ଗୋଟିଏ ପରିବାର ବୋଲି । ସବୁ ପୂଜା ପର୍ବାଣୀରେ ପିଠା ପଣାର ଆଦାନ ପ୍ରଦାନ ସହିତ ପ୍ରାୟ ରବିବାର ସନ୍ଧ୍ୟାରେ ମୋ ଘରେ ଜମେ ତାସ ଖେଳର ଆସର । ମୋ ସ୍ତ୍ରୀ ସୁରମା ଆଉ ବିନୋଦର ସ୍ତ୍ରୀ ଗାୟତ୍ରୀ ସତେ ଯେମିତି ଗୋଟିଏ ମା' ପେଟରୁ ଜନ୍ମ ହୋଇଥିବା ଦୁଇ ଭଉଣୀଙ୍କ ଭଳି ଚଳନ୍ତି ।

ବିନୋଦର ସହରରେ ଥିଲା ଗୋଟିଏ ବଡ ମେଡିକାଲ ଷ୍ଟୋର । ସେ ବହୁତ ପରିଶ୍ରମୀ ଆଉ ଶାନ୍ତ ସ୍ୱଭାବର ଥିଲା । ଖୁସିବାସିଆ ସାଙ୍ଗକୁ ସମସ୍ତେଙ୍କୁ ନିଜର କରିନେଲା ଭଳି ସ୍ୱଭାବ ଥିଲା ତା'ର । ସେ ବନ୍ଧୁଙ୍କର ବନ୍ଧୁ ଥିଲା । ବନ୍ଧୁତା କେମିତି ନିଭାନ୍ତି ସେ ଭଲ ଭାବରେ ଜାଣିଥିଲା । ହଁ..ଏତେ ଗୁଣ ଥିବା ସତ୍ତ୍ୱେ ବହୁତ କମ୍ ଲୋକଙ୍କର ସହ ପରିଚୟ ରଖିଥିଲା ସେ । ସେଥିପାଇଁ ବେଳେ ବେଳେ ଗର୍ବୀ କହିବାକୁ ପଛାନ୍ତିନି, ହେଲେ..ସେ ଜମାରୁ ସେମିତି ନଥିଲା । ତା' ଭଳିଆ ସାଦାସିଧା ସରଳ ହୃଦୟର ଲୋକଟେ ଆଜିର ଏ ସ୍ୱାର୍ଥପର ଦୁନିଆରେ ମିଳିବା କଷ୍ଟକର ।

ଆଉ..ଏମିତିଆ ସରଳିଆ ଲୋକକୁ ପୋଲିସ୍ ମାଓବାଦୀଙ୍କ ସହ ସମ୍ପର୍କ ରଖିବା ଅପରାଧରେ ଗିରଫ କରିବାଟା ଜମାରୁ ହଜମ ହେଉନଥିଲା ଲୋକଙ୍କର । ସୁରମା ମୋତେ ଆସି କହିଲା,ଶୁଣ..ଆମେ ତ ଜାଣିନେ ପ୍ରକୃତ ଘଟଣା କ'ଣ । ତେଣୁ ଚାଲ ବିନୋଦ ଘରକୁ ଯାଇ ପ୍ରକୃତ ଘଟଣାଟା ଟିକେ ବୁଝି ଆସିବା । ଆଉ ଗାୟତ୍ରୀ ଆଉ ପିଲାମାନଙ୍କୁ ମଧ୍ୟ ଟିକେ ସାନ୍ତ୍ୱନା ଦେବା । "ନା'..କ'ଣ ! ମୁଁ ଠିକ୍ କହୁଛି ତ.."

ମୁଁ କହିଲି,ହଁ..ହଁ..ତୁମେ ଯାହା କହୁଛ ଠିକ୍ କହୁଛ । ହେଲେ..ଯଦି ଆମେ ବିନୋଦ ଘରକୁ ଯିବା ଆଉ ପୋଲିସ ଆମକୁ ମଧ୍ୟ ମାଓବାଦୀଙ୍କ ସହଯୋଗୀ ବୋଲି ଭାବି ଗିରଫ କରିନେବ ତେବେ..,ତେବେ କ'ଣ କରିବା ? ତେଣୁ ତୁମେ ତାଙ୍କ ବିଷୟରେ ଭାବିବା ଛାଡି ଦିଅ ।

"କ'ଣ କହିଲ..? ତୁମେ ଏମିତିଆ କଥା କେମିତି କହି ପାରିଲ.. ? ତୁମେ କ'ଣ ଭୁଲିଗଲ ଯେ ବିନୋଦ ତୁମର ଅନ୍ତରଙ୍ଗ ବନ୍ଧୁ ବୋଲି ! ଆଜି ସେ ସଙ୍କଟରେ ପଡିଥିଲା ବେଳେ ତାକୁ ଆଉ ତା' ପରିବାରକୁ ସାହାଯ୍ୟ କରିବା ହେଉଛି ତୁମର କର୍ତ୍ତବ୍ୟ ।" ଅଥଚ..ତୁମେ ଆଡଛାଡ ହୋଇ ରହୁଛ ତା' ପରିବାରଠୁ । ଛି ! ଧିକ୍ ତୁମ ବନ୍ଧୁତାକୁ ? ଏମିତି କହି ସୁରମା ମୋତେ ଗାଳି କରିବାକୁ ଲାଗିଲା ।

ମୁଁ ଟିକିଏ ଲାଜରେ ଜଡ ସଡ ହୋଇଗଲି କିଛି କ୍ଷଣ ପାଇଁ । ତା'ପରେ ମୋର ସୁପ୍ତ ସାମାଜିକ ଚେତନା ପୁଣି ଚେଇଁ ଉଠିଲା । ତେଣୁ ମୁଁ କହିଲି, "କଣ ଏମିତି ପାଗଳଙ୍କ ଭଳି ପ୍ରଳାପ କରୁଛ ସୁରମା.., ଯଦି ଆମେ ଆଜି ତା'ର ପରିବାରକୁ ସହାନୁଭୂତି ଦେଖାଇବାକୁ ଯିବା ତେବେ ହୁଏତ କାଲିକୁ ଆମ ପରିବାରକୁ ସହାନୁଭୂତି ଦେଖେଇବାକୁ କେହି ନଥିବେ । କାହିଁକିନା ସାରା କଲୋନୀରେ ଏହି କଥା ନିଆଁ ଭଳି ବ୍ୟାପି ସାରିଛି । କେହି ଜଣେ ହେଲେ ତାଙ୍କ ଘରକୁ ଯାଉ ନାହାନ୍ତି । ସେମିତି ପରିସ୍ଥିତିରେ ତୁମେ କହୁଛ ନା' କ'ଣ ମୁଁ ତାଙ୍କ ଘରକୁ ଯିବି ! ତୁମ ମୁଣ୍ଡ ଠିକ୍ ଅଛିତ ?"

"କିନ୍ତୁ ତୁମେ ତ ବିନୋଦଙ୍କର ବନ୍ଧୁ । ତା' ହେଲେ ଏହା କ'ଣ ତୁମର ବନ୍ଧୁତା ? ତୁମ ଭଳିଆ ବନ୍ଧୁ ଭଗବାନ କାହାକୁ ନ ଦିଅନ୍ତୁ ! କହିଲା ସୁରମା ।"

"ତୁମେ ପ୍ରକୃତରେ କ'ଣ କହିବାକୁ ଚାହୁଁଛ ସୁରମା ? ବନ୍ଧୁତା ପାଇଁ କ'ଣ ତୁମେ ମୋର ମୃତ୍ୟୁ ଚାହୁଁଛ ? ଯଦି ପୋଲିସ ସତ କହୁଥିବ ତେବେ..ଥରେ ଭାବି ଦେଖ ପରିଣାମ କ'ଣ ହେବ । ମୁଁ ରାଗରେ କହିଲି ।"

"କ'ଣ !" ତା'ହେଲେ ତୁମେ କହିବାକୁ ଚାହୁଁଚ କି, ବିନୋଦ ସତରେ ମାଓବାଦୀଙ୍କର ଜଣେ ସହେଯାଗୀ । ଆଶ୍ଚର୍ଯ୍ୟ ଚକିତ ହୋଇ କହିଲା ସୁରମା।

"ଦେଖ ସୁରମା, ଆଉ ମୋ ସହିତ ଯୁକ୍ତି ତର୍କ କରନି । ମୁ କହିଦେଲି ନା' ଏ ଘରୁ କେହି ବି ବିନୋଦ ଘରକୁ ଯିବେନି ମାନେ କେହି ବି ଯିବେନି । ତୁମେ ସେମାନଙ୍କୁ ଭୁଲି ଯାଅ ।"

"ଭୁଲି ଯିବି" ! ହେଲେ..କେମିତି ଭୂଲିଯିବି ! ମୁଁ ଜାଣି ନଥିଲି ତୁମେ ଏତେ ସ୍ୱାର୍ଥପର ଆଉ ନିର୍ଦ୍ଦୟ ହୋଇଥିବ ବୋଲି । ତୁମେ ଯଦି ସେମାନଙ୍କୁ ସାହାଯ୍ୟ କରିବାକୁ ନ ଚାହୁଁଛ ନକର ହେଲେ "ମୋତେ ଯେମିତି ସେଠିକି ଯିବାକୁ ମନା ନ କର, ବୁଝିଲ !

ଶୁଣ ସୁରମା,ତୁମେ ଟିକେ ବୁଝିବାକୁ ଚେଷ୍ଟା କର । ଏହା କୌଣସି ଛୋଟ ମୋଟ ଘଟଣା ନୁହେଁ ବରଂ ପୋଲିସ କେଶ୍ । ପୋଲିସ କିଛି କାରଣ ନଥାଇ ଏମିତି କାହାକୁ ଗିରଫ କରେନି । ନିଶ୍ଚୟ,ପୋଲିସ ପାଖରେ କିଛି ପ୍ରମାଣ ଥିବ,ବିନା ପ୍ରମାଣରେ ପୋଲିସ ଏମିତି କିଛି କରିବନି, ଯେଉଁଥିରେ କାହାର ସମ୍ମାନ ଉପରେ ଆଞ୍ଚ ଆସିବ ?

କିଛି କ୍ଷଣ ପାଇଁ ସୁରମା ଚୁପ୍ ହୋଇଗଲା ମୋ କଥା ଶୁଣି । ତା'ପରେ କହିଲା, ଯଦି ଅଜାଣତରେ ବିନୋଦଙ୍କ ଦ୍ୱାରା କିଛି ଭୂଲ୍ ହୋଇଥିବ ତେବେ.. ? ତାଙ୍କର ଭୂଲ ପାଇଁ ତାଙ୍କ ସାରା ପରିବାର କାହିଁକି କଷ୍ଟ ଭୋଗିବେ ? "ନାଁ..ମୁଁ ଏହା କଦାପି ହେବାକୁ ଦେବିନି ।"

ଶୁଣ ସୁରମା ଆମ ହାତରେ କିଛି ନାହିଁ । ଆମେ ଚାହିଁଲେ ବି ଏଭଳି ପରିସ୍ଥିତିରେ କିଛି କରିପାରିବା ନାହିଁ। ତେଣୁ ତୁମେ ଟିକେ ଶାନ୍ତ ହୁଅ ଆଉ ପ୍ଲିଜ୍..ବିନୋଦର ଘର ଲୋକଙ୍କଠୁ ଯେମିତି ଦୂରରେ ରୁହ । ମୋ କଥାରେ ଯେ ସେ ଅସନ୍ତୁଷ୍ଟ ତାହା ଜଣା ପଡିଯାଉଥିଲା ତାଙ୍କ ଭାବ ଭଙ୍ଗୀରୁ। ସେ କିଛି ନ କହି ଚୁପ୍ ଚାପ୍ ଚାଲିଗଲା ରୋଷେଇ ଘରକୁ।

ମୋ ସ୍ଥିତି ବିଷୟରେ ମୁଁ ଅବା ଆପଣଙ୍କୁ କ'ଣ କହିବି.. ? ମୋ ଭିତରେ ଭାବନା ଆଉ ସମ୍ପର୍କର ସୁନାମୀର ତାଣ୍ଡବ ଲୀଳା ଚାଲିଥିଲା । ଗୋଟିଏ ପଟେ ବିନୋଦ ସହିତ ମୋ ସମ୍ପର୍କ ଆଉ ଗୋଟିଏ ପଟେ ଲୋକାଚାର .. । କ'ଣ କରିବି ନ କରିବି ଏଭଳିଆ ଦ୍ୱନ୍ଦର ଦ୍ୱାର ଦେଶରେ ଆଜି ମୁଁ ଠିଆ ହୋଇଥିଲି ଜଣେ ନିରସ୍ତ୍ର ସୈନିକ ପରି । ସବୁ କିଛି ସମୟ ଆଉ ଭଗବାନଙ୍କ ଉପରେ ଛାଡି ଦେଇ ଚୁପ୍ ରହିବାଟାକୁ ମୁଁ ଠିକ୍ ମଣିଲି।

ଛାଡ..,ସତ କଥା କ'ଣ ତାହା କେବଳ ବିନୋଦ ନ ହେଲେ ପୋଲିସ ଜାଣିଥିଲା । ହେଲେ ଆମେ ଦୁହେଁ ତ ପିଲାବେଳର ସାଙ୍ଗ । ଏକାଠି ବଡ ହୋଇଛୁ । ସେ ତ କେବେହେଲେ ଅପରାଧି ପ୍ରବୃତ୍ତିର ମନେ ହୁଏନି । ସେ ତ ବହୁତ ଶାନ୍ତଶିଷ୍ଟ । ସକାଳୁ ସିଧା ତା' ଦୋକାନକୁ ଯାଏ ଆଉ ରାତିରେ ସିଧା ଘରକୁ ଫେରେ । ତା'ର ଆଉ କାହା ସହିତ ଶତ୍ରୁତା ମଧ୍ୟ ନାହିଁ । ତେବେ..କ'ଣ ପୋଲିସ ଦ୍ୱାରା ଭୂଲ୍ ହୋଇଛି..ନା'.. ସତରେ ବିନୋଦ ଦୋଷୀ ?

"ସତରେ..ବିଶ୍ୱାସ ଆଉ ସଭ୍ୟତା ଭିତରେ ଆକାଶ ପାତାଳର ଫରକ ଥାଏ । ଉପରୁ ଉପରୁ ଦେଖିଲେ ଦୁହେଁ ଏକା ଭଳି ଦେଖା ଯାଆନ୍ତି । ହେଲେ ସତ ଯେତେ ତଳେ ଲୁଚିଥିଲେ ବି ଦିନେ ନା' ଦିନେ ମିଛର ଅନ୍ଧାରକୁ ଚିରି ବାହାରି ଆସେ । ଆଉ ବିଶ୍ୱାସ..ଦଲକାଏ ସନ୍ଦେହର ପବନରେ ସେ କ୍ଷଣିକରେ ଭାଙ୍ଗି ଚୁରମାର ହୋଇଯାଏ । ଆଜି ମୁଁ ଏହି ସତ ଆଉ ବିଶ୍ୱାସର ଯୁଦ୍ଧ ଭିତରେ ଝୁଲିଥିଲି ଠିକ୍ କାନ୍ଥଘଣ୍ଟା ପେଣ୍ଡୁଲମ୍ ପରି ।"

ମୋର ବିଶ୍ୱାସ ସେଇ ଦିନ ଭାଙ୍ଗିଗଲା କ୍ଷଣିକ ସନ୍ଦେହରେ ଯେଉଁଦିନ ପୋଲିସ କ୍ଷଣିକ ପାଇଁ ବିନୋଦକୁ ରିମାଣ୍ଡରେ ନେଇଗଲା ଅଧିକ ପଚରା ଉଚରା କରିବା ପାଇଁ । ପୋଲିସର ହାତକଣ୍ଠା ବିଷୟରେ କିଏ ବା ଅଜଣା। ତାଙ୍କର ଥାର୍ଡ ଡିଗ୍ରୀ ଆଗରେ ବଡ ବଡ ଅପରାଧୀ ନିଜର ସତ ସ୍ୱୀକାର କରି ନିଅନ୍ତି । ଆଉ ଇଏତ ସାଧାସିଧା ବିନୋଦ। ସେ ଭଲା କେତେ ଦିନ ସହି ପାରିବ । ତା'ଛଡା ଏକାଦଶ ଦିନ ପୋଲିସର ବିନୋଦକୁ କୋର୍ଟକୁ ଚାଲାଣ କରିବାର ଅଛି।

ଏହି ଦଶ ଦିନ ମୋର ଆଉ ବିନୋଦ ପରିବାର ପାଇଁ ସତେ ଯେମିତି ଗୋଟେ ଯୁଗ ଥିଲା । ଦିନେ ସକାଳୁ ସକାଳୁ ଗାୟତ୍ରୀ ଆମ ଘରକୁ ଆସି ତାକୁ ସାହାଯ୍ୟ କରୁବାକୁ କହିଲା । ପ୍ରଥମେ ତ ମୋ ବିବେକ ବାଧା ଦେଲା ମୋତେ ସାହାଯ୍ୟ ପାଇଁ ମନା କରିବାକୁ । ହେଲେ..ଲୋକାଚାରକୁ ଡରି ସଫା ସଫା କହିଦେଲି, ଏଇଟା ପୋଲିସ କେଶ୍..ମୁଁ ଏଥିରେ ତୁମକୁ କିଛି ବି ସାହାଯ୍ୟ କରି ପାରିବିନି । ହେଲେ..ମୋ ସ୍ତ୍ରୀ ସୁରମା ମୋ କଥାକୁ ଖାତିର ନକରି ଘର ଭିତରକୁ ନେଇ ଯାଇ ବଳେଇ ବଳେଇ ଖୁଆଇଲା ଆଉ ପିଲାମାନଙ୍କ ପାଇଁ କିଛି ଖାଇବା ଧରି ବାହାରିଗଲା ବିନୋଦ ଘରକୁ । ସେମାନଙ୍କୁ ଯିବାର ଦେଖି ମୁଁ ମୋ ଆହତ ମନକୁ ସଂଯତ କରିବାକୁ ଯାଇ ସିଗାରେଟ୍‌କୁ ଜୋର୍‌ଜୋର୍ ଟାଣିବା ଆରମ୍ଭ କରିଦେଲି।

ସତରେ ସମୟ ବଦଳିବାକୁ ବେଶୀ ବେଳ ନିଏନି । ଯେଉଁ ବିନୋଦର ପିଲାମାନେ ମୋତେ ଦେଖିଲା ମାତ୍ରେ ଦାଦା,ଦାଦା..କହି ଦଉଡି ଆସୁଥିଲେ ସେମାନେ ଏବେ ମୋତେ ଦେଖିବା ମାତ୍ରେ କବାଟ ପଛ ପଟେ ଲୁଚି ଯାଉଛନ୍ତି । ପିଲାମାନଙ୍କ ଏପରି ବ୍ୟବହାର ମୋତେ ଆହାତ କରିବା ସତ୍ତ୍ୱେ ମୁଁ ସମାଜକୁ ଡରି କିଛି କରିପାରୁନଥିଲି ସେମାନଙ୍କ ପାଇଁ ।

ଶେଷରେ ସବୁ ଅପେକ୍ଷାର ଅନ୍ତ ଘଟାଇ ସେହି ଦିନ ଆସିଗଲା..ଯେଉଁ ଦିନ ବିନୋଦକୁ କୋର୍ଟକୁ ଚାଲାଣ କରାଗଲା । ହଁ..କୋର୍ଟ ମୋ ଘରଠୁ ଦୁଇ କିଲୋମିଟର ଦୂରରେ ଥିବା ସତ୍ତ୍ୱେ ମୁଁ ସେଠାକୁ ଗଲିନି । ଏଥିପାଇଁ ନୁହେଁ ଯେ ମୁଁ ଏ ସମାଜକୁ ଡରୁଥିଲି..ବରଂ ଏଥିପାଇଁ ସତରେ ଦୋଷୀ ସାବ୍ୟସ୍ତ ହୋଇଯାଏ ତେବେ ମୁଁ କ'ଣ ତାହା ଦେଖି ପାରିବି.. ? ତା'ଛଡା ଗାୟତ୍ରୀ ଆଉ ତା' ପିଲାମାନଙ୍କର ବିକଳ କାନ୍ଦ ମୁଁ କ'ଣ ସହିପାରିବି ? ନା'..ଆଦୌ ନୁହେଁ । ସତରେ ମଣିଷ ସାମାଜିକ ପ୍ରାଣୀ ହେବା ସତ୍ତ୍ୱେ ଭିତରେ ଯେ କେତେ ଭୀରୁ ତାହା ଆଜି ମୁଁ ମୋ ନିଜକୁ ଆଙ୍କଳନ କରି ଜାଣି ପାରୁଥିଲି ।

ସେଦିନ ପୁରା ଦିନ ମୁଁ ବ୍ୟସ୍ତ ଥିଲି । ନା'ତ ଖାଇପାରିଲି..ନା' କିଛି କାମ କରିପାରିଲି । ଅଫିସ୍‌ରୁ ମଧ୍ୟ ଦେହ ଖରାପ ବାହାନା ବନେଇ ଜଲ୍‌ଦି ପଳେଇ ଆସିଲି ଘରକୁ । କେମିତି ଯେ ସକାଳୁ ସନ୍ଧ୍ୟା ହୋଇଗଲା ଜାଣିପାରିଲିନି ଜମାରୁ । ହେଲେ ସଞ୍ଜ ବେଳେ ଘର ବାହାରେ ଯେଉଁ ଦୃଶ୍ୟ ଦେଖିଲି ସେଥିରେ ମୋର ଅଶାନ୍ତ ମନ ଶାନ୍ତ ହୋଇଗଲା ନିମିଷକେ । ଦେଖିଲା ବେଳକୁ ବିନୋଦ ପୋଲିସ ଜିପ୍‌ରୁ ଓହ୍ଲାଇଲା ଗାୟତ୍ରୀ ଆଉ ତା' ଛୁଆଙ୍କ ସହିତ । ମୁଁ ସାଙ୍ଗେ ସାଙ୍ଗେ ଦଉଡିଲି ଘର ଭିତରକୁ ସୁରମାକୁ ଏହି ଖୁସି ଖବର ଦେବାକୁ । ବିନୋଦର ଫେରିବା କଥା ଶୁଣି ସେ ସାଙ୍ଗେ ସାଙ୍ଗେ କହିଲା,ବୋଧ ହୁଏ ଅଦାଲତ ବିନୋଦଙ୍କୁ ନିର୍ଦ୍ଦୋଷ ଭାବି ଛାଡି ଦେଲା । "ତୁମେ ଦେଖିଲ, ମୁଁ କହୁ ନଥିଲି କି ସେ.."

"ଆଚ୍ଛା,ଆଚ୍ଛା,ତୁମେ ଠିକ୍ କଥା କହୁଥିଲ ହେଲା । ଏଠି ଆଉ କଥାବାର୍ତ୍ତାରେ ସମୟ ନଷ୍ଟ ନକରି ମୋ ସହିତ ଚାଲ ବିନୋଦ ଘରକୁ ।"

"କାହିଁକି..କ'ଣ ଏକୁଟିଆ ଯିବାକୁ ଡର ଲାଗୁଛି..ନା'..ଏକା ଗଲେ ତୁମ ସାମ୍ମାନରେ ଆଞ୍ଚ ଆସିବ ଯେ ମୋତେ ସାଙ୍ଗରେ ନେଇକି ଯିବାକୁ ଚାହୁଁଛ ।" ହସି ହସି ସୁରମା ଯେତେବେଳେ ଏହି କଥା କହିଲା, ଲାଜ ଆଉ ଆତ୍ମଗ୍ଲାନିକୁ ଲୁଚେଇବାକୁ ଯାଇ ମୁଁ ସିଗାରେଟ ପିଇବାକୁ ଲାଗିଲି ।

ତା'ପରେ ମୁଁ ଆଉ ସୁରମା ଯାଇ ପହଞ୍ଚିଲୁ ବିନୋଦ ଘରେ । ସେ ଏମିତି ଆସି ମୋତେ କୁଣ୍ଢେଇ ପକେଇଲା ଯେମିତି କୁମ୍ଭ ମେଳାରେ ବହୁତ ବର୍ଷ ତଳେ ଅଲଗା ହୋଇଥିବା ଦୁଇଭାଇ ଆଜି ଏକାଠି ହୋଇଛନ୍ତି । 'କେମିତି ଅଛୁ ବିନୋଦ ?' ମୁଁ ସତରେ କାନ୍ଦୁଣୁ ମାନ୍ଦୁଣୁ ହୋଇ ପଚାରିଲି ତାକୁ । ମୁଁ ଏପରି ବ୍ୟବହାରରେ କ୍ଷଣିକ ପାଇଁ ଚକିତ ହୋଇଯାଇଥିଲି । ତା' ମାନେ ମୁଁ ତା'ହେଲେ ବିନୋଦକୁ ଏତେ ଭଲ ପାଏ.. ? 'ଛି ! ବେକାରଟାରେ ସମାଜର ଡରରେ ମୁଁ ତାକୁ ସାହାଯ୍ୟ କରିବାକୁ ପଛ ଘୁଞ୍ଚା ଦେଲି ।' ଧିକ୍ ମୋ ବନ୍ଧୁତାକୁ ! ଏମିତି କେତେ କ'ଣ ଭାବି ଭାବି ମୁଁ ମୋ ନିଜକୁ ଗାଳି ଦେଉଥିଲି ମନେ ମନେ ।

'ଠିକ୍ ଅଛି ସାଙ୍ଗ ସେ ଧୀରେ ସ୍ୱରରେ କହିଲା । ମୁଁ ତାକୁ କୁଣ୍ଢେଇ ପକେଇ କହିଲି ମୁଁ ଜାଣିଥିଲି ସାଙ୍ଗ ତୁ ନିର୍ଦ୍ଦୋଷ ବୋଲି । ପୋଲିସ ତତେ ମିଛଟାରେ ଫସେଇଛି ।' ଆଉ ନହେଲେ..ତୋ ଭଳିଆ ସାଧାସିଧା ମଣିଷ ପୁଣି ମାଓବାଦୀଙ୍କର ସହେଯାଗୀ ! ଅସମ୍ଭବ,ହେଲେ ସାଙ୍ଗ ପୋଲିସ ତତେ ଗିରଫ କଲା କାହିଁକି ?

ଧୀରେ ଧୀରେ ବିନୋଦ ପୁରା ଘଟଣା ବିଷୟରେ କହିବାକୁ ଆରମ୍ଭ କଲା । ସେ କହିଲା,ବାରଦିନ ତଳେ ଜଣେ ଲୋକ ତା' ଦୋକାନକୁ କିଛି ଔଷଧ କିଣିବାକୁ ଆସିଥିଲା । ସେ ତାକୁ ଗ୍ରାହକ ଭାବି ଔଷଧ ଦେଇଦେଲା । ହେଲେ ସେ ଜାଣି ନଥିଲା ସେ ଲୋକଟି ମାଓବାଦୀ ବୋଲି । ପୋଲିସ୍ ସେ ଲୋକ ପଛରେ ତିନି ଚାରି ମାସ ହେଲା ଲିଗିଥିଲା । ତାକୁ ମୋ ସହିତ କଥାବାର୍ତ୍ତା ହେଉଥିବାର ଦେଖି ପେଲିସ୍ ଭାବିଲା ମୁଁ ତା'ର ସହେଯୋଗୀ ବୋଲି । ତେଣୁ ମୋତେ ଗିରଫ କରିନେଲା । ହେଲେ ମୋ ଉପରେ ସବୁ ପ୍ରକାର ଅତ୍ୟାଚାର କରି କିଛି ତଥ୍ୟ ପାଇଲା ନାହିଁ । ଆଉ ମୋ ବିରୁଦ୍ଧରେ କିଛି ପ୍ରମାଣ ମଧ୍ୟ ନଥିଲା ପୋଲିସ୍ ପାଖରେ । ତେଣୁ ଅଦାଲତରେ ମୋ ଉପରେ ଲାଗିଥିବା ଆରୋପ ପ୍ରମାଣିତ ହୋଇ ପାରିଲାନି ଆଉ ଜଜ୍ ମହୋଦୟ ଖଲାସ କରିଦେଲେ ନର୍ଦ୍ଦୋଷରେ ।

ବିନୋଦ ଏହି ଦଶ ଦିନରେ ପୁରା କଣ୍ଟା ହୋଇଯାଇଥିଲା । ତା' ଉପରେ ଲାଗିଥିବା କଳଙ୍କର ଦାଗ ସିନା ଲିଭି ଗଲା,ହେଲେ..ଯେଉଁ ଆଘାତ ତା' ମନ ଆଉ ଶରୀରରେ ଲାଗିଥିଲା ତାକୁ ଦୂର କରିବା ଏତେ ସହଜ ନଥିଲା ।

'ମୁଁ ତୋ ଦୁଃଖ ବୁଝୁଛି ସାଙ୍ଗ । ଏଇନା ତତେ ସାହାସ ବାନ୍ଧି ଏହି ଦୁର୍ଘଟଣାକୁ ଗୋଟିଏ ଦୁଃସ୍ୱପ୍ନ ଭାବି ଭୂଲିବାକୁ ପଡିବ,କହିଲି ମୁଁ ।'

'ହଁ ତୁ ଠିକ୍ କହିଛୁ ସାଙ୍ଗ । ଏବେ ଏସବୁ କଥା ଭାବି ଆଉ କିଛି ଲାଭ ନାହିଁ ।'

"ସାଙ୍ଗ.. ! ଆମେ ଚାହିଁଲେ ପୋଲିସ୍ ବିରୁଦ୍ଧରେ କେଶ୍ କରିପାରିବା । କାରଣ ବିନା ପ୍ରମାଣରେ ତତେ ଗିରଫ କରି ସେମାନେ ତୋ ସମ୍ମାନ ଉପରେ ଆଞ୍ଚ ଆଣିଛନ୍ତି ।"

"ନା..ସାଙ୍ଗ ଆମେ ପୋଲିସ୍‌ର କିଛି କରିପାରିବାନି । ଯଦି ସେମିତି କିଛି କରିବା ତେବେ ହୁଏତ ପୋଲିସ୍ ମୋତେ ଆଉ କେଉଁ ମିଥ୍ୟା ଆରୋପରେ ଗିରଫ କରିପାରେ। " ତା'ଛଡା ସେମାନେ ତ ତାଙ୍କ ଡ୍ୟୁଟି କରୁଥିଲେ । ତେଣୁ ଆମେ ତାଙ୍କ ବିରୁଦ୍ଧରେ କିଛି ବି କରିପାରିବାନି କହିଲା ବିନୋଦ।

ସତରେ ବିନୋଦ କେତେ ବଡ କଥାଟେ ନ କହିଲା । ମୁଁ ସିନା କେଶ୍ କରିବା କଥା ସେମିତିରେ କହିଦେଲି । ହେଲେ ସତରେ କ'ଣ ପୋଲିସ୍ ବିରୁଦ୍ଧରେ ଲଢିବାଟା ଏତେ ସହଜ ହୋଇଛି। ତା'ପରେ ମୁଁ ବିନୋଦର ହାତକୁ ଧରି କହିଲି,ସାଙ୍ଗ ତୁ କ'ଣ ମୋତେ କ୍ଷମା କରି ପାରିବୁ ? ଲୋକ ଲଜ୍ଜା ଭୟରେ ମୁଁ ତୋର ଏଭଳି ଦୁର୍ଦ୍ଦିନରେ କିଛି ସାହାଯ୍ୟ କରିପାରିଲିନି ଆଉ ତୋ ପରିବାରର ମଧ୍ୟ ଯତ୍ନ ନେଇ ପାରିଲିନି।

ବିନୋଦ ଧୀରେ ହସି କହିଲା, "ମୁଁ ଜାଣିଛି ସାଙ୍ଗ । ତୋ ଜାଗାରେ ମୁଁ ଥିଲେ ବୋଧହୁଏ ଏଇଆ ହିଁ କରିଥାନ୍ତି । ତୁ ମୋ ପରିବାରର ଯତ୍ନ ନେଇ ନ ପାରିଲେ କ'ଣ ହେଲା ସୁରମା ଭାଉଜ କିନ୍ତୁ ତାଙ୍କ କର୍ତ୍ତବ୍ୟରେ ତିଳେ ମାତ୍ର ହେଳା କରିନାହାନ୍ତି । ତୁ ଜାଣିନୁ ସାଙ୍ଗ ତତେ ଲୁଚେଇ ଲୁଚେଇ ସେ ମୋ ପରିବାର ପାଇଁ ବହୁତ କରିଛନ୍ତି ।" ହଁ..ମାନୁଛି ଏଇ ଦଶ ଦିନ ମୋତେ ଦଶଟା ଜନ୍ମ ଭଳି ଲାଗିଲା । ଏମିତି ଲାଗୁଥିଲା.. ବେଧହୁଏ ଏଇ ଜୀବନରେ ଆଉ ତୁମ ମାନଙ୍କୁ କେବେ ଦେଖି ପାରିବିନି । ହେଲେ ତୁମ ମାନଙ୍କର ପ୍ରେମ, ସ୍ନେହ,ପାର୍ଥନାର ଫଳ ସ୍ୱରୂପ ମୁଁ ଆଜି ତୁମ ଗହଣରେ । ତେଣୁ ତୁ କ୍ଷମା ମାଗି ମୋତେ ଲଜ୍ଜା ଦେଏନା ସାଙ୍ଗ ।

ବିନୋଦର ଏହି ସ୍ନେହ ଭରା କଥା ଶୁଣି ଲାଗିଲା, "ସତେ ଯେମିତି ଆମ ଦୁହିଁଙ୍କ ସମ୍ପର୍କରେ ସତେ ଯେମିତି 'ପରିବର୍ତ୍ତନ' ହେଇଛି । ଆଉ ସେହି ପରିବର୍ତ୍ତନ ସ୍ପର୍ଶରେ ଦୁଇ ପରିବାର ଭିତରେ ଥିବା ଭୟ, ଚିନ୍ତା, ଆଶଙ୍କା ଆଉ ତିକ୍ତତାର ବାଦଲ ହଟି ଯାଉଛି ଆଉ ତା' ସହ ଲିଭି ଯାଉଛି ଦୁଇ ପରିବାର ମଝିରେ ଠିଆ ହୋଇଥିବା ଲୋକଲଜ୍ଜାର ଲକ୍ଷ୍ମଣ ଗାର ।"

***୨୧୭,ୟୁନିଟ-୯(ଫ୍ଲାଟ)***
***ବାୟାବାବା ମଠ ଲେନ***
***ଭୁବନେଶ୍ୱର-୨୨***
***ଫୋନ-୭୯୭୮୮୩୦୬୧୧***

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ

**ଖୋରଧା :** ଜିଲ୍ଲା ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି ଦିବସ ଉପଲକ୍ଷେ ଏକ ପଦଯାତ୍ରା ନୂଆବସଷ୍ଟାଣ୍ଡ ଠାରୁ ବାହାରି ଜିଲ୍ଲା ସଂସ୍କୃତି ଭବନ ପର୍ଯ୍ୟନ୍ତ ଯାଇଥିଲା। ପ୍ରଥମେ ମୁଖ୍ୟ ଅତିଥି ଜିଲ୍ଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦିପ୍ତି ରଂଜନ ରାୟ ଅତିରିକ୍ତ ଜିଲ୍ଲାପାଳ ମନୋରଂଜନ ମଲ୍ଲିକ୍ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ମିଶ୍ର ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଏହି ଦିବସକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ନାଗରିକମାନେ ଆମର ପୂଜ୍ୟ ଓ ନମସ୍ୟ ସେମାନଙ୍କ କୌଣସି କ୍ଷେତ୍ରରେ ସେମାନଙ୍କର ଅଧିକାର କ୍ଷୁର୍ଣ୍ଣ ହେବାକୁ ନ ଦେବା ଏବଂ ରାଜ୍ୟ ତଥା ଦେଶରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ସେମାନଙ୍କର ପରାମର୍ଶ ଏବଂ ସଂଶ୍ଳିଷ୍ଟ ନିହାତି ଜରୁରୀ ବୋଲି ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ କହିଥିଲେ। ଆମେ ସମସ୍ତେ ସେମାନଙ୍କର ସୁଖ ଦୁଃଖରେ ଭାଗିଦାରୀ ହେଲେ ସେମାନଙ୍କ ପାଇଁ କିଛି କାର୍ଯ୍ୟ କରିପାରିଲେ ଏହି ଦିବସର ତାତ୍ପର୍ଯ୍ୟ ବୁଝାଯିବ। ସେମାନଙ୍କର ବିଭିନ୍ନ ସମସ୍ୟା ସ୍ୱାସ୍ଥ୍ୟ ସମସ୍ୟା ସୁରକ୍ଷିତ ରହିବା ଆଇନ ପରାମର୍ଶରେ ସହଯୋଗ କରିବା ଇତ୍ୟାଦି ଉପରେ ଉପସ୍ଥିତ ବକ୍ତାମାନେ ମତପୋଷଣ କରିଥିଲେ। ଏହି ଦିବସ ଉପଲକ୍ଷେ ସାଇଟ୍ ସେଭର ଇଣ୍ଟରନ୍ୟାସନାଲ ଭୁବନେଶ୍ୱର ପକ୍ଷରୁ ମାଗଣାରେ ବରିଷ୍ଠ ନାଗରିକମାନଙ୍କ ଚକ୍ଷୁ ପରୀକ୍ଷା ତଥା ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଦିବସରେ ଜିଲ୍ଲାର ସମସ୍ତ ବରିଷ୍ଠ ନାଗରିକ ସଂଗଠନର କର୍ମକର୍ତ୍ତା ସମସ୍ତ ବୃଦ୍ଧାର୍ଶମର ଅନ୍ତେବାସୀ ଲୁଇସ୍ ବ୍ରେଲ ସ୍କୁଲ ଫରଦି ବ୍ଲାଇଣ୍ଡ ଭୁବନେଶ୍ୱର ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ପାତ୍ର ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା କରିଥିବା ବେଳେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।




# ବିଜୁ ଯୁବ ବାହିନୀ ପକ୍ଷରୁ ନିଶାକୁ ନା' ଦିବସ

**ଦଶପଲ୍ଲା :** ପବିତ୍ର ଗାନ୍ଧୀଜୟନ୍ତୀ ଅବସରରେ ଆଜି ଦଶପଲ୍ଲାରେ ବିଜୁ ଯୁବ ବାହିନୀପକ୍ଷରୁ ନିଶାକୁ ନାଁ ଦିବସ ପାଳିତ ହୋଇ ଯାଇଛି। ଏହି ପରିପ୍ରେକ୍ଷୀରେ ଦଶପଲ୍ଲା ବ୍ଲକ ଓ ଏନ୍.ଏ.ସିର ଶହ ଶହ ବିଜୁ ଯୁବ ବାହିନୀ ସଦସ୍ୟ ମାନେ ନିଜ ନିଜ ଗ୍ରାମପଂଚାୟତ ଓ ଏନ୍.ଏ.ସି ଅଂଚଳର ବିଭିନ୍ନ ସ୍ଥାନ ପରିକ୍ରମା କରି ନିଶା ବର୍ଜନ ଉପରେ ବିଭିନ୍ନ ସ୍ଲୋଗାନ ମାନ ଦେଇଥିଲେ। ପରେ ପରେ ଗ୍ରାମପଂଚାୟତ କାର୍ଯ୍ୟାଳୟ ଓ ସ୍କୁଲ ପରିଷରରେ ନିଶା ନିବାରଣ ସଭା ମାନ ଆୟୋଜନ କରିଥିଲେ। ଏନ୍.ଏ.ସି ବିଜୁ ଯୁବ ବାହିନୀ (ବି)ର ସଭା କାର୍ଯ୍ୟରେ ଦଶପଲ୍ଲା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ନାୟକ, ଏନ୍.ଏ.ସି ବିଜୁ ଯୁବ ବାହିନୀ (ଏ)ରେ ଏନ୍.ଏ.ସି ଚେୟାରମ୍ୟାନ୍ ବବିତା ସାହୁ,ନଛିପୁର ଗ୍ରାମପଂଚାୟତରେ ଦଶପଲ୍ଲା ବ୍ଲକ ଚେୟାରମ୍ୟାନ୍ ସୁନନ୍ଦା ସାହୁ ଏବଂ ଅନ୍ୟ ସମସ୍ତ ଗ୍ରାମପଂଚାୟତ ଗୁଡିକରେ ସରପଂଚ ମାନେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଶା ସେବନ ଠାରୁ ଦୂରେଇ ରହିବା ପାଇଁ ଆହ୍ୱାନ ଦେଇଥିଲେ। ନିଶା ସେବନର ପ୍ରଭାବ କିଭଳି ଭାବେ ସମାଜକୁ କଳଙ୍କିତ କରୁଛି ଓ ତାର କରୁଣ ପରିଣତି ଫଳରେ ଶହ ଶହ ପରିବାର ଅକାଳରେ ଉଜୁଡି ପଡୁଛି ତାର ଭୟାବହତା ଦିଗରେ ସଚେତନ କରାଇ ଥିଲେ। ଉକ୍ତ ସଭାରେ ସମସ୍ତ ବିଜୁ ଯୁବ ବାହିନୀ ସଦସ୍ୟ ମାନେ ନିଶା ଠାରୁ ଦୂରେଇ ରହିବା ପାଇଁ ସଂକଳ୍ପ ନେଇଥିଲେ। ସମାଜରୁ ନିଶା ତ୍ୟାଗ କିଭଳି ହେବ ସେଦିଗରେ ସମସ୍ତଙ୍କୁ ସେଚତନ ଲାଗି ବିଜୁ ଯୁବ ବାହିନୀ ସଦାବେଳେ ଆଗରେ ରହିବ ବୋଲି ନିଷ୍ପତି ନେଇଥିଲେ। ପ୍ରକାଶ ଥାଉ କି ଦଶପଲ୍ଲାର ରାଜନୈତିକ ଗୋଷ୍ଠୀ କନ୍ଦଳ ଯୋଗୁଁ କେତେକ ଗ୍ରାମପଂଚାୟତର ସରପଂଚ ଓ ସରପଂଚଙ୍କ ସ୍ୱାମୀ( କୁଜି ନେତା)ମାନେ ବିଜୁ ଯୁବ ବାହିନୀର ସଦସ୍ୟ ମାନଙ୍କୁ ଅଣଦେଖା କରି ସେମାନଙ୍କୁ ସହଯୋଗ କରୁନଥିବା ବିଷୟ ଜନସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।




# ନିଷ୍ଠା ଓ କାଷ୍ଠାର ବ୍ରତ ପୁଅ ଜିଉଁତିଆ

**ସୋନପୁର :** ପୁଅମାନଙ୍କ ମଙ୍ଗଳ କାମନା କରି ମା'ମାନେ ପାଳନ କରୁଥିବା ବ୍ରତ ପୁଅ ଜିଉଁତିଆ ଯାହା ପଶ୍ଚିମ ଓଡିଶାର ଏକ ପ୍ରମୁଖ ବ୍ରତ ଭାବେ ପରିଚିତ। ଏହି ବ୍ରତ ଆଧୁନିକତାର ସ୍ପର୍ଶ ପାଇ ସୁଦ୍ଧା ଏବେବି ତାର ସ୍ୱତନ୍ତ୍ର ମର୍ଯ୍ୟାଦା ବଜାୟୀ ରଖି ।ଛି। ରାଜ୍ୟର କେତେକ ସ୍ଥାନରେ ଏହା ଦୁତୀବାହାନ ଓଷା ଭାବେ ପରିଚିତ। ଏହି ପର୍ବ ଉଭୟ ଧାର୍ମୀକ ଏବଂ ଆଧାତ୍ମିକ ଭାବନା ବହନ କରି ମା ଓ ପୁଅ ମଧ୍ୟରେ ରହିଥିବା ସଂପର୍କକୁ ଦୃଢ କରିବା ସହ ସାମାଜିକ ବନ୍ଧନକୁ ଅତୁଟ ରଖିବାରେ ସହାୟକ ହୋଇଥାଏ। ଆଜି ଏହି ବ୍ରତ ସୋନପୁର ଜିଲ୍ଲା ସଦର ଓ ଗ୍ରାମଚଂଳରେ ବିଭିନ୍ନ ଗ୍ରାମରେ ନିଷ୍ଠା ଓ କାଷ୍ଠାରେ ପାଳିତ ହୋଇ ଯାଇଛି। ସାଧାରଣତଃ ମହିଳା ମାନଙ୍କ ଦ୍ୱାରା ପାଳନ ହେଉଥିବା ଏହି ପୋ ଜିଉଁତିଆ ବ୍ରତ ଆଜି ଆଶ୍ୱିନ କୃଷ୍ଣ ପକ୍ଷ ଅଷ୍ଟମୀ ତିଥୀରେ ପାଳନ କରାଯାଉଥିବା ବେଳେ ବ୍ରତଧାରୀ ମା ମାନେ ଦିନ ତମାମ ନିର୍ଜଳା ଉପବାସ ରହି ସନ୍ଧ୍ୟା ସମୟରେ ଗାଁର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ମଣ୍ଡପ ସ୍ଥାପନ କରି ମା' ଦୁତିବାହାନଙ୍କୁ ପୂଜା କରିଥିଲେ। ପୂଜା ସାମଗ୍ରୀ ଭାବେ ପ୍ରତିଟି ପୁଅ ପାଇଁ ୧୦୮ଟି ଦୁବ ସହ କଷି ଭେଣ୍ଡି, କାକୁଡି, ଆତ (ବଢଲ), ବେଲ, ଅଁଳା ଡାଳ, ବିଭିନ୍ନ ଫୁଲ ସହ ୧୦୮ଟି ଅକ୍ଷତ ଅରୁଆ ଚାଉଳ ଆଦି ବ୍ୟବହାର କରିଥାନ୍ତି। ବ୍ରତଧାରୀ ମାନେ ପୂଜାସ୍ଥଳୀକୁ ନେଇ ଯାଉଥିବା ପୂଜା ପରାତରେ ଲିଆର ତିଆରି ଜୁଗାର ଓ ଜାଗର ବେଶ ଆକର୍ଷଣୀୟ ଦିଶୁଥାଏ। ପୂର୍ବେ ଗ୍ରାମର ସମସ୍ତ ମହିଳା ଗ୍ରାମ୍ୟ ମୁଖିଆଙ୍କ ଘର ସମ୍ମୁଖରେ ନିର୍ମିତ ପୂଜା ମଣ୍ଡପରେ ପୂଜା କରୁଥିବା ବେଳେ ସମୟକ୍ରମେ ଏହି ବ୍ୟବସ୍ଥାର ପରିବର୍ତ୍ତନ ହୋଇ ଗ୍ରାମର ପ୍ରତ୍ୟେକ ସାହି ଏବଂ ଘରେ ଘରେ ମଣ୍ଡପ ତିଆରି ହେବା ସହ ବ୍ରତଧାରୀ ମହିଳାମାନେ ଭାଗ ଭାଗ ହୋଇ ପୂଜା କରୁଥିବା ଦେଖିବାକୁ ମିଳୁଛି।

# ପିସିସି ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

**ଭୁବନେଶ୍ୱର :** ଓଡିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ୧୫୦ତମ ଜୟନ୍ତୀ ଉତ୍ସବ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଲାଲ ବାହାଦୂର ଶାସ୍ତ୍ରୀଙ୍କର ୧୧୫ତମ ଜୟନ୍ତୀ ଉତ୍ସବ କଂଗ୍ରେସ ଭବନ ଠାରେ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନରେ କଂଗ୍ରେସ ଭବନ ପରିସରରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କ ସମେତ ଓଡିଶା ପ୍ରଭାରୀ ଜିତେନ୍ଦ୍ର ସିଂହ, ସହପ୍ରଭାରୀ ରୁଦ୍ରରାଜୁ, ଅନିଲ୍ ଚୌଧୁରୀ, ମସ୍ତାନ ଭାଲି, ଆଦିତ୍ୟ ଶର୍ମାଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତି ଓ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପରେ ପିସିସି ପକ୍ଷରୁ ଚନ୍ଦ୍ରଶେଖରପୁର, ନାଲ୍‌କୋ ଛକ ସ୍ଥିତ ଗାନ୍ଧୀ ପାର୍କରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ଓ ରାମଧୁନ୍ ଗାନ କରାଯାଇଥିଲା। ସଂନ୍ଧ୍ୟାରେ କଂଗ୍ରେସ ଭବନ ପରିସରରେ "ସମ୍ବିଧାନ ବଂଚାଅ" ଶୀର୍ଷକ କର୍ମଶାଳା ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଦାମରାଉତ, ସିପିଆଇ ନେତା ଶ୍ରୀ ଜନାର୍ଦ୍ଦନ ପତି, ସିପିଆଇଏମ ର ଶ୍ରୀ ରାମକୃଷ୍ଣ ପଣ୍ଡା, ସମାଜବାଦୀ ପାଟିର ଶ୍ରୀ ରବି ବେହେରା, କଂଗ୍ରେସ ନେତା ସର୍ବଶ୍ରୀ ଶ୍ରୀକାନ୍ତ ଜେନା ପ୍ରମୁଖ ସମ୍ବିଧାନ ସୁରକ୍ଷା ସମ୍ପର୍କରେ ସେମାନଙ୍କର ପରେ କଳାକାରମାନଙ୍କ ଦ୍ୱାରା ରାମଧୁନ ଏବଂ ଗାନ୍ଧୀଜୀଙ୍କର ପ୍ରିୟ ଭଜନ ଗାନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶରତ ପଟ୍ଟନାୟକ, ଭକ୍ତ ଚରଣ ଦାସ, ଜୟଦେବ ଜେନା, ଶ୍ରୀକାନ୍ତ ଜେନା, ସୁରେଶ କୁମାର ରାଉତରାୟ, ଶରତ ରାଉତ, ମହମ୍ମଦ ମୋକିମ, ବିଜୟଲକ୍ଷ୍ମୀ ସାହୁ, ଶିବାନନ୍ଦ ରାୟ, ମାନସ ଚୌଧୁରୀ, କୈଳାସ ଆଚାର୍ଯ୍ୟ, ଦେବାଶିଷ ପଟ୍ଟନାୟକ, ଶୁଭେନ୍ଦୁ ମହାନ୍ତି, ସୁମିତ୍ରା ଜେନା, ସତ୍ୟପ୍ରକାଶ ନାୟକ, ରଶ୍ମି ମହାପାତ୍ର, ସତ୍ୟବ୍ରତ ପାତ୍ର, ସୁଶୀଳା ତିରିଆ, ଗୁରୁପଦ ନନ୍ଦ, ଜାନକୀ ବଲ୍ଲଭ ପଟ୍ଟନାୟକ, ସୁଜିତ୍ ପାଢୀ, ଲକ୍ଷ୍ମଣ ମେହେର, ବିଣାପାଣି ସାମଲ, ସ୍ୱାଧିନବାଳା ଦାସ, ମାନସ ଆଚାର୍ଯ୍ୟ, ଶ୍ରୀୟା ମହାନ୍ତି, ବିକ୍ରମ ସାହୁ, ପଦ୍ମାକର ଗୁରୁ, ବିଶ୍ୱଜିତ ଦାସ, ଲିଙ୍ଗରାଜ ସାହୁ, ନିକୁଞ୍ଜ ପଶାୟତ, ଇତିଶ ପ୍ରଧାନ, ରବିନ୍ଦ୍ର ଆଚାର୍ଯ୍ୟ, ଚିତ୍ରଲେଖା ମହାନ୍ତି, ଜ୍ଞାନରଂଜନ ମହାନ୍ତି, ସଂଜୟ ତ୍ରିପାଠୀ, ରାଜକିଶୋର ସାହୁ, ଅଭିଶେକ ମହାନନ୍ତି, ସତ୍ୟସ୍ମିତ ମହାନ୍ତି, ରତ୍ନମଣି ଉଲାକା, ଦୀପା ଚୌଧୁରୀ, ଜୟଶ୍ରୀ ପଟ୍ଟନାୟକ, ଅଲେଖ ସାମଲ, ଜୟକୃଷ୍ଣ ମଲିଆ, ଆଲୋକ ମହାନ୍ତି, ସଂଜୟ ମିଶ୍ର, ଅଂଚଳ ବଟୁ, ସନ୍ତୋଷ ବଳ, ଜ୍ୟୋତିଷ ସାହୁ, ଅଜୟ ସାହୁ, କୈଳାସ ସାହୁ, ସଂକୁନା କହଁର, ଅଧିରାଜ ମୋହନ ପାଣିଗ୍ରାହୀ, ଜୟକୃଷ୍ଣ ସୁବୁଦ୍ଧି, ୱାଲିଦ ପଟେଲ, ତରୁଣ ମିଶ୍ର, ସତ୍ୟାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆନ୍ଦୋଳନ ...

ପ୍ରସଂଗରେ ଯୋଡି ହେବା ପାଇଁ ଆନ୍ଦୋଳନ ଆହ୍ୱାନ ଦେଲା। ମହାନଦୀ ପଦଯାତ୍ରା, ପଥପ୍ରାନ୍ତ ନାଟକ, ଗାଁ'ଗୁଡିକରେ ସମ୍ମିଳନୀ କରି ମହାନଦୀ ପ୍ରସଂଗର ପ୍ରକୃତ ଘଟଣାବଳୀ ଲୋକଙ୍କ ସମ୍ମୁଖରେ ରଖିବା ସହିତ ନଦୀପ୍ରତି ଜନସଚେତନତା ସୃଷ୍ଟିକରିବାରେ ସଫଳ ହେଲା। ଆନ୍ଦୋଳନର ଆଉ ଏକ ସଫଳତା ହେଲା ପାର୍ଲ୍ୟାମେଣ୍ଟ ଚାଲିଥିବା ସମୟରେ ଦିଲ୍ଲୀର ଜନ୍ତରମନ୍ତର ଠାରେ ବିଶାଳ ସମାବେଶର ଆୟୋଜନ କରି ମହାନଦୀ ଜଳ ସମସ୍ୟାକୁ ଏକ ଜାତୀୟ ପ୍ରସଂଗ ଭାବେ ଉ□ାପନ। ଜାତୀୟସ୍ତରୀୟ ନେତା ଓ ନେତୃତ୍ୱ ଆସି ମହାନଦୀ ବଂଚାଅ ଆନ୍ଦୋଳନ ମଞ୍ଚରେ ଏକାଠି ହେବା ଏକ ବିରାଟ ସଫଳତା। ଓଡିଶାର ଗଣମାଧ୍ୟମ ମଧ୍ୟ ଆନ୍ଦୋଳନର ପ୍ରତିଟି ପଦକ୍ଷେପକୁ ପ୍ରଚାର ପ୍ରସାର କରିବାରେ ଯଥେଷ୍ଟ ସହଯୋଗ କଲେ। ମହାନଦୀ ବଞ୍ଚାଅ ଆନ୍ଦୋଳନର ଏହି ସମସ୍ତ ଗତିବିଧି ଓ ଆଭିମୁଖ୍ୟ ଉପରେ ସହମତି ଜଣାଇବା ସହିତ ଏହି ଆନ୍ଦୋଳନରେ ସ୍ୱଇଚ୍ଛାରେ ସାମିଲ୍ ହେବାରେ ଲାଗିଲେ ସାଧାରଣ ଜନତା।

ମହାନଦୀ ଜଳ ପ୍ରସଙ୍ଗରେ ଏକପ୍ରକାର ଛନ୍ଦି ହୋଇଥିବା ଏବଂ ମହାନଦୀ ଉପରେ ଆଉ ଶହେଟି ଡ୍ୟାମ୍ ହେଲେ ଓଡିଶାର କିଛି କ୍ଷତି ହେବନି ବୋଲି ମନ୍ତବ୍ୟ ଦେଇ ଆହୁରି ବିବାଦିୟ ସ୍ଥିତି ସୃଷ୍ଟି କରିଥିବା ବିଜେଡ଼ି, ପରବର୍ତ୍ତୀ ସମୟରେ ନିଜ ଭୁଲକୁ ବିଶେଷଜ୍ଞ ଓ ସାମାଜିକ ସଂଗଠନର ଟିମ୍ ମହାନଦୀ ବଞ୍ଚାଅ ଆନ୍ଦୋଳନକୁ ହାତବାରିସି ଭାବେ ପ୍ରୟୋଗ କରିବାର ପ୍ରୟାସ କଲା। ରାଜନୈତିକ ମହଲରେ ଏହାକୁ ବିଜେଡ଼ିର 'ବି' ଟିମ୍ ବୋଲି ସମ୍ବୋଧିତ କରିବା ଆରମ୍ଭ କଲେ। ଏଭଳି କହିବା ପଛର କଥା ହେଉଛି, ଆନ୍ଦୋଳନର ଅଧିକାଂଶ ସଭା, ସମିତି ଓ ବିତର୍କରେ ବିଜେଡିର କିଛି ଆଗଧାଡିର ନେତା-ମନ୍ତ୍ରୀ ସାମିଲ୍ ହେଉଥିଲେ। କେବଳ ଯେ ସାମିଲ୍ ହେଉଥିଲେ ତା'ନୁହଁ, ଆନ୍ଦୋଳନକୁ ପରିଚାଳନା ମଧ୍ୟ କରୁଥିଲେ। ଦଳ ଚାହୁଁଥିଲା

ତେବେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ସମେତ ଏହାର ପ୍ରବକ୍ତା ଓ ଉପଦେଷ୍ଟା ସମେତ କଂଗ୍ରେସ ଦଳରେ ଯୋଗଦେବା ପରେ ଚାରିଆଡେ ଚହଳ ପଡିଗଲା। ଆଉ ସବୁଠାରୁ ଅଧିକ ଛନକା ପସିଲା ବିଜେଡିର। ମହାନଦୀ ବଂଚାଅ ଆନ୍ଦୋଳନ ମାଧ୍ୟମରେ ଛତିଶଗଡ ତଥା ବିଜେପି ସହିତ ଆଇନଗତ ଭାବେ ଲଢେଇ କରି ରାଜନୈତିକ ଫାଏଦା ନେବା ତରିକା ଫେଲ୍ ମାରିଲା। ତେବେ କଂଗ୍ରେସରେ ଯୋଗଦେବା ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ସ୍ପଷ୍ଟ କଲେ ଯେ ମହାନଦୀ ପ୍ରସଂଗ ଏକ ରାଜନୈତିକ ଲଢେଇ ହୋଇଥିଲେ ମଧ୍ୟ ଏହା କୌଣସି ଦଳର ନୁହଁ।

### ଓଡ଼ିଶାକୁ ପର୍ଯ୍ୟଟକଙ୍କ ...

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସ୍ମାର୍ଟସିଟି ଭୁବେନଶ୍ୱରକୁ ସ୍ୱାଗତ ଜଣାଇ କହିଲେ, ଏଥର ଟ୍ରାଭେଲ୍ ବଜାରରେ ୨୩ଟି ଦେଶରୁ ଆସିଥିବା ୬୦ଜଣ ବିଦେଶୀ ଟୁର୍ ଅପରେଟର୍ ଏବଂ ଦେଶର ଆଗଧାଡ଼ିର ଇନ୍‌ବାଉଣ୍ଡ୍ ଟୁର୍ ଅପରେଟରମାନେ ଯୋଗ ଦେଇଛନ୍ତି। ଝାରସୁଗୁଡ଼ାରେ ବିମାନବନ୍ଦର ଉଦ୍‌ଘାଟନ ହେବାପରେ ପଶ୍ଚିମ ଓଡ଼ିଶାକୁ ଯୋଗାଯୋଗ ଆହୁରି ସହଜ ହୋଇଛି। ସେହିପରି ମାଲେସିଆକୁ ଏୟାର ଏସିଆ ସିଧାସଳଖ ବିମାନ ସେବା ଆରମ୍ଭ କରିବା ପରେ ଆଗାମୀ ଦିନରେ ଅଧିକରୁ ଅଧିକ ଦେଶକୁ ସିଧାସଳଖ ବିମାନ ସଂଯୋଗ କରାଯିବ। ଏହି ସମାରୋହରେ ସମ୍ମାନିତ ଅତିଥିଭାବେ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଯୋଗଦେଇ ରାଜ୍ୟର ପର୍ଯ୍ୟଟନ ଭିତ୍ତିଭୂମି ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ସରକାର ପର୍ଯ୍ୟଟନର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ୪ଶହ କୋଟି ଟଙ୍କା ବ୍ୟୟ କରିଛନ୍ତି। ଏଥିରେ ପର୍ଯ୍ୟଟନ ବିଭାଗ ଶାସନ ସଚିବ ବିଶାଳ ଦେବ ଯୋଗଦେଇ କହିଲେ, ବର୍ତ୍ତମାନ ଡିଜିଟାଲ ଯୁଗ। ଏହି ପ୍ଲାଟ୍‌ଫର୍ମକୁ ଉପଯୋଗ କରି ଓଡ଼ିଶାର ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ବ୍ରାଣ୍ଡିଂ କରିବାକୁ ଚେଷ୍ଟା କରାଯାଉଛି। ଆଗାମୀ ଦିନରେ ରାଜ୍ୟରେ ଥିବା ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ କିପରି ଭିତ୍ତିଭୂମିର ବିକାଶ ହେବ ସେ ଦିଗରେ ଦୃଷ୍ଟି ଦିଆଯାଉଛି। ବିଶେଷ କରି ୫୭ଟି ପର୍ଯ୍ୟଟନ ସ୍ଥଳୀକୁ ଏଥିପାଇଁ ଟାର୍ଗେଟ୍ କରାଯାଇଛି। ଯେଉଁଠାରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ପ୍ରସ୍ତୁତ ହେବ। ପର୍ଯ୍ୟଟକ କିପରି ନିଜ ସମୟର ସଦୁପଯୋଗ କରିବେ ସେଥିପାଇଁ ଏସବୁ ସ୍ଥାନମାନଙ୍କରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯିବ। ଖୁବ୍‌ଶୀଘ୍ର ରାଜ୍ୟର ବିଭିନ୍ନ ସ୍ଥାନରେ ଷ୍ଟାର୍ ହୋଟେଲ, ରେଷ୍ଟୋରାଁ ଓ ସାଧାରଣ ପର୍ଯ୍ୟଟକଙ୍କ ପକେଟ୍‌କୁ ସୁହାଇଲା ଭଳି ହୋଟେଲ ନିର୍ମାଣ କରାଯିବ। ଏଥିରେ ଅନ୍ୟତମ ସମ୍ମାନିତ ଅତିଥିଭାବେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର୍ ବାଲକ୍ରିଷ୍ଣନ୍ କହିଲେ, ଭୁବନେଶ୍ୱର ଦେଶର ଏକ ଐତିହାସିକ ଓ ପୁରାତନ ସହର ସାଙ୍ଗକୁ ସ୍ମାର୍ଟସିଟି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ନିର୍ଦ୍ଦେଶିକା ତଥା ଅତିରିକ୍ତ ଶାସନ ସଚିବ ଅର୍ଚ୍ଚନା ପଟ୍ଟନାୟକ, ଫିକିର ପର୍ଯ୍ୟଟନ ପରାମର୍ଶଦାତା ରାହୁଲ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଫିକି ଓଡ଼ିଶା ଷ୍ଟେଟ୍ କାଉନ୍‌ସିଲ୍ ଟୁରିଜିମ୍ ପ୍ୟାନେଲ୍ ଅଧକ୍ଷ ଜେ.କେ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଟ୍ରାଭେଲ୍ ବଜାରରେ ଆଗମୀ ୨ଦିନରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ 'ବିଟୁବି' ସେସନ୍‌ରେ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ହେବ। ଏଥିରେ ୨୩ଟି ଦେଶର ୬୦ ବିଦେଶୀ ଟୁର୍ ଅପରେଟର, ୧୬ ନାମିଦାମୀ ଟୁର୍ ଅପରେଟର, ୧୬ ଘରୋଇ ଟୁର୍ ଅପରେଟର, ୫୬ ଜଣ ପୁଞ୍ଜି ନିବେଶକାରୀ ସଂସ୍ଥା, ୱେଡିଂ ପ୍ଲାନର ଓ ଟ୍ରାଭେଲ୍ ରାଇଟର ଯୋଗ ଦେଇଛନ୍ତି। ଏହି ଅବସରରେ 'ଟେକିଂ ଓଡ଼ିଶା ଟୁରିଜିମ୍ ଟୁ ନେକ୍ସଟ୍ ଲେବଲ୍' ଅର୍ଥାତ ରାଜ୍ୟ ପର୍ଯ୍ୟଟନକୁ ଆଉ ଏକ ସୋପାନରେ ପହଞ୍ଚାଇବା ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

### ପ୍ରତିଷ୍ଠା ହେବ ...

ସରକାରଙ୍କ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ ରାଷ୍ଟ୍ରପତି ପୁତିନ ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଧ୍ୟରେ ଆଲୋଚନା ହେବା ପରେ ଭାରତର ଭୂବ୍ୟବସ୍ଥା ବିଭାଗର ଯୁଗ୍ମ ସଚିବ ଏବଂ ରୁଷିଆର ରୋସୋବୋରୋନ ଏକ୍ସପର୍ଟ ବିଭାଗର ମହାନିର୍ଦ୍ଦେଶକ ଏହି ୫ଟି ଏସ୍-୪୦୦ କ୍ଷେପଣାସ୍ତ୍ର କିଣାବିକା ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ରୁଷିଆ ଆସନ୍ତ ୨୪ ମାସ ଭିତରେ ଏହି କ୍ଷେପଣାସ୍ତ୍ର ପହଞ୍ଚାଇବ। ଅର୍ଥାତ ୨୦୨୦ ସୁଦ୍ଧା ଭାରତ ଏହି କ୍ଷେପଣାସ୍ତ୍ର ପାଇବ। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ର ବ୍ୟବସ୍ଥା ସ୍ଥଳଭାଗରୁ ଆକାଶ ମାର୍ଗକୁ ନିକ୍ଷେପିତ ହୋଇପାରିବ। ଏହା ଆକାଶମାର୍ଗରେ ଯେକୌଣସି ଲକ୍ଷ୍ୟଭେଦ କରିବାର କ୍ଷମତା ରଖିଛି। ଏହା ଏକ ବହୁମୁଖୀ କ୍ଷେପଣାସ୍ତ୍ର ବ୍ୟବସ୍ଥା ଭାବରେ ପ୍ରତିଷ୍ଠା ଅର୍ଜନ କରିଛି। ଏଥିରେ ବିଭିନ୍ନ ପ୍ରକାରର ସୁପରସୋନିକ ଓ ହାଇପରସୋନିକ କ୍ଷେପଣାସ୍ତ୍ର ରହିଛି। ଏସବୁ ଏକ ସମୟରେ ୧୦୦ରୁ ୩୦୦ ଟାର୍ଗେଟ୍‌କୁ ଚିହ୍ନଟ କରିପାରିବ। ଏହି କ୍ଷେପଣାସ୍ତ୍ର ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଲା ରାଡାର ବ୍ୟବସ୍ଥା। ବାୟୁ ସେନା ମୁଖ୍ୟ ବିଏସ୍ ଧାନୱା କହିଛନ୍ତି ଯେ ଏହି କ୍ଷେପଣାସ୍ତ୍ର ଦ୍ୱାରା ଭାରତୀୟ ବାୟୁସେନାର କ୍ଷମତା ବୃଦ୍ଧି ହେବ। ଶତ୍ରୁପକ୍ଷର ଧମକକୁ ମୁକାବିଲା କରିବାର ଆମର କ୍ଷମତା ଆହୁରି ବୃଦ୍ଧି ପାଇବ। ପୂର୍ବରୁ ଚୀନ ସରକାର ରୁଷିଆରୁ ଏହି କ୍ଷେପଣାସ୍ତ୍ର କ୍ରୟ କରିଛନ୍ତି। ଏଥିପାଇଁ ୨୦୧୪ରେ ଚୀନ୍ ସରକାର ରୁଷ୍ ସହ ଚୁକ୍ତିନାମା କରିଥିଲେ। ଇତିମଧ୍ୟରେ ଚୀନ୍‌କୁ ଏସ୍-୪୦୦ ମିଳି ସାରିଥିଲେ ମଧ୍ୟ ତାହାର ସଂଖ୍ୟା ଜଣାପଡ଼ି ନାହିଁ। କେବଳ ଭାରତ ନୁହେଁ ତୁର୍କୀକୁ ଏହି କ୍ଷପଣାସ୍ତ୍ର ବିକ୍ରି କରିବା ପାଇଁ ରୁଷ୍ ନିଷ୍ପତ୍ତି ନେଇଛି। ସେଥିପାଇଁ ୨ ଦେଶ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏବେ କ୍ୱାତାରକୁ ଏହି କ୍ଷପଣାସ୍ତ୍ର ବିକିବା ପାଇଁ ରୁଷ୍ ଯୋଗାଯୋଗ କରୁଛି। ସେତେବେଳେ ଆମେରିକା ସରକାର ଚୀନର ଏହି କ୍ଷେପଣାସ୍ତ୍ର କ୍ରୟକୁ ସମାଲୋଚନା କରିବା ସହିତ ଚୀନ ଉପରେ କଟକଣା ଜାରି କରିଥିଲେ। ଏବେ ଭାରତ ଏହି କ୍ଷେପଣାସ୍ତ୍ର ଚୁକ୍ତି ନକରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ ଚେତାବନୀ ଦେଇଛନ୍ତି। ତେବେ ଏହି ଚୁକ୍ତି ସଂପାଦିତ ହେବା ପରେ ଟ୍ରମ୍ପ ପ୍ରଶାସନ ଭାରତ ଉପରେ କୌଣସି କଟକଣା ଜାରି କରିବାର ସମ୍ଭାବନା କ୍ଷୀଣ। କାରଣ ଆମେରିକା ଚାହେଁ ନାହିଁ ଯେ ଏସିଆରେ ଚୀନ ଏକ ଅପରାଜେୟ ସାମରିକ ଶକ୍ତି ଭାବେ ପ୍ରତିଷ୍ଠା ଅର୍ଜନ କରୁ। ଏଥିପାଇଁ ଭାରତ ଚୀନର ସାମରିକ ଶକ୍ତି ସହିତ ସମକକ୍ଷ ହେବା ଉଚିତ ବୋଲି ଆମେରିକା ସବୁବେଳେ ଲକ୍ଷ୍ୟ ରଖି ଆସିଛି। ଏହାବ୍ୟତୀତ ପଡ଼ୋଶୀ ରାଷ୍ଟ୍ର ସହ ପ୍ରତିରକ୍ଷା କ୍ଷେତ୍ରରେ ସମକକ୍ଷ ହେବା ପାଇଁ ଭାରତ ଏହି କ୍ଷେପଣାସ୍ତ୍ର କିଣୁଥିବା କୁହାଯାଇଛି। ଏବେ ପାକିସ୍ତାନ ପାଖରେ ୨୦ଟି ଲଢୁଆ ବିମାନ ରହିଥିବା ବେଳେ ଅତ୍ୟାଧୁନିକ ଏଫ୍-୧୬ ରହିଛି। ପାକିସ୍ତାନକୁ ଚୀନ୍ ଏହି ଏଫ-୧୬ ଯୋଗାଇ ଦେଇଛି। ଚୀନ୍ ପାଖରେ ମଧ୍ୟ ୧୭୦୦ ଲଢୁଆ ବିମାନ ସହ ୮୦୦ ଅତ୍ୟାଧୁନିକ ଲଢୁଆ ବିମାନ ରହିଛି। ବର୍ତ୍ତମାନ ସ୍ଥିତିରେ ଭାରତ ଭଳି ଅନ୍ୟ କୌଣସି ରାଷ୍ଟ୍ର ବିଭିନ୍ନ ଧମକର ଶିକାର ହେଉନାହାନ୍ତି। ଆତଙ୍କବାଦୀଙ୍କ ମୁକାବିଲା ଭାରତ ପାଇଁ ଏକ ପ୍ରମୁଖ ସମସ୍ୟା ହୋଇ ରହିଛି। ଏଭଳି ସ୍ଥିତିରେ ଏସ୍-୪୦୦ ଭଳି ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଜରୁରୀ ବୋଲି ପ୍ରତିରକ୍ଷା ବିଶେଷଜ୍ଞମାନେ ମତ ଦେଇଛନ୍ତି। ସ୍ୱାକ୍ଷରିତ ହୋଇଥିବା ଅନ୍ୟ ଚୁକ୍ତିଗୁଡ଼ିକ ମଧ୍ୟରେ ମହାକାଶକୁ ମାନବ ପଠାଇବା ଲାଗି ଭାରତର ଗଗନାୟନ ଯୋଜନାରେ ସହଯୋଗ ଅନ୍ୟତମ। ଇସ୍ରୋ ଓ ରୁଷ୍ ଫେଡେରେସନ୍‌ର ମହାକାଶ ସଂସ୍ଥା ରୋସ୍‌କସ୍‌ମସ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଭାରତୀୟ ରେଳବାଇ ଓ ରୁଷିଆ ରେଳବାଇ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା ବେଳେ ଭାରତୀୟ ଜାତୀୟ କ୍ଷୁଦ୍ରଶିଳ୍ପ ନିଗମ ଓ ରୁଷିଆ କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟ ନିଗମ ମଧ୍ୟରେ ଉଦ୍ୟୋଗ କ୍ଷେତ୍ରରେ ସହଯୋଗ ଲାଗି ବୁଝାମଣା ହୋଇଛି। ରୁଷିଆର ପ୍ରତ୍ୟକ୍ଷ ନିବେଶ ପାଣ୍ଠି ଏବଂ ଭାରତୀୟ ପଟାସ୍ ଲିମିଟେଡ୍ ମଧ୍ୟରେ ଚୁକ୍ତି ସମ୍ପାଦନ ହୋଇଛି। ଏହି ପରିପ୍ରେକ୍ଷୀରେ ଆମେରିକା ଅତି ମାପଚୁପ୍ ଢଙ୍ଗରେ ପ୍ରତିକ୍ରିୟା ପ୍ରକାଶ କରିଛି। ନୂଆଦିଲ୍ଲୀ ସ୍ଥିତ ଆମେରିକା ଦୂତାବାସ ପକ୍ଷରୁ କୁହାଯାଇଛି, ୱାଶିଂଟନ ତା'ର ସହଯୋଗୀ ରାଷ୍ଟ୍ରଗୁଡ଼ିକର ସାମରିକ କ୍ଷମତାକୁ ବାଧାଦେବାକୁ ଚାହେଁ ନାହିଁ। ରୁଷିଆର ଖଳ ଆଚରଣ ଯୋଗୁଁ ଏଭଳି କଟକଣା ଜାରି ହୋଇଛି।

### ପୋଲାଭରମ୍ ଚୂଡାନ୍ତ ...

ଅନୁସାରେ କାର୍ଯ୍ୟ କରିବାକୁ ଆନ୍ଧ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଚଳିତବର୍ଷ ଜୁଲାଇରେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଆନ୍ଧ୍ର ପ୍ରଦେଶକୁ ପୋଲାଭରମ୍ କାର୍ଯ୍ୟ ଆଗକୁ ବଢ଼ାଇବାକୁ ଅନୁମତି ଦେଇଥିଲେ। ଏହାକୁ ଆଇନ ବିରୋଧୀ ବୋଲି ଦର୍ଶାଇ ଓଡ଼ିଶା ସରକାର ପୁଣିଥରେ ସ୍ଥଗିତାଦେଶ ଜାରି ପାଇଁ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ମଦନ ବି ଲାକୁର, ଜଷ୍ଟିସ୍ ଦୀପକ ଗୁପ୍ତା, ଜଷ୍ଟିସ୍ ଏସ୍‌ଏ ଅବ୍‌ଦୁଲ୍ ନାଜୀରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ବାବଦରେ ଶୁଣାଣି କରି ଖୁବ୍‌ଶୀଘ୍ର ନିଷ୍ପତ୍ତି ଶୁଣାଇପାରନ୍ତି। ଆନ୍ଧ୍ର ପ୍ରଦେଶ ପକ୍ଷରୁ ଏ ବାବଦରେ ଉତ୍ତର ରଖି କୁହାଯାଇଛି ଯେ, ଗୋଦାବରୀ ନଦୀଜଳ ବିବାଦ ଟ୍ରିବ୍ୟୁନାଲ୍‌ଙ୍କ ୧୯୮୦ ରାୟ ଅନୁସାରେ କାର୍ଯ୍ୟ କରାଯାଉଛି। ଗୁରୁବାର ଦିନ ଏହି ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ପୋଲାଭରମ୍‌ର ବ୍ୟାକ୍ ୱାଟର୍ ଓଡ଼ିଶା ଓ ଛତିଶଗଡ଼ ପାଇଁ କେତେ କ୍ଷତିକାରକ ହେବ ସେ ବିଷୟରେ ଆଉଥରେ ଆକଳନ ଆବଶ୍ୟକ କି ବୋଲି ପ୍ରଶ୍ନ କରି ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ଆଗରେ ପୋଲାଭରମ୍ ପ୍ରକଳ୍ପ ବାବଦର ରିପୋର୍ଟ ରଖି କେନ୍ଦ୍ର ସରକାର କହିଛନ୍ତି ଯେ, ଏହି ପ୍ରକଳ୍ପ ବାବଦରେ ୨୦୧୧ରେ ଆବଶ୍ୟକ ସର୍ବେକ୍ଷଣ, ଗବେଷଣା ଓ ରିପୋର୍ଟ ପ୍ରସ୍ତୁତ କରାଯାଇ ତାହାକୁ ଦାଖଲ କରାଯାଇଛି। କେନ୍ଦ୍ରୀୟ ଜଳ କମିଶନଙ୍କ ପୂର୍ବତନ ସଦସ୍ୟ ଏମ୍ ଗୋପାଳକ୍ରିଷ୍ଣନ୍‌ଙ୍କ ଦ୍ୱାରା ଏହି ରିପୋର୍ଟ ପ୍ରସ୍ତୁତ ହୋଇଥିଲା। ଏହା ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ଏବଂ ଏହାପରେ ଆଉ ବିଶେଷ ଗବେଷଣାର ଆବଶ୍ୟକତା ନାହିଁ ବୋଲି କେନ୍ଦ୍ର ସରକାର କୋର୍ଟଙ୍କୁ ଦର୍ଶାଇଛନ୍ତି।

### ଡେନିସ୍ ଓ ନାଦିଆଙ୍କୁ ...

ନୋବେଲ ଶାନ୍ତି ପୁରସ୍କାର ପାଇବା ନିମନ୍ତେ ଏ ଦୁହିଁଙ୍କ ନାମ ଘୋଷଣା କରିଛି ପୁରସ୍କାର କମିଟି। ଘୋଷଣା ଅନୁଯାୟୀ ଡେମୋକ୍ରାଟିକ ରିପବ୍ଲିକ ଅଫ୍ କଙ୍ଗୋର ଡେନିସ ମୁକାବେଗେ ଯୁଦ୍ଧକାଳୀନ ଯୌନ ହିଂସାର ସମ୍ମୁଖୀନ ହୋଇଥିବା ମହିଳାମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଲଢ଼େଇ ଜାରି ରଖିଛନ୍ତି। ସେହିପରି ଇସ୍ଲାମିକ ଷ୍ଟେଟ୍ ଆତଙ୍କବାଦୀଙ୍କ ଯୌନଦାସୀ ଭାବେ ପୀଡ଼ା ସହ୍ୟ କରିଥିବା ଇରାକର ୟାଜିଦି ମହିଳା ନାଦିଆ ମୁରାଦ ମଧ୍ୟ ଏହିପରି ଲଢ଼େଇ ଲଢୁଛନ୍ତି। ସେ ନିଜର ଓ ଅନ୍ୟ ଯୌନଦାସୀମାନଙ୍କର ଜୀବନ ସଂଘର୍ଷର କାହାଣୀ ପ୍ରଚାର କରି ଏହି କୁପ୍ରଥାର ବିଲୋପ ପାଇଁ ସଂଗ୍ରାମ କରୁଛନ୍ତି। ଡେନିସ ମୁକାବେଗେ ହେଉଛନ୍ତି ଜଣେ ଡାକ୍ତର। ସେ କଙ୍ଗୋରେ ଯୌନ ଶୋଷଣର ଶିକାର ହୋଇଥିବା ମହିଳାମାନଙ୍କର ଚିକିତ୍ସା କରିବା ସହିତ ସେମାନଙ୍କୁ ବିଭିନ୍ନ ପ୍ରକାରେ ସହାୟତା କରୁଛନ୍ତି। ଡକ୍ଟର ମୁକାବେଗେ ଏବଂ ତାଙ୍କର ସହଯୋଗୀମାନେ ହଜାର ହଜାର ଯୌନହିଂସା ପୀଡ଼ିତାଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦେଇଛନ୍ତି। ସେହିପରି ନାଦିଆ ମୁରାଦଙ୍କୁ ଇସ୍ଲାମିକ ଷ୍ଟେଟର ଆତଙ୍କବାଦୀମାନେ ଯୌନଦାସୀ ଭାବେ ଅନେକ ନିର୍ଯାତନା ଦେଇଛନ୍ତି। ଏହି ଆତଙ୍କବାଦୀ ଗୋଷ୍ଠୀ ନାଦିଆଙ୍କ ସମେତ ପ୍ରାୟ ୩୦୦୦ ୟାଜିଦି ଯୁବତୀଙ୍କୁ ଯୌନଦାସୀ କରି ରଖିଥିଲେ। ନାଦିଆ କୌଣସି ପ୍ରକାରେ ଆତଙ୍କବାଦୀଙ୍କ କବଳରୁ ଖସି ଆସିବା ପରେ ସାହସର ସହିତ ନିଜର ଓ ଅନ୍ୟ ଯୁବତୀମାନଙ୍କର ନିର୍ଯାତନାର କାହାଣୀ ପ୍ରଚାର କରୁଛନ୍ତି। ନୋବେଲ କମିଟି କହିଛି ୨୦୧୮ ବର୍ଷର ଶାନ୍ତି ପୁରସ୍କାର ପାଇଁ ୨୧୬ ବ୍ୟକ୍ତି ଏବଂ ୧୧୫ ସଂସ୍ଥାର ମନୋନୟନପତ୍ର ମିଳିଥିଲା। ଏସବୁ ମନୋନୟନ ମଧ୍ୟରେ ସିରିଆର ନାଗରିକ ସହାୟତା ଗୋଷ୍ଠୀ ହ୍ୱାଇଟ୍ ହେଲମେଟ୍ସ, ରୁଷିଆର ନୋଭୟା ଗେଜେଟା ଖବରକାଗଜ, ଏଡୱାର୍ଡ଼ ସ୍ନୋଡେନ୍ ଏବଂ ମିଳିତ ଜାତିସଂଘର ଶରଣାର୍ଥୀ କମିଶନର ଅନ୍ତର୍ଭୁକ୍ତ। ଗତ ବର୍ଷ ଆଣବିକ ଅସ୍ତ୍ର ବିଲୋପ ସପକ୍ଷରେ ସଂଗ୍ରାମ ଚଳାଇଥିବା ଇଣ୍ଟର୍ନେସନାଲ କ୍ୟାମ୍ପେନ୍ ଟୁ ଆବୋଲିଶ ନ୍ୟୁକ୍ଲିୟର ୱିପନ୍ ସଂଗଠନକୁ ନୋବେଲ ଶାନ୍ତି ପୁରସ୍କାର ମିଳିଥିଲା। ଚଳିତ ବର୍ଷର ନୋବେଲ ଶାନ୍ତି ପୁରସ୍କାର ବାବଦକୁ ୧.୦୧ ନିୟୁତ ଡଲାର ମିଳିବ।

### ଉପକୃତ ହେବେ ...

ଚାଉଳ ଯୋଗାଇ ଆସୁଛନ୍ତି। ନିଜସ୍ୱ ଖାଦ୍ୟ ସୁରକ୍ଷା ପାଇଁ ୨୦୧୪ରେ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ଯାହାକୁ ସରକାର ଗରିବଙ୍କ ଉଦ୍ଦେଶ୍ୟରେ ଶୁଭାରମ୍ଭ କରିଛନ୍ତି। ୨୦୧୪ରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ କାର୍ଯ୍ୟକାରୀ ହୋଇଥିଲା। କିନ୍ତୁ ବହୁ ଗରିବ ଏହି ସୁବିଧା ପାଇବାରୁ ବଞ୍ଚିତ ରହିଥିଲେ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଥିଲା। ହେଲେ ସୁଫଳ ମିଳିପାରି ନଥିଲା। ଓଡ଼ିଶାବାସୀଙ୍କ ଟଙ୍କା ସେମାନଙ୍କ ପାଇଁ ଖର୍ଚ୍ଚ ହେଉଛି ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ। ୪ଟି ଜିଲ୍ଲାର ହିତାଧିକାରୀଙ୍କ ସହ ଭିସି ଜରିଆରେ ଯୋଗାଯୋଗ କରାଯାଇଥିଲା। ବଲାଙ୍ଗିରର ବଙ୍ଗୋମୁଣ୍ଡା, ସୁନ୍ଦରଗଡ଼ର ରାଜଗାଙ୍ଗପୁର, ମୟୂରଭଞ୍ଜର ଖୁଣ୍ଟା ଓ ବାଲେଶ୍ୱରର ଜଳେଶ୍ୱରରେ ହିତାଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ବଙ୍ଗୋମୁଣ୍ଡାର ଅନୁଛାୟା କୁମ୍ଭାର, ରାଜଗଙ୍ଗପୁରର ଇନ୍ଦୁମତୀ ସ, ଖୁଣ୍ଟାର ମାମା ମୁର୍ମୁ ଓ ଜଳେଶ୍ୱରର ଜଣେ ଦିବ୍ୟାଙ୍ଗ ଆନନ୍ଦ ମୁଖୀ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଏହି ସୁବିଧା ପାଇଁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଓ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ।




# ସାଲିଗାଓ ଚର୍ଚ୍ଚ ଓ ମାଣ୍ଡବୀ କୂଳରେ ସୂର୍ଯ୍ୟାସ୍ତ

ଗତ ସ୍ତମ୍ଭରେ ଆପଣ ମାନଙ୍କୁ ଗାଡି ଚାଳକ ସୁମିତ୍‌ଙ୍କର ଜନ୍ମଦିନ କଥା ସମ୍ପର୍କରେ ସୂଚନା ଦେଇଥିଲି। ଆମେ ରେସ୍ ମାଗୋସ୍ ଚର୍ଚ୍ଚରୁ ଫେରିବା ବାଟରେ ଏକ କେକ୍ ସପ୍ ଦେଖି ରହିଥିଲୁ ଏବଂ ସେଠାରୁ ସୁମିତ୍‌ଙ୍କ ପାଇଁ କେକ୍ କିଣିବା ସହ ବଜାରରୁ କିଛି ଚିଙ୍ଗୁଡି କିଣି ଆମେ ଗେଷ୍ଟହାଉସ୍ ଅଭିମୁଖେ ଯାତ୍ରା କଲୁ। ଗେଷ୍ଟହାଉସ୍‌ରେ ପହଞ୍ଚିବା ବେଳକୁ ଗାଡି ଚାଳକ ନିଶାର ପ୍ରକୋପରୁ ମୁକ୍ତ ହୋଇ ସାରିଥିବା ମୁଁ ଅନୁଭବ କଲି। ସେ ଆମ ପାଇଁ ସାଙ୍ଗେ ସାଙ୍ଗେ ଚା'କରି ଦେଇଥିଲେ। ଅବଶ୍ୟ ମୁଁ ଚା'ପିଏ ନାହିଁ କିନ୍ତୁ ମୋର ବନ୍ଧୁ ଖୁବ୍ ଚା' ପ୍ରିୟ ଥିଲେ। ତା'ପରେ ଆରମ୍ଭ ହେଲା ସେଲିବ୍ରେସନ୍। ସୁମିତ୍‌ଙ୍କ ପାଇଁ ଅଣାଯାଇଥିବା କେକ୍ କଟା ହେଲା। ଆଉ ଚିଙ୍ଗୁଡି ମାଛ ତରକାରୀ ମଧ୍ୟ ପ୍ରସ୍ତୁତ ହେଲା ଯାହା ରାତ୍ର ଭୋଜନରେ ଆମେ ସମସ୍ତେ ଖାଇଲୁ। ତା'ପରଦିନ ମଧ୍ୟାହ୍ନ ସମୟରେ ବାହାରିଲୁ ଆଉଏକ ଚର୍ଚ୍ଚ ଦେଖିବା ପାଇଁ। ତାହା ଅବସ୍ଥିତ ଥିଲା ସାଲିଗାଓଁଠାରେ। ପ୍ରାୟ ଅପରାହ୍ନ ୩ଟା ପାଖାପାଖି ଆମେ ପହଞ୍ଚିଥିଲୁ ଚର୍ଚ୍ଚ ନିକଟରେ। ସେତେ ବେଳକୁ ଚର୍ଚ୍ଚ ଖୋଲାଯାଉଥିଲା। ପର୍ଯ୍ୟଟକଙ୍କ ଭିଡ ନଥିଲା। ଅଳ୍ପ କିଛି ପର୍ଯ୍ୟଟକଙ୍କ ସହ ଆମେ ଚର୍ଚ୍ଚ ଭିତରେ ପ୍ରବେଶ କଲୁ। ଏହି ର୍ଚ୍ଚଟିର ନାଁ ହେଉଚି ଚର୍ଚ୍ଚ ଅଫ୍ ମାଏ ଡି ଡିଅସ୍। ଏହାକୁ କେହି କେହି ସ୍ଥାନୀୟ ଅଧିବାସୀ ସାଲିଗାଓ ଚର୍ଚ୍ଚ ବୋଲି ମଧ୍ୟ କହିଥାନ୍ତି। ପ୍ରକୃତରେ ଆଉ ଏକ ସୂଚନା ମୁଁ ଆପଣ ମାନଙ୍କୁ ଦେବି ଯେ, ମୋତେ ଜଣେ ଭଲ ଗାଇଡ୍ ଏବେ ମିଳିସାରିଥିଲେ। ଗାଡି ଚାଳକ ତାଙ୍କ ଜନ୍ମ ଦିନରେ ମୋ ସହ ଭେଟ କରାଇ ସାରିଥିଲେ ଏବଂ ଯାହାଙ୍କ ସହ ମୁଁ ରେସ୍ ମାଗୋସ୍ ଚର୍ଚ୍ଚ ବୁଲିବାକୁ ଯାଇସାରିଥିଲି। ତାଙ୍କ ନାଁ ଥିଲା ସୁମନ୍। ତେବେ ସାଲିଗାଓ ଚର୍ଚ୍ଚ ନିର୍ମାଣ ଶୈଳୀରେ ଅନେକ ନୂତନତା ଦେଖିବାକୁ ପାଇଥିଲି ଯାହା ବିଷୟରେ ମୁଁ ସୁମନ୍‌ଙ୍କ ଠାରୁ କିଛି ଜାଣିବାକୁ ଚାହିଁଥିଲି। ସୁମନ୍ ମୋତେ ସୂଚନା ଦେଇଥିଲେ ଯେ, ଗୋଆରେ ଥିବା ବିଭିନ୍ନ ଚର୍ଚ୍ଚ ମଧ୍ୟରୁ ସାଲିଗାଓର ଏହି ଚର୍ଚ୍ଚ ଗୋଦିକ (ଏକ୍ସପ୍ରଷସମ ଇକ୍ସମଷସପ୍ସରମଷଙ୍କକ୍ସର) ଶୈଳୀରେ ନିର୍ମିତ ହୋଇଥିବା ସବୁଠାରୁ ସୁନ୍ଦର ଚର୍ଚ୍ଚ ମାନଙ୍କ ମଧ୍ୟରେ ଅନ୍ୟତମ। ପ୍ରକୃତରେ ଗୋଦିକ୍ ଆର୍କିଟେକଚର୍ ଦ୍ୱାଦଶ ଶତାବ୍ଦୀ ବେଳକୁ ଫ୍ରାନ୍ସରେ ହିଁ ପ୍ରଥମେ ଆରମ୍ଭ ହୋଇଥିଲା। ଆଉ ବିଭିନ୍ନ ଚର୍ଚ୍ଚ ଏହି ଶୈଳୀରେ ନିର୍ମାଣ କରାଯାଇଛି। ଗୋଆରେ ପର୍ତ୍ତୁଗୀଜମାନେ ୧୫୧୦ ମସିହା ବେଳକୁ ପ୍ରବେଶ କରିବା ପରେ ଯେତେବେଳେ ବିଭିନ୍ନ ସ୍ଥାନରେ ଚର୍ଚ୍ଚମାନ ନିର୍ମାଣ କରାଗଲା ସେତେବେଳେ ଏହି ଗୋଦିକ୍ ଶୈଳୀରେ ଅନେକ ଚର୍ଚ୍ଚ ନିର୍ମାଣ କରାଯାଇଥିଲା ସେଥିମଧ୍ୟରୁ ଏହି ସାଲିଗାଓଁ ଚର୍ଚ୍ଚ ଅନ୍ୟତମ। ତେବେ ଚର୍ଚ୍ଚ ଭିତରକୁ ଯିବା ବେଳକୁ ଆମକୁ ଯାହା ସୂଚନା ମିଳିଲା। ଏହି ଚର୍ଚ୍ଚ ନିର୍ମାଣର ଭିତ୍ତି ପ୍ରସ୍ତର ୧୮୬୭ ମସିହାରେ ସ୍ଥାପିତ ହୋଇଥିବା ବେଳେ ୧୮୭୩ ମସିହାରେ ଏହାର ଉଦ୍‌ଘାଟନ କରାଯାଇଥିଲା। ଏହି ଚର୍ଚ୍ଚଟି ମଦର ଅଫ୍ ଗଡ୍‌ଙ୍କ ଉଦ୍ଦେଶ୍ୟରେ ସମର୍ପିତ। ଚର୍ଚ୍ଚ ଭିତରେ ଆମେ ଅନେକ ସମୟ ବୁଲିଥିଲୁ। ଏହି ଚର୍ଚ୍ଚ ଭିତରେ ମୁଖ୍ୟ ବେଦୀକୁ ଛାଡି ଆହୁରି ୬ ଗୋଟି ଉପବେଦୀ ରହିଛି ଏବଂ ପ୍ରତ୍ୟକ ବେଦୀ ଗୁଡିକ ଖୁବ୍ କାରୁକାର୍ଯ୍ୟରେ ପରିପୂର୍ଣ୍ଣ। ପ୍ରକୃତରେ ଚର୍ଚ୍ଚଟିର ପରିବେଶ ଏତେ ଶାନ୍ତିପ୍ରଦାୟକ ଯେ, ଏଠାରେ ଆପଣ ନିହାତି କିଛି ସମୟ ଅଟକି ଯିବାକୁ ଇଚ୍ଛା ହେବ। ମୋର ମଧ୍ୟ ସେହିଭଳି ଇଚ୍ଛା ହୋଇଥିଲା। ତେବେ ଯେତେବେଳେ ଆପଣ ଏହି ଚର୍ଚ୍ଚକୁ ଯିବେ ଆଉ ଏହାର ମୁଖ୍ୟ ବେଦୀରେ ମାଏ ଡି ଡିଅସ୍‌ଙ୍କ ପ୍ରତିମୂର୍ତ୍ତି ସାମ୍ନାରେ ଛିଡା ହେବେ ସେତେବେଳେ ଅଦ୍ଭୁତ ଅନୁଭବ ଆପଣଙ୍କର ହେବ। ମଦର ଅଫ୍ ଗଡ୍‌ଙ୍କ ସାମ୍ନାରେ ଆପଣ ଛିଡା ହୋଇ ପ୍ରାର୍ଥନା କରିବେ। କି ଅନୁଭବ ତାହା ବର୍ଣ୍ଣନା କରିବା ମୋ ପକ୍ଷରେ ସମ୍ଭବ ନୁହେଁ। ଆପଣ ମାନେ କେବଳ ଅନୁଭବ କଲେ ଜାଣିପାରିବେ। ଏକ ସୁବର୍ଣ୍ଣ ରଙ୍ଗ ଆଚ୍ଛାଦିତ ବେଦୀ ଉପରେ ଅବସ୍ଥାନ କରିଛନ୍ତି ମଦର ଅଫ୍ ଗଡ୍। ଏକ ଅଦ୍ଭୁତ ଆକର୍ଷଣ। ସତରେ ମା'ଙ୍କ ପାଇଁ ତାଙ୍କର ସବୁ ସନ୍ତାନ ସମାନ। ମୋ ଅନୁଭବରେ ଏହା ବି ଆସିଲା କି ଯେମିତି ପବନ, ପାଣି, ଆକାଶ ପାଇଁ ଧର୍ମ, ଜାତି, ବର୍ଣ୍ଣର କୌଣସି ବୈଷମ୍ୟ ନଥାଏ ଠିକ୍ ସେମିତି ମା'ଙ୍କ ପାଖରେ ମଧ୍ୟ ସେଇଆ। ନିଜ ମନ କଥା ଖୋଲି ଆପଣ କହି ପାରିବେ। ସତେ ଯେମିତି ମା'ହିଁ ସନ୍ତାନର ମନକଥା ବୁଝିପାରେ। ଏମିତି ଅନେକ ଅଦ୍ଭୁତ ଚିନ୍ତା ମୋର ଆସିଲା କିଛି ସମୟ ପ୍ରାର୍ଥନା କରିବା ପରେ ଆମେ ସମସ୍ତେ ଅନେକ ସମୟ ଏଠାରେ କଟାଇଲୁ। ମୋର ମନ କିନ୍ତୁ ଆହୁରି ଅଧିକ ଏହି ଚର୍ଚ୍ଚ ବିଷୟରେ ଜାଣିବାକୁ ଇଚ୍ଛା ହେଉଥିଲା। କିନ୍ତୁ ସେମିତି କିଛି ସୁଯୋଗ ନଥିଲା। ଆମେ ତା'ପରେ ବାହାରିଥିଲୁ ଆଉ ଏକ ଚର୍ଚ୍ଚ ଅଭିମୁଖେ। ହେଲେ ସେତେବେଳକୁ ସଂଧ୍ୟା ଆଗତ ପ୍ରାୟ। ଆମେ ଫେରିବା ସମୟରେ ମାଣ୍ଡବୀ ନଦୀ କୂଳରେ ପହଞ୍ଚିଲୁ। ମାଣ୍ଡବୀ ନଦୀରେ ସୂର୍ଯ୍ୟ ଅସ୍ତର ଦୃଶ୍ୟ ସତରେ ଖୁବ୍ ମନମୁଗ୍ଧକର। ଆମ ଓଡ଼ିଶାବାସୀ ପ୍ରାୟ ସମୁଦ୍ର କୂଳରେ ସୂର୍ଯ୍ୟାସ୍ତ ଦେଖିଥିବେ, ହେଲେ ମାଣ୍ଡବୀ ନଦୀ କୂଳରେ ସୂର୍ଯ୍ୟାସ୍ତ ଖୁବ୍ ଆକର୍ଷକ। ତା'ର ଆଉ ଏକ କାରଣ ଏହା ବି ହୋଇପାରେ ମାଣ୍ଡବୀ ନଦୀରେ ସଂଧ୍ୟା ସମୟରେ ଅନେକ ବୋଟ୍ ଏବଂ ମାଛଧରା ଡଙ୍ଗା ଯାତାୟାତ କରୁଥାଏ। ଅସ୍ତଗାମୀ ସୂର୍ଯ୍ୟ କିରଣ ଏହାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରେ। ତେଣୁ ମୁଁ ମୋ ଗାଡି ଚାଳକଙ୍କୁ ଅନୁରୋଧ କଲି ମାଣ୍ଡବୀ ନଦୀ କୂଳରେ କିଛି ସମୟ ରହିବା ପାଇଁ। ସେ ମଧ୍ୟ ଗାଡି ରଖିଲେ ଆମେ ସମସ୍ତେ ପାଖରେ ଥିବା ଏକ ଦୋକାନରୁ ପପ୍‌କର୍ଣ୍ଣ କିଣି ଖାଇଲୁ ଆଉ ସୂର୍ଯ୍ୟାସ୍ତକୁ ଉପଭୋଗ କରିଥିଲୁ।

କ୍ରମଶଃ...








ଉପସ୍ଥାପନା
ଜାହ୍ନବୀସୁତ





## ଖୋର୍ଦ୍ଧାରେ ଖାଦ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ

# ଉପକୃତ ହେଲେ ୬୩ହଜାର ୬୭୪ଜଣ

**ଖୋର୍ଦ୍ଧା :** ପବିତ୍ର ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ରାଜ୍ୟସରକାରଙ୍କ ଦ୍ୱାରା ପ୍ରଣିତ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକ୍ରମ ସ୍ଥାନୀୟ ଗୀତାଭବନ ପଡ଼ିଆ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଆଜିଠାରୁ ଉପଭୋକ୍ତାମାନଙ୍କୁ ଏହି କାର୍ଡ଼ର ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ଏହି ଯୋଜନାରୁ ରାଜ୍ୟର ୨୫ଲକ୍ଷ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ଏମାନଙ୍କୁ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା ପାଇଁ ଏହି ଯୋଜନାର ପ୍ରଣୟନ କରାଯାଇଛି। ଏହି ଯୋଜନାରେ ଜିଲ୍ଲାର ୧୯୦୪୬ଟ ପରିବାରକୁ ସାମିଲ କରାଯାଇଛି। ପରିବାରରେ ଥିବା ବ୍ୟକ୍ତିମାନଙ୍କୁ ମୁଣ୍ଡପିଛା ୧ଟଙ୍କା ଦରରେ ୫କି.ଗ୍ରା. ଚାଉଳ ଯୋଗାଇ ଦିଆଯିବ ଏଥିରେ ୧୯ ହଜାର ୪୬ଟି ପରିବାର ର ୬୩ ହଜାର ୬୭୪ଜଣ ଲୋକ ଉପକୃତ ହେବେ। ତେବେ ଜିଲ୍ଲାର ୧୦ ଗୋଟି ବ୍ଲକ୍ ଓ ୪ଟି ପୌରପରିଷଦ ଓ ଏନ.ଏ.ସି ରେ ୧ ଲକ୍ଷ ୧୫ ହଜାର ୬୮ଜଣଙ୍କୁ ଏହି ଯୋଜନାରେ ସାମିଲ କରାଯିବା ପାଇଁ ଯୋଜନା ରହିଛି। କୌଣସି କାରଣରୁ ଏଥିରୁ ବଞ୍ଚିତ ହୋଇଥିବା ହିତାଧିକାରୀ ଓ ପରିବାର ଗୁଡ଼ିକୁ ଦ୍ୱିତୀୟ ପର୍ଯ୍ୟାୟରେ ସାମିଲ କରିବା ପାଇଁ ଯୋଜନା ରହିଛି । ଏହି ଉପଲକ୍ଷେ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧକ୍ଷ ରାଜେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ସ୍ଥାନୀୟ ଗୀତଭବନ ପଡ଼ିଆଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାସ୍ତା, ଗୃହ ନିର୍ମାଣ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବେଗୁନିଆ ବିଧାୟକ ଗଣେଶ ଜଗଦ୍ଦେବ, ଭୁବନେଶ୍ୱର ସାଂସଦ ପ୍ରସନ୍ନ ପାଟଶାଣୀ ଓ ଜିଲ୍ଲାପରିଷଦ ଅଧକ୍ଷ ପ୍ରଫୁଲ୍ଲ ଦଳେଇ ଜିଲ୍ଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ଉପଜିଲ୍ଲାପାଳ ସରୋଜ କୁମାର ସାହୁ ଜିଲ୍ଲା ଯୋଗାଣ ଅଧିକାରୀ ସୁଧାକର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।

# ଅସ୍ୱାସ୍ଥ୍ୟକର ପରିବେଶରେ ଟ୍ୟୁବ୍‌ୱେଲ

**ସୋନପୁର :** ଗାଁରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ବର୍ତ୍ତମାନ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ବାସ୍ତବ କ୍ଷେତ୍ରରେ ଏହି ଅଭିଯାନକୁ ସଫଳତାର କାର୍ଯ୍ୟକାରୀ କରୁଥିବା ସଂସ୍ଥା ବା କର୍ମଚାରୀଙ୍କ ଆନ୍ତରିକତାର ଅଭାବ ଯୋଗୁଁ କିରି ଚାଲିଛି ଏହି ଅଭିଯାନ ତାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଖୋଦ ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ । ଏଠାରେ ଥିବା ମଝିପଡା ଡେଲି ମାର୍କେଟ ଠାରେ ଆଗରେ ଦିନ ଦିନ ଧରି କୁଢକୁଢ ଅଳିଆ ଆବର୍ଜନା ଜମା ହୋଇ ରହୁଥିଲେ ମଧ୍ୟ ଏହାକୁ ଉଠାଇବାରେ ବିଭାଗୀୟ କର୍ତ୍ତୃ କ୍ଷଙ୍କ ଆନ୍ତରିକତା ପ୍ରଦର୍ଶନ କରୁନଥିବା ଦେଖାଯାଇଛି । ଫଳରେ ମାର୍କେଟ ଠାରେ ଆବର୍ଜନା ଜମା ହୋଇ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ମାର୍କଟ ର କିଛି ପରିବା ବିକାଳି ପଚା ପରିବ, କୋବି ପତ୍ର ଗୁଡିକ ମଝି ରାସ୍ତାରେ ଫିଙ୍ଗି ଦେଉଥିବ ଦେଖାଯାଏ । ସେହି ପରିବା ଓ ପତ୍ର ଗୁଡିକୁ ଗାଇ ମାନେ ରାସ୍ତା ମଝିରେ ଖାଉଥିବ ଯୋଗ ଫଳରେ ଏଠାରେ ଯାତାଯାତ କରୁଥିବା ଲୋକଙ୍କ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଦେଖାଯାଇଛି । ଓ ପାର୍କିଙ୍ଗ କଥା କହିଲେ ନସରେ ସେଠାରେ ଥିବ ନଳକୁଅ ଚନ୍ଦିନି ଉପରେ ମଧ୍ୟ ଗଡି ରହିଥିବା ଦେଖାଯାଏ । ପାଖରେ ଥିବ କ୍ଲିନିକ ଓ ମେଡିସିନ ଦୋକାନ ଗୁଡିକୁ ଓ ଡେଲି ମାର୍କେଟ କୁ ପ୍ରତିଦିନ ସହସହ ଲୋକ ଆସିଥାନ୍ତି । ଗୋଟିଏ ପଟେ ସର୍ବସାଧାରଣ ସ୍ଥାନ ଆଦିକୁ ସର୍ବଦା ସ୍ୱଚ୍ଛ ରଖିବାକୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଥିବା ବେଳେ ଆମ ସ୍ୱଚ୍ଛତା ପଣିଆକୁ ପଦାରେ ପକାଇ ଦେବା ସହ ସ୍ୱଚ୍ଛ ଭାରତ ଅଭିଯାନର ସଫଳତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେଣୁ ବିଭାଗୀୟ କର୍ତ୍ତୃକ୍ଷ ଏଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



# ନିଶାମୁକ୍ତି ପାଇଁ ଆଗେଇ ଆସିଲେ ମହିଳା

**ମହାକାଳପଡ଼ା :** ମହାକାଳପଡା ସଦରଥାନା ମାରଶାଘାଇ ଅନ୍ତର୍ଗତ ଥାଉରି ଓ ନେମ୍ପରା ଗ୍ରାମର ମହିଳାମାନେ ସେମାନଙ୍କ ପ୍ରୟାସ ଜାରି ରଖିଛନ୍ତି । ଗ୍ରମର ଦ୍ରୀର୍ଘ ଦିନରୁ ଚାଲିଅସୁଥିବା ଚୋରା ମଦ ବେବସାୟ ବିରୁଧରେ ବିଭିନ୍ନ ସଂୟଙ୍ଗସ୍ୱହାୟକ ଗୋଷ୍ଟିର ଶହ ଶହ ମହିଳା ରାସ୍ତାକୁ ଓହ୍ଲାଇବା ସହ ଟାୟାର ଜାଳି ରାସ୍ତା ରୋକ କରିଥିଲେ । ଘଟଣା ସ୍ଥଳରେ ପୋଲିସ ପହ୍ନଚି ଚୋରା ମଦ ମାଫିଆ ଓ ତାର ସହଯୋଗୀ ଗିରଫ କରିବା ସହିତ ୭୭ ଦେଶି ମଦ ଓ ୧୨ଟି ବିଦେଶି ମଦବୋତଲ ଜବତ କରିଛନ୍ତି । ଅଭୟ ନାୟକ ଓ ତାର ସହଯୋଗି ଭାସ୍କର ସ୍ୱାଇଁ କୁ ଗିରଫ କରାଯାଇଛି । ପ୍ରକାଶ ଯେ ମାଶାଘାଇ କୁହୁଡି ପଞ୍ଚାୟତ ଥାଉରି ଗ୍ରାମର ଯୁବକମାନେ ମଦ ନିଶାରେ କବଳିତ ହେଉଛନ୍ତି ।ସ୍ଥାନିୟ ଅଞ୍ଚଳରେ ବାରମ୍ବାର ବିଶୃଙ୍ଖଳିତ ହେଉଅଛି । ଅତିଷ୍ଟ ହେଇପଡିବାରୁ ମହିଳାମାନେ ରାସ୍ତାକୁ ଅବୋରଧ କରିଥିଲେ ଚୋରା ବେପାରି ବିରୁଧରେ ଅନ୍ଦୋଳନ କରିବାକୁ ମହିଳାମାନେ ସାମୋହିକ ନିସ୍ୱତି ନେଇଥିଲେ । ଅଙ୍ଗୁଳାଇ, ଓରତଘାତ ରାସ୍ତାକୁ ଅବରୋଧ କରିବା ସାହିତ ରାସ୍ତା ରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଖବର ପାଇ ସଦରଥାନାଅଧିକାରି କାବୁଲା ବାରିକ ଘଟଣା ସ୍ଥଳରେ ପହ୍ନଚି ବିଶୃଙ୍ଖଳାକୁ ଆୟତ କରିଥିଲେ ।ଏଥିରେ ସମାଜ ସେବି ମମତାମୟୀ ସାମଲ, ସନ୍ଧ୍ୟାରାଣି ଦାସ, ସିଲି ଦାସ, ଭାରତି ଦାସ, ମମତା ପ୍ରଧାନ ପ୍ରମୁଖ ଏହି ମଦ ବିରୁଧରେ ଅନ୍ଦୋଳନ ନେଇଥିଲେ। ପୋଲିସଙ୍କ ଠାରୁ ଦୁଇ ମଦ ମାଫିଆଙ୍କ ବିରୁଧରେ ଦୃଢ କାଯ୍ୟାନୁଷ୍ଠାନ ର ପ୍ରତିଶ୍ରୁତି ମିଳିବା ପରେ ଅନସନ ପ୍ରତ୍ୟାହୃତ ହେଇଥିଲା।

# ବିଡିଓଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରି କାର୍ଯ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

**ଜଗତ୍‌ସିଂହପୁର, (ସୁଶାନ୍ତ ରାଉତ) :** ଜଗତ୍‌ସିଂହପୁର ଜିଲ୍ଲା ଅନ୍ତର୍ଗତ ରଘୁନାଥପୁର ବ୍ଲକ୍‌ରେ ଚାଲିଛି ଖୋଲା ଦୁର୍ନୀତି। କଥା କଥାକେ ଲାଞ୍ଚ ନେବା ପାଇଁ ଦାବି କରୁଛନ୍ତି ଯନ୍ତ୍ରୀ ଓ କର୍ମଚାରୀ। ଯାହା ଫଳରେ ସରକାରଙ୍କ ଲୋକାଭିମୂଖି ଯୋଜନାଗୁଡିକ ବାଟବଣା ହେଉଛି। ଏହିପରି ବିଭିନ୍ନ ପ୍ରକାର ଦୁର୍ନୀତିରେ ଭରପୁରଥିବା ଏହି ବ୍ଲକ୍ ବିରୁଦ୍ଧରେ ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ଧାରଣା ପ୍ରତିବାଦ ସଭାମାନ ଦେଖିବାକୁ ମିଳୁଛି। ତେବେ ଏହି ବ୍ଲକ୍ ଅଧିନ ଧରାଧରପୁର ଗ୍ରା.ପ.ର କୋଟକଣା ଗ୍ରାମବାସୀମାନେ ରଘୁନାଥପୁର ବିଡିଓଙ୍କ ମନମୁଖି କାର୍ଯ୍ୟରେ ଅତିଷ୍ଠ ହୋଇ ୭ଦିନ ହେବ ବ୍ଲକ୍ ସମ୍ମୁଖରେ ଧାରଣାରେ ବସିଥିଲେ। ତେବେ ଧାରଣା ସତ୍ୱେ କୌଣସି ପ୍ରଶାସନିକ ଆଶ୍ୱାସନା ନମିଳିବାରୁ ଏହି ବ୍ଲକ୍‌ର କୋଟକଣା ଗ୍ରାମର ଶତାଧିକ ମହିଳା ଓ ପୁରଷ ଏକତ୍ରୀତ ହୋଇ ବ୍ଲକ୍ କାର୍ଯ୍ୟାଳୟରେ ତାଲା ପକାଇ ବ୍ଲକ୍ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଅଚଳ କରିଦେଇଥିଲେ। ଖବରପାଇ ବିଡିଓ ପଞ୍ଚାନନ ପଟ୍ଟାୟତ ବ୍ଲକ୍‌କୁ ଆସିନଥିଲେ ମଧ ଏବିଡିଓ ଅଶୋକ କୁମାର ମହାନ୍ତି ଓ ଅନ୍ୟ କର୍ମଚାରୀମାନେ ଅଫିସ ଭିତରକୁ ଯାଇନପାରି ସାରାଦିନ ବାହରେ ବୁଲୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ରଘୁନାଥପୁର ତହସିଲଦାର ମାନସ କୁମାର ତ୍ରିପାଠୀ, ରଘୁନାଥପୁର ଥାନା ଆଇଆଇସି ରଞ୍ଜନ କୁମାର ମଲ୍ଲିକ, ଏବିଡିଓ ଅଶୋକ କୁମାର ମହାନ୍ତି, ଆନ୍ଦୋଳନ କାରୀମାନଙ୍କ ପାଖରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରି କୋଟକଣା ଗ୍ରାମର ଉକ୍ତ କଲଭର୍ଟ ନିର୍ମାଣ ସହିତ ପାଣିନାଳି ରେ ପାଣି ଛାଡିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ କାରୀମାନେ ତାଲା ଖୋଲି ଆନ୍ଦୋଳନ ପ୍ରତ୍ୟାହାର କରିନେଇଥିଲେ । ଏହି ଆନ୍ଦୋଳନରେ ପ୍ରଭଞ୍ଜନ ବିଶ୍ୱାଳ, ସୁକଦେବ ବେହେରା, ରମାରଂଜନ ସ୍ୱାଇଁ, ସୁବାସ ବେହେରା, ତାରେଣୀ ସେନ୍, ରାଧାମୋହନ ବିଶ୍ୱାଳ, ହାଡିବନ୍ଧୁ ଜେନା, ଝରି ଚରଣ ରାଉତ, ଅମର ପୃଷ୍ଟି, ସବିତା ବେହେରା, ସୁଷମା ସାହୁ, ଛବିଲତା ସ୍ୱାଇଁ, ଶାନ୍ତିଲତା ରାଉତ, ପ୍ରତିମା ବେହେରା, ହେନାଲତା ସ୍ୱାଇଁ, ଗିତାଞ୍ଜଳି ବିଶ୍ୱାଳ, ମଧୁସୁଦନ ବେହେରା, ସୁବାସ ବେହେରା, ରବିନାରାୟଣ ବିଶ୍ୱାଳ, ସନାତନ ସ୍ୱାଇଁ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।





### ନବୀନଙ୍କ ଫମ୍ପା ମାଠିଆର ଜବାବ ରଖିଲେ ଧର୍ମେନ୍ଦ୍ର

# ବିଜେଡି ଭଙ୍ଗା ମାଠିଆ

**ଭୁବନେଶ୍ୱର :** ନବୀନ ପଟ୍ଟନାୟକ ଦଳୀୟ ପଦଯାତ୍ରାରେ ବିଜେପିକୁ ଫମ୍ପା ମାଠିଆ ବୋଲି କହିଥିବା ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ସାମ୍ବାଦିକ ସମ୍ମିଳନୀରେ ନବୀନ ପଟ୍ଟନାୟକଙ୍କ ବିଜେଡିକୁ ଭଙ୍ଗା ମାଠିଆ ବୋଲି କହିଛନ୍ତି । କେନ୍ଦ୍ର ସରକାରଙ୍କର ବିଶାଳ ଓ ରାଜ୍ୟ ସରକାରଙ୍କ କ୍ଷୁଦ୍ର ଭିନ୍ନଭିନ୍ନ ଖାଦ୍ୟ ସୁରକ୍ଷା ଯୋଜନା ମାମଲାରେ ଏହି ଟିପଣୀ ଦେବାସହ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ କେନ୍ଦ୍ର ସରକାର ୨ଟଙ୍କା ୫୦ ପଇସା ଟିକସ ହ୍ରାସ କରିଥିବା ବେଳେ ରାଜ୍ୟ ସରକାର ସେତିକି ପରିମାଣର ଭ୍ୟାଟ କମାଇ ଲୋକଙ୍କୁ ଆଶ୍ୱସ୍ତି ଦେବାପାଇଁ ଆହ୍ୱାନ ଜଣାଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନ ବଳରେ ଓଡିଶାର ୩ କୋଟି ୨୬ ଲକ୍ଷ ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବାର ବ୍ୟବସ୍ଥା କରାଯାଇଛି । ପୂର୍ବରୁ ଏହି ଯୋଜନାରେ ନବୀନ ପଟ୍ଟନାୟକ ୧ ଟଙ୍କିଆ ଚାଉଳ ଯୋଗାଇ ଦେଉଥିବା ଦାବୀ କରୁଥିବା ବେଳେ ବେଳେ ଗତ କିଛିଦିନ ତଳେ ୨୫ ଲକ୍ଷ ଲୋକଙ୍କ ପାଇଁ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଘୋଷଣା କରିଛନ୍ତି । ଏହା ହନୁ ମଲାବେଳେ ସତ କହିବା ଭଳି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଯଦି ୨୫ ଲକ୍ଷ ଲୋକଙ୍କ ପାଇଁ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ତେବେ ୩ କୋଟି ୨୬ ଲକ୍ଷ ଲୋକଙ୍କ ପାଇଁ ମୋଦିଙ୍କ ଖାଦ୍ୟ ସୁରକ୍ଷା ଯୋଜନା ପରସ୍ୱ ଥିଲା ବୋଲି ଖୋଦ ମୁଖ୍ୟମନ୍ତ୍ରୀ ସ୍ୱୀକାର କରିଛନ୍ତି ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ୧୯ ବର୍ଷ ସରକାରର ମିଛର ପର୍ଦ୍ଦାଫାସ ହୋଇଛି । ଖୋଦ ମୁଖ୍ୟମନ୍ତ୍ରୀ ନାଟକର ଶେଷ ଦୃଶ୍ୟ ଉପରୁ ପରଦା ହଟାଇଛନ୍ତି । ଏହାଦ୍ୱାରା ସତ କଣ ଲୋକଙ୍କ ସାମ୍ନାକୁ ଆସିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶାରେ ୩ କୋଟି ୨୬ ଲକ୍ଷ ଲୋକଙ୍କ ପାଇଁ ମାସକୁ ୫ କିଲୋ ଚାଉଳ ମୂଲ୍ୟ ବାବଦରେ ମାସକୁ ୪୮୦ କୋଟି ଟଙ୍କା ହିସାବରେ ବର୍ଷକୁ ୫୭୬୦ କୋଟି ରାଜ୍ୟକୁ ଦେଉଛନ୍ତି । ଅପରପକ୍ଷରେ ନବୀନ ବାବୁଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ମାସକୁ ୫୧ କୋଟି ଟଙ୍କା ହିସାବରେ ବାର୍ଷିକ ୬୧୨ କୋଟି ଟଙ୍କା ଖର୍ଚ୍ଚର ଆକଳନ କରାଯାଇଛି । ମାତ୍ର ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ କଟକ ମେୟର ଓ ଶାସକ ବିଜେଡି ଦଳର ବିଧାୟକ ମାନଙ୍କ ପତ୍ନୀ ମାନଙ୍କୁ ଦଳୀୟ ଆଧାରରେ ଏଥିରେ ସାମିଲ କରାଯାଇଥିଲା । ନବୀନ ବାବୁଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରଥମେ ୩୪ ଲକ୍ଷ, ପରେ ୩୨ ଲକ୍ଷ , ୨୫ ଲକ୍ଷ ଓ ଏବେ ଗଣମାଧ୍ୟମରେ ଏହା ୧୮ ଲୋକ ବୋଲି ଚର୍ଚ୍ଚା ହେଉଛି । ହେଲେ ଏହି ୧୮ ଲକ୍ଷ ଲୋକ କିଏ ତାର ନାଁ ଗାଁ ଠିକଣା କଣ ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି । ଥ୍ରିଟ କଥା କହୁଥିବା ନବୀନ ବାବୁ ଟେକ୍ନୋଲୋଜିର ସାହଯ୍ୟରେ ତାଲିକାକୁ କାହିଁକି ସ୍ୱଚ୍ଛ ଓ ପାରଦର୍ଶୀ କରୁନାହାନ୍ତି ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି । ଶ୍ରୀ ପ୍ରଧାନ ଅଭିଯୋଗ କରିଛନ୍ତି ଶାସକ ଦଳର ବିଧାୟକଙ୍କ ସୁପାରିଶରେ ଦଳୀୟ କର୍ମୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ସାଧାରଣ ଲୋକଙ୍କୁ ଏଥିରୁ ବଂଚିତ କରାଯାଉଛି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ସଭାପତି ଶ୍ରୀ ବସନ୍ତ ପଣ୍ଡା, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ରାଜ୍ୟ ବିଜେପି ସାଧାରଣ ସଂପାଦକ ଶ୍ରୀ ପୃଥୀରାଜ ହରିଚନ୍ଦନ ଏବଂ ଭୃଗୁ ବକ୍ସିପାତ୍ର, ରାଜ୍ୟ ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର ଉପସ୍ଥିତ ଥିଲେ ।



# ପଦାର୍ପଣ ମ୍ୟାଚ୍‌ରେ ରେକର୍ଡର ଅଧିକାରୀ ପୃଥ୍ୱୀ

**ରାଜକୋଟ :** ୧୮ ବର୍ଷୀୟ ମୁମ୍ବାଇ ରଣଜୀ ଦଳର ଓପନର ପୃଥ୍ୱୀ ଶ' କ୍ୟାରିୟରର ପ୍ରଥମ ଟେଷ୍ଟ ମ୍ୟାଚରେ ଶତକ ହାସଲ କରିବାର ଗୌରବ ଅର୍ଜନ କରି ଭାରତୀୟ କ୍ରିକେଟ୍ ଦଳ ପାଇଁ ନୂତନ ଆଶାର ସଞ୍ଚାର କରିଛନ୍ତି । ପ୍ରଥମ ଡେବ୍ୟୁ ମ୍ୟାଚରେ ଶତକ ହାସଲ କରିବାରେ ସେ ହେଉଛନ୍ତି ଭାରତର ୧୫ତମ ଖେଳାଳି ଏବଂ ବିଶ୍ୱର ଚତୁର୍ଥ ସର୍ବକନିଷ୍ଠ ବ୍ୟାଟ୍ସମ୍ୟାନ । ୧୮ ବର୍ଷ ୩୨୯ ଦିନରେ ପୃଥ୍ୱୀ ଗତ ଗୁରୁବାର ଅନୁଷ୍ଠିତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚରେ ଚମତ୍କାର ୧୩୪ ରନ କରି ଦର୍ଶକଙ୍କ ମନ ମୋହିବା ସହିତ ଚୟନକାରୀମାନଙ୍କୁ ପ୍ରଭାବିତ କରିଛନ୍ତି । ତାଙ୍କୁ ନେଇ ଯେଉଁ ଉତ୍ସାହ ଏବଂ ଆଶା ରହିଥିଲା ତାହାକୁ ସେ ପୂରଣ କରିବାରେ ସମର୍ଥ ହୋଇଛନ୍ତି । ଭାରତର ପୃଥ୍ୱୀ ଏକମାତ୍ର ଖେଳାଳି ଯିଏକି ତାଙ୍କ ପ୍ରଥମ ପ୍ରଥମ ଶ୍ରେଣୀ ମ୍ୟାଚ (ରଣଜୀ ଟ୍ରଫି), ଦୁଲୀପ ଟ୍ରଫି, ଅନଅଫିସିଆଲ ଟେଷ୍ଟ ଓ ଟେଷ୍ଟ ମ୍ୟାଚରେ ଶତକ ହାସଲ କରିଛନ୍ତି ।

# 'ବିପ୍ଳବୀ ପ୍ରାଣନାଥ ଥିଲେ ପ୍ରେରଣାର ଉତ୍ସ'



**ଭୁବନେଶ୍ୱର :** ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କ ତ୍ୟାଗପୂତ ଜୀବନାଦର୍ଶ ବର୍ତ୍ତମାନର ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ । ସେ ସାରା ଜୀବନ ଜନସେବାରେ ନିଜକୁ ଉତ୍ସର୍ଗ କରି ଶୋଷିତ ଓ ଅବହେଳିତ ମଣିଷଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଲଢ଼େଇ କରିଥିଲେ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମତବ୍ୟକ୍ତ କରିଥିଲେ । ମହାନ ସ୍ୱାଧୀନତା ସଂଗ୍ରାମୀ, ଜନନେତା, ଶିକ୍ଷାବିତ୍, ସାମ୍ୟବାଦର ପୁରୋଧା ତଥା ସାହିତ୍ୟିକ ପ୍ରାଣନାଥ ପଟ୍ଟନାୟକଙ୍କ ୪୮ତମ ପୁଣ୍ୟତିଥି ଅବସରରେ ସ୍ଥାନୀୟ ଜୟଦେବ ଭବନରେ ରାଜ୍ୟସ୍ତରୀୟ ସ୍ମୃତି ସଭା ଓ 'ପ୍ରାଣନାଥ ସମ୍ମାନ-୨୦୧୮' ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାଣନାଥଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ସେ ଥିଲେ ଜଣେ ଆଜୀବନ ଦେଶସେବୀ । ଏହା ସହିତ ରାଜ୍ୟର ଶିକ୍ଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରକୁ ତାଙ୍କର ବିପୁଳ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଉତ୍ସବରେ ସମ୍ମାନିତ ଅତିଥିଭାବେ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ଶଶୀଭୂଷଣ ବେହେରା ଯୋଗଦେଇ କହିଲେ, ପ୍ରାଣନାଥ ଥିଲେ ଜଣେ ବିପ୍ଳବୀ କୃଷକ ନେତା ଓ ସଚ୍ଚା ସାମ୍ୟବାଦୀ । କାର୍ଯ୍ୟକ୍ରମରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଅଧକ୍ଷ ଦୀପକ ମାଲବ୍ୟ ଓ ରାଜ୍ୟସଭା ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ ଏହି ଉତ୍ସବରେ ବିଶିଷ୍ଟ ଅତିଥିଭାବେ ଯୋଗଦେଇ ପ୍ରାଣନାଥ ପଟ୍ଟନାୟକ କିପରି ସଂଘର୍ଷ କରି ଜୀବନରେ ଶେଷ ତ୍ୟାଗ ସ୍ୱୀକାର କରିଥିଲେ, ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । କିନ୍ତୁ ନିଜ ନୀତି ଓ ଆଦର୍ଶ ସହ ସାଲିସ୍ କରି ନଥିଲେ । ଭାରତର ମୁକ୍ତି ସଂଗ୍ରାମର ସେ ଜଣେ ଲଢୁଆ ଯୋଦ୍ଧା ଥିଲେ । ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସ୍ମୃତି ସମିତିର ସଭାପତି ତଥା ଶିକ୍ଷାବିତ୍ ମେଜର୍ କ୍ଷୀରୋଦ ପ୍ରସାଦ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଦିଲ୍ଲୀପ ହାଲି ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ହୃଦ୍‌ରୋଗ ବିଶେଷଜ୍ଞ ଡ. ମହେନ୍ଦ୍ର ପ୍ରସାଦ ତ୍ରିପାଠୀ, ଶ୍ରମିକ ସଙ୍ଗଠକ ସୁବାସ ସିଂ, ନାଟ୍ୟନିର୍ଦ୍ଦେଶକ ଗୋପାଳ ଦେ, ଅଭିନେତ୍ରୀ ବନଜା ମହାନ୍ତି ଓ ଚିତ୍ରଶିଳ୍ପୀ ମାନସରଞ୍ଜନ ଜେନାଙ୍କୁ 'ପ୍ରାଣନାଥ ସମ୍ମାନ' ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସୁଚେତା ପ୍ରିୟଦର୍ଶିନୀ । ଏହି ଅବସରରେ ମହାନ୍ ସଂଗ୍ରାମୀ ଶ୍ରୀ ପଟ୍ଟ ନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରୀୟା ଛକରେ ସ୍ଥାପିତ ତାଙ୍କ ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରିଥିଲେ । ଏହି ଉତ୍ସବରେ ବରିଷ୍ଠ ପ୍ରଶାସକ ସରୋଜ ସାମଲ, ସିପିଆଇ ନେତା ବସନ୍ତ ପାଇକରାୟ, କଳିଙ୍ଗ ଭାରତୀ ଫାଉଣ୍ଡେସନ୍ ସମ୍ପାଦକ, ଶରତଚନ୍ଦ୍ର ବିଶ୍ୱାଳ, ଉପାଧକ୍ଷ ଜ୍ୟୋତ୍ସ୍ନା ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

### ଅଟୋନମସ୍ ଓ ଓମେନ୍ସ କଲେଜରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ

# ସଭାପତି ଓ ସମ୍ପାଦକ ପଦବୀ ପାଇଁ ଜୋରଦାର ଲଢେଇ

**ରାୟଗଡା,(ଅମୂଲ୍ୟ ନିଶଙ୍କ) :** ରାୟଗଡା ସ୍ୱୟଂ ଶାସିତ କଲେଜ ଓ ମହିଳା ମହାବିଦ୍ୟାଳୟରେ ସଭାପତି ଓ ସମ୍ପାଦକ ପଦବୀ ନିମନ୍ତେ ଚୁଡାନ୍ତ ପ୍ରାର୍ଥୀ ପତ୍ର ତାଲିକା ପ୍ରକାଶ ପରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଲଢେଇ ଆରମ୍ଭ ହୋଇଯାଇଛି ଅଧିକାଂଶ ପଦବୀ ନିମନ୍ତେ । ରାୟଗଡା ସ୍ୱୟଂ ଶାସିତ କଲେଜରେ କେହି ପ୍ରର୍ଥିପତ୍ର ଦାଖଲ କରିନଥିବା ବେଳେ କେତେକ ପଦବୀରେ ପ୍ରାର୍ଥୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି ମାତ୍ର ସଭାପତି ଓ ସମ୍ପାଦକ ପଦବୀ ନିମନ୍ତେ ଲଢେଇ ହେବ ବୋଲି ଜଣା ପଡିଛି । ବିଭିନ୍ନ ପ୍ରକାର ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସ ଦଳ ଆଶାୟୀ ପ୍ରାର୍ଥୀଙ୍କୁ ଆକୃଷ୍ଟ କରିବା ନିମନ୍ତେ ଆପ୍ରାଣ ଚେଷ୍ଟା ଚଳାଇଛନ୍ତି ରାୟଗଡା ସ୍ୱୟଂ ଶାସିତ କଲେଜରେ ସଭାପତି ପଦବୀ ନିମନ୍ତେ ରାହୁଲ ନାୟକ ଓ ପଙ୍କଜ କୁମାର ମାଝୀ, ସାଧାରଣ ସମ୍ପାଦକ ନିମନ୍ତେ କମଳା କାନ୍ତ ସାହୁ ଓ ସଦନନ୍ଦ ପେଦେଣ୍ଟି ସେହିଭଳି ସାଂସ୍କୃତିକ ସଂସଦ ପାଇଁ ବିନୋଦ ବିଡିକା ଓ ରାଜେଶ କୁମାର ରାଉତ, ଛାତ୍ର ପାଣ୍ଠି ସଂସଦରେ ବିଶ୍ୱଭୂଷଣ ବିଶ୍ୱାଳ ଓ ମଙ୍ଗରାଜୁ ପେଦେଣ୍ଟି ଛାତ୍ର କମନରୁମ ପାଇଁ ଏନ. ଶ୍ରୀନାଥ ଓ ସନ୍ତୋଷ ହୁଇକାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ ଅନ୍ୟ ପକ୍ଷରେ





ଉପସଭାପତି ଭାବେ ଯଶବିନ୍ଦର ନାୟକ, ଯୁଗ୍ମ ସମ୍ପାଦକ ରୁପେ ସାଇ କୃଷ୍ଣ ତାଡୀଙ୍ଗି, କ୍ରୀଡା ସମ୍ପାଦକ ରୁପେ ମାଝୀ ଚୁଡି, ନାଟ୍ୟ ସମ୍ପାଦକ ଭାବେ ମନୋଜ ନାୟକ, ବିଜ୍ଞାନ ସମ୍ପାଦକ ରୂପେ ଅଜୟ କୁମାର ପାଣିଗ୍ରାହୀ, ଛାତ୍ରୀ କମନ ରୁମ ସମ୍ପାଦିକା ରୁପେ ନିବେଦିତା ପଡିହାରୀ, ବାଣିଜ୍ୟ ସମ୍ପାଦକ ବାବେ ଆଶୁତୋଷ ତିୱାରୀ ପ୍ରମୁଖ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି ସାହିତ୍ୟ ସଂସଦ ସମ୍ପାଦକ ସମତେ ଅନେକ ଯୁଗ୍ମ ପଦବୀ ନିମନ୍ତେ ଓ ଶ୍ରେଣୀ ପ୍ରତିନିଧି ଭାବେ କେହି ନାମାଙ୍କନ ପତ୍ର ଦାଖଲ କରିନାହାନ୍ତି ବୋଲି ନିର୍ବାଚନ ପରିଚାଳନା କରୁଥିବା ଅଧିକାରୀ ଶ୍ରୀ ୱାଇ ଭିସାଇ ମାଧବ, ଅଶୋକ ସାହୁ ସଂଗ୍ରାମ କେଶର ନାୟକ ରାଜେଶ କୁମାର ବେହେରା ପ୍ରକାଶ କରିଛନ୍ତି ସେପରି ରାୟଗଡା ମହିଳା ମହାବିଦ୍ୟାଳୟରେ ମଧ୍ୟ ନିର୍ବାଚନ ନିମନ୍ତେ ସଭାପତି ନିମନ୍ତେ ଆଟା କାଡ୍ରାକା ଓ ଟାକ୍ରି ଅଞ୍ଜନ ଉପସବାପତି ରୁପେ ହଲବ ମଞ୍ଜୁଲତା, ସାଧାରଣ ସମ୍ପାଦିକା ଭାବେ କୁସୁଲିଆ ହସ୍ତିନା ଓ ସୁପ୍ରିୟା ନାୟକ, ଯୁଗ୍ମ ସମ୍ପାଦିକା ଭାବେ ପ୍ରିୟ ମନପୁରମ, ଡ୍ରାମାଟିକ ସମ୍ପାଦିକା ରୁପେ ନାୟକ ଗୁପ୍ତେଶ୍ୱରୀ, ସାସ୍କୃତିକ ସମ୍ପାଦିକା ନାରଙ୍ଗପ୍ରଭା ପ୍ରତିଦ୍ୱନ୍ଦିତା କରୁଥିବା ନିର୍ବାଚନ ଅଧିକାରୀ ଅର୍ଚ୍ଚନା ପଟ୍ଟନାୟକ ପ୍ରକାଶ କରିଛନ୍ତି ଉଭୟ କଲେଜର ନିର୍ବାଚନ ଅଧିକାରୀ ମାନେ କହିଛନ୍ତି ଆଗକୁ ମଧ୍ୟ ନିର୍ବାଚନ ଶାନ୍ତିପୂର୍ଣ୍ଣ ହେବ ବୋଲି ଆଶା ରଖିଛନ୍ତି ।









### ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲରେ ଗାନ୍ଧି ଜୟନ୍ତୀ

# 'ସତ୍ୟ ହିଁ ପରମ ଧର୍ମ'



**ଭୁବନେଶ୍ୱର :** ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭାରତୀୟ ସଂସ୍କୃତିକୁ ସର୍ବଦା ଉଚିତ ସମ୍ମାନ ପ୍ରଦର୍ଶନ କରିବା କ୍ଷେତ୍ରରେ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି । ସତ୍ୟ ଅହିଂସାର ପରିବ୍ରାଜକ ଆମ ଜାତିର ପିତା ମହାତ୍ମା ଗାନ୍ଧିଙ୍କ ୧୫୦ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ବିଦ୍ୟାଳୟର ଚେୟାରମ୍ୟାନ୍ ପବିତ୍ର କୁମାର ରାଉତରାଏ ଗାନ୍ଧି ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସତ୍ୟ କହିବା ଓ କର୍ମଠ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏଥିସହ ଶ୍ରୀ ରାଉତରାଏ କହିଥିଲେ ଯେ, ଛାତ୍ର ଜୀବନରୁ ପିଲାମାନେ ସତ୍ୟ ହିଁ ପରମ ଧର୍ମ ବୋଲି ମାନିନେଲେ ସେମାନଙ୍କ ଭବିଷ୍ୟତ ଜୀବନ ଉଜ୍ଜ୍ୱଳ ହେବା ସହିତ ବାପୁଜୀଙ୍କ ପାଇଁ ଏହା ପ୍ରକୃତ ଶ୍ରଦ୍ଧା ହୋଇପାରିବ । ଯାହାଫଳରେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହେବା ସହିତ ଆମ ଦେଶ ଏକ ଶାନ୍ତିକାମୀ ଦେଶ ବୋଲି ପୁଣିଥରେ ପ୍ରମାଣିତ ହୋଇପାରିବ । ବିଦ୍ୟାଳୟର ଅଧକ୍ଷ ଡକ୍ଟର ସ୍ୱରୂପାନନ୍ଦ ମିଶ୍ର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ଏକମନ, ଏକପ୍ରାଣ ହୋଇ କାର୍ଯ୍ୟ କରିଚାରିଲେ ଉନ୍ନତିର ପଥ ଆପେ ଆପେ ଉନ୍ମୁକ୍ତ ହୁଏ । ଅସ୍ପୃଶ୍ୟତା ଦୂର କରିବା କ୍ଷେତ୍ରରେ ଗାନ୍ଧିଜୀ ଯେଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ ଚରିତ୍ର ଗଠନ ଓ ସମୟାନୁବର୍ତ୍ତିତା ପାଇଁ ମଧ ସେଭଳି କାର୍ଯ୍ୟ କରୁଥିଲେ । ତେଣୁ ପିଲାମାନେ ବର୍ତ୍ତମାନଠାରୁ ଗାନ୍ଧି ଦର୍ଶନ ସହିତ ନିଜକୁ ସଂଶ୍ଲିଷ୍ଟ କରିବା ଦରକାର । ଉପାଧକ୍ଷ କବୀନ୍ଦ୍ର ଦାଶ କହିଥିଲେ ଯେ, ସତ୍ୟ ଓ ଧର୍ମକୁ ପାଥେୟ କଲେ ଜୀବନରେ ଶାନ୍ତି ମିଳେ । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ବିଦ୍ୟାଳୟର କର୍ମଚାରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ରଘୁପତି ରାଘବ ରାଜା ରାମ.... ଗାନ କରିବା ସହିତ ଗାନ୍ଧିଙ୍କ ପ୍ରତିମୂର୍ତ୍ତି ତଳେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି